


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୯ ଜୁନ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 JUNE 2021

Vol.No. 32 ■ No. 163 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ କରୋନା ପ୍ୟାକେଜ ଘୋଷଣା

## କୋଭିଡ ପ୍ରଭାବିତଙ୍କ ପାଇଁ ୧.୧ ଲକ୍ଷ କୋଟିର ଲୋନ ଗ୍ୟାରେଣ୍ଟି



ନୂଆଦିଲ୍ଲୀ,୨୮/୦୬ (ନି.ପ୍ର): ମହାମାରୀ କରୋନା ଦ୍ୱାରା କ୍ଷତିଗ୍ରସ୍ତ ସେକ୍ଟରଗୁଡ଼ିକ ପାଇଁ କେନ୍ଦ୍ର ସରକାର ଜରୁରୀ ଋଣ ସହାୟତାର ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଋଣ ସହାୟତା ସମ୍ପର୍କରେ ସୂଚନା ଦେଇଛନ୍ତି। କରୋନା କ୍ଷତିଗ୍ରସ୍ତ ପାଇଁ କେନ୍ଦ୍ର ସରକାର ୧.୧ ଲକ୍ଷ କୋଟି ଟଙ୍କାର ଋଣ ଘୋଷଣା କରିଛନ୍ତି। ଏହା ମଧ୍ୟରୁ ୫୦ ହଜାର କୋଟି ଟଙ୍କା ସ୍ୱାସ୍ଥ୍ୟ କ୍ଷେତ୍ରକୁ ଓ ବାକି କ୍ଷେତ୍ର ପାଇଁ ୬୦ ହଜାର କୋଟି ଟଙ୍କାର ଋଣ ପ୍ୟାକେଜ ଘୋଷଣା କରାଯାଇଛି। ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି, ଆଜି କେନ୍ଦ୍ର ସରକାର ୮ଟି ଆର୍ଥିକ ସହାୟତା ସମ୍ପର୍କରେ ନିଷ୍ପତ୍ତି ନେଇଛନ୍ତି। ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାକୁ ୨୦୨୧ ଜୁନ୍ ୩୦ରୁ ୨୦୨୨ ମାର୍ଚ୍ଚ ୩୧ ଯାଏ ବୃଦ୍ଧି କରାଯାଉଛି। ୫ ଲକ୍ଷ ପର୍ଯ୍ୟଟକଙ୍କ ପାଇଁ ମାଗଣା ଭିସା ଯୋଜନା ଲାଗୁ କରାଯିବ। ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବା ପରେ ଭାରତକୁ ପ୍ରଥମେ ଆସିବାକୁ ଥିବା ୫ ଲକ୍ଷ ଲୋକଙ୍କ ପାଇଁ କୌଣସି ପ୍ରକାରର ଟୁରିଷ୍ଟ ଭିସା ବାବଦ ଫି' ଲାଗୁ ହେବନି। ୨୦୨୨ ମାର୍ଚ୍ଚ ୩୧ ଯାଏ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହା ମଧ୍ୟରେ ଯଦି ୫ ଲକ୍ଷ ପର୍ଯ୍ୟଟକ ଆସିଯିବେ, ତା'ହେଲେ ଏହି ସଂଖ୍ୟା ପରେ ମାଗଣା ଭିସା ବ୍ୟବସ୍ଥାକୁ ବନ୍ଦ କରିଦିଆଯିବ। ଜଣେ ପର୍ଯ୍ୟଟକଙ୍କୁ ଗୋଟିଏ ଥର ଏହି ସୁବିଧା ମିଳିବ। କିଛି କଟକଣା ମଧ୍ୟରେ ୧୧ ହଜାରରୁ ଅଧିକ ଟୁରିଷ୍ଟ ▶▶ପୃଷ୍ଠା ୭

# ୧୦ ଜିଲ୍ଲାରେ ଖୋଲିବ ନର୍ସିଂ କଲେଜ୍

ଭୁବନେଶ୍ୱର,୨୮/୦୬(ନି.ପ୍ର): ରାଜ୍ୟର ୧୦ ଗୋଟି ଜିଲ୍ଲାରେ ନର୍ସିଂ କଲେଜ୍ ଖୋଲିବ । ସବୁ କଲେଜରେ ୬୦ଟି ଲେଖାଏଁ ସିଟ୍ ରହିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ । ସେ କହିଛନ୍ତି ଯେ ଏଥିସହ ପରବର୍ତ୍ତୀ ସମୟରେ ଏହି ସିଟ୍ ସଂଖ୍ୟା ବୃଦ୍ଧି କରାଯିବ । ସେ କହିଛନ୍ତି ଯେ ମୟୂରଭଞ୍ଜ, ବଲାଙ୍ଗିର, କୋରାପୁଟ, ବାଲେଶ୍ୱର, ଝାରସୁଗୁଡ଼ା, ପୁରୀ, ସୁନ୍ଦରଗଡ଼, ଅନୁଗୁଳ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ନର୍ସିଂ କଲେଜ ଖୋଲିବ । ଏଥିସହ ଝାରସୁଗୁଡ଼ା ଜିଲ୍ଲାରେ ଚଳିତବର୍ଷ ହାର୍ଟ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଛନ୍ତି ।

# ଅତ୍ୟାଧୁନିକ ଦୂରଗାମୀ କ୍ଷେପଣାସ୍ତ୍ର 'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷା



ବାଲେଶ୍ୱର,୨୮/୦୬ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ସୋମବାର ଦୂରଗାମୀ କ୍ଷେପଣାସ୍ତ୍ର 'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣ ହୋଇ ଯାଇଛି। ଭଦ୍ରକ ଜିଲା ଧାମରାସ୍ଥିତ ଏପିଜେ ଅବଦୁଲ କାଲାମ ଦ୍ୱୀପର 'ଆଇଟିଆର ଲଞ୍ଚ କମ୍ପ୍ଲେକ୍ସ-୪'ରୁ ପୂର୍ବାହ୍ନ ୧୦ଟା ୫୫ ମିନିଟରେ ସଫଳ ଉତକ୍ଷେପଣ କରାଯାଇଥିଲା। ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ଉତକ୍ଷେପଣ କରାଯାଉଥିବା ଅଗ୍ନି ସିରିଜର ଏହି ବିକଶିତ ସଂସ୍କରଣ ଅତ୍ୟାଧୁନିକ 'ଅଗ୍ନି-ପ୍ରାଇମ' ୨ହଜାର କିଲୋମିଟ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିଥାଏ। ଏହା ଏକ ହଜାର କିଲୋଗ୍ରାମ ଓଜନର ଉଭୟ ପାରମ୍ପାରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରି ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ। ତେବେ ଆଜିର ଏହି ପରୀକ୍ଷଣ ବେଳେ କ୍ଷେପଣାସ୍ତ୍ରର ଗତିବିଧି ଉପରେ ନଜର ରଖିବା ପାଇଁ ବିଭିନ୍ନ ସ୍ଥାନରେ ▶▶ପୃଷ୍ଠା ୭

# ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୮/୦୬ (ନି.ପ୍ର): ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୧୬ ଟି ଜିଲ୍ଲାରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା,ନୟାଗଡ , ଗଜପତି, ଗଂଜାମ, କେନ୍ଦୁଝର, ମୟୁରଭଂଜ, ମାଲକାନଗିରି , କୋରାପୁଟ ଓ କନ୍ଧମାଳ। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରପକ୍ଷରେ ଜୁନ୍ ୧ ତାରିଖରୁ ୨୮ ତାରିଖ ମଧ୍ୟରେ ଓଡିଶାରେ ମୌସୁମୀଜନିତ ୧୭୯.୭ମିମି ବର୍ଷା ରେକର୍ଡ ହୋଇଛି ଯାହା ସ୍ୱାଭାବିକ ବର୍ଷା ୧୯୭.୮ ମିମି ଠାରୁ ୯ ପ୍ରତିଶତ କମ୍ ।

# ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ

## ଆମର ମହାପ୍ରଭୁ ବଡ, ଆମର ବିଚାର ବି ବଡ଼ ହେବା ଦରକାର : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୮/୦୬ (ନି.ପ୍ର): କେବଳ ରାଜନୀତି କରିବା ନୁହେଁ ବରଂ ରାଜନୈତିକ ଓ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ସାଢ଼େ ଚାରି କୋଟି ଓଡ଼ିଆଙ୍କ ବିକାଶ କରିବା ଆମର ଦାୟିତ୍ୱ। ଆମର ମହାପ୍ରଭୁ ବଡ, ଆମର ବିଚାର ବି ବଡ଼ ହେବା ଦରକାର। ଏଭଳି କଳ୍ପନା କରି ଆମକୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ସୋମବାର ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ବୈଠକରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପିର କାର୍ଯ୍ୟକର୍ତ୍ତା ମାନେ ଜଣେ ରାଜନୈତିକ ଓ ସାମାଜିକ କର୍ମୀ ଭାବରେ କେବଳ ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ନୁହେଁ ବରଂ ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ଆଗକୁ ନେବା ପାଇଁ, ରାଜ୍ୟକୁ ଦାରିଦ୍ର୍ୟରୁ ମୁକ୍ତି ଦେବା ପାଇଁ ଏବଂ ରୋଜଗାର ବଢ଼ାଇବା ପାଇଁ ତଥା ସାମାଜିକ ଗଣମାଧ୍ୟମରେ ଯୋଡ଼ିହୋଇ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଁଚାଇବା ପାଇଁ କାମ କରିବା ଦରକାର। ▶▶ପୃଷ୍ଠା ୭

# ଓଡିଶା ଆସିଲା ଋଷିଆ ଟିକା

ଭୁବନେଶ୍ୱର,୨୮/୦୬(ନି.ପ୍ର): କରୋନା ଲଢେଇର ପ୍ରମୁଖ ଅସ୍ତ୍ର ହେଉଛି ଟିକା । ରାଜ୍ୟରେ ଲୋକଙ୍କ ଦୁଇଟି ଟିକା ତଥା କୋଭାକସିନ୍ ଓ କୋଭିସିଲ୍ଡ ଦିଆଯାଉଛି । ହେଲେ ଏବେ ଓଡିଶାରେ ମିଳୁଛି ଋଷିଆ ଟିକା । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସ୍ପୁଟନିକ୍-ଭି ଟିକା ଉପଲବ୍ଧ ହେଉଛି । ୧୧ଶହ ୪୫ ଟଙ୍କାରେ ସ୍ପୁଟନିକ୍-ଭି ର ଗୋଟିଏ ଡୋଜ୍ ନେଇପାରିବେ । ଏହି ଟିକା ୯୧ ପ୍ରତିଶତରୁ ଅଧିକ ପ୍ରଭାବି ବୋଲି କୁହାଯାଉଛି । ଅନ୍ୟ ଦୁଇଟି ଟିକା ଭଳି ସ୍ପଟିନିକ୍-ଭି ଟିକାର ଦୁଇଟି ଡୋଜ ନେବା ପାଇଁ ପଡିବ । ପ୍ରଥମ ଡୋଜ ଟିକା ନେବାର ୨୧ ଦିନ ପରେ ଦ୍ୱିତୀୟ ଡୋଜ୍ ଟିକା ନେବାକୁ ପଡିବ ।

## ତେଲେଙ୍ଗାନା ସରକାରଙ୍କ ବଡ ଘୋଷଣା

# ପ୍ରତି ଦଳିତ ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯିବ ୧୦ ଲକ୍ଷ ଟଙ୍କାର ସହାୟତା ରାଶି



ନୂଆଦିଲ୍ଲୀ,୨୮/୦୬ : ରାଜ୍ୟର ଦଳିତ ଲୋକମାନଙ୍କୁ ଆର୍ଥିକ ସହାୟତା ନେଇ ତେଲେଙ୍ଗାନା ସରକାର ବଡ ଘୋଷଣା କରିଛନ୍ତି । ଦଳିତ ଲୋକମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ କେ.ସି.ଆର ସରକାର ପ୍ରତି ଦଳିତ ପରିବାରର ବ୍ୟାଙ୍କ ଆକାଉଣ୍ଟରେ ୧୦ ଲକ୍ଷ ଟଙ୍କା ଡିପୋଜିଟ୍ କରିବା ନେଇ ଘୋଷଣା କରିଛନ୍ତି । କୁହାଯାଇଛି କି, ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୧୧,୯୦୦ ଲୋକଙ୍କୁ ଚିହ୍ନଟ କରାଯିବ । ସରକାର ପ୍ରସ୍ତୁତ କରିଥିବା ଯୋଜନା ମୁତାବକ ରାଜ୍ୟର ୧୧୯ ବିଧାନସଭା କ୍ଷେତ୍ର ମଧ୍ୟରୁ ପ୍ରତିଟି ବିଧାନସଭା କ୍ଷେତ୍ରରୁ ୧୦୦ ଟି ଲେଖାଏଁ ଦଳିତ ପରିବାରକୁ ▶▶ପୃଷ୍ଠା ୭

# ବଂଶୀଧର ମାଝୀ ଭିସୁଟ୍ କୁଳପତି ନିଯୁକ୍ତ

ଭୁବନେଶ୍ୱର,୨୮/୦୬ (ନି.ପ୍ର): ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି(ଭିସୁଟ୍) ର ନୂତନ କୁଳପତି ଭାବେ ପ୍ରଫେସର ବଂଶୀଧର ମାଝୀଙ୍କୁ ନିଯୁକ୍ତି ମିଳିଛି। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଏହି ନିଯୁକ୍ତି ଦେଇଛନ୍ତି। ଶ୍ରୀ ମାଝୀ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ପ୍ରଫେସର ମାଝୀ ବର୍ତ୍ତମାନ ଆଇଆଇଆଇଟିଡିଏମ୍ କାଂଚିପୁରମ, ଚେନ୍ନାଇର ନିର୍ଦ୍ଦେଶକ ଅଛନ୍ତି । ଶିକ୍ଷାଦାନ କ୍ଷେତ୍ରରେ ତାଙ୍କ ୨୬ ବର୍ଷର ଅଭିଜ୍ଞତା ରହିଛି ।

# ପୁଣି ବିବାଦ ଘେରରେ ଟ୍ୱିଟର

## କାଶ୍ମୀର ଓ ଲଦାଖ ନଥାଇ ଜାରିକଲା ଭାରତୀୟ ମାନଚିତ୍ର



ନୂଆଦିଲ୍ଲୀ,୨୮/୦୬ (ନି.ପ୍ର): କେନ୍ଦ୍ର ସରକାର ଓ ଟ୍ୱିଟର ମଧ୍ୟରେ ଚାଲିଥିବା ବିବାଦ ଆଉପାଦେ ଆଗକୁ ବଢିଛି । ଏକ ବିବାଦୀୟ ମାନଚିତ୍ର ଜାରି କରି ଟ୍ୱିଟର ପୁଣି ବିବାଦ ଘେରକୁ ଆସିଛି । ଟ୍ୱିଟର ତରଫରୁ ଜାରି କରାଯାଇଥିବା ମାନଚିତ୍ରରେ ଲଦାଖ ଓ କାଶ୍ମୀରକୁ ଅଲଗା ଦେଶ ଭାବେ ଚିହ୍ନିତ କରାଯାଇଛି । ସୂଚନା ମୁତାବକ ଟ୍ୱିଟରର କ୍ୟାରିୟର ପେଜର ଟ୍ୱିପ୍ ଲାଇଫ ସେକ୍ସନରେ ବିଶ୍ୱ ମାନଚିତ୍ର ରହିଛି । ଏହି ମ୍ୟାପ ସହାୟତାରେ ଟ୍ୱିଟର ଦର୍ଶାଇଥାଏ କି ସାରା ବିଶ୍ୱରେ ତାର ଟିମ୍ ରହିଛି । ଏହି ମ୍ୟାପରେ ଭାରତ ବି ରହିଛି । ମାତ୍ର ଭାରତର ମାନଚିତ୍ରକୁ ବିବାଦୀୟ ଭାବେ ଦେଖାଯାଇଛି । ଟ୍ୱିଟରରେ ଦର୍ଶା ଯାଇଥିବା ଭାରତର ମାନଚିତ୍ରରେ ଲଦାଖ ଓ କାଶ୍ମୀର ନାହିଁ । ଏହାକୁ ଦୁଇଟି ଅଲଗା ଅଲଗା ଦେଶ ଭାବେ ଦର୍ଶାଇଛି ଟ୍ୱିଟର । ଏହା ପୂର୍ବରୁ ବି ଥରେ ଏମିତି ବିବାଦୀୟ ଭାରତ ମାନଚିତ୍ର ଟ୍ୱିଟର ପକ୍ଷରୁ ଦର୍ଶା ଯାଇଥିଲା । ଯେଉଁଥିରେ ▶▶ପୃଷ୍ଠା ୭

# ମାଟ୍ରିକ୍ ମାର୍କକୁ ନେଇ ତେଜିଲା ବିବାଦ

- ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ କଲେ ଛାତ୍ରଛାତ୍ରୀ ଓ ଅଭିଭାବକ
- ବୋର୍ଡ ସଭାପତି କହିଲେ, ମୂଲ୍ୟାୟନରେ ହୋଇନି କୌଣସି ତ୍ରୁଟି



ଭୁବନେଶ୍ୱର,୨୮/୦୬(ନି.ପ୍ର): ବିବାଦ ଘେରରେ ମାଟ୍ରିକ ମାର୍କ । ମାଟ୍ରିକ୍ ପରୀକ୍ଷା ଫଳକୁ ନେଇ ତେଜୁଛି ଅସନ୍ତୋଷ । ମେଧାବୀ ଛାତ୍ରଛାତ୍ରୀଙ୍କୁ ଅପେକ୍ଷାକୃତ କମ୍ ମାର୍କ ଦିଆଯାଇଥିବା ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଛନ୍ତି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ । ସ୍କୁଲ ଗୁଡ଼ିକରୁ ଆରମ୍ଭ ହୋଇଥିବା ପ୍ରତିବାଦ ଏବେ ବୋର୍ଡ ଅଫିସ୍ ଯାଏଁ ପହଂଚିଯାଇଛି । କଟକ, ଭୁବନେଶ୍ୱର, ପୁରୀ ଓ ସମ୍ବଲପୁର ସମେତ ବିଭିନ୍ନ ସ୍ଥାନରେ ପ୍ରତିବାଦ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । କରୋନା ପାଇଁ ବିକଳ୍ପ ମାର୍କିଂ ବ୍ୟବସ୍ଥାରେ ରେଜଲ୍ଟ ବାହାରିବା ପରେ ଏଭଳି ପ୍ରତିକ୍ରିୟା ପୂରା ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନଟ ଲଗାଇ ଦେଇଛି । ସ୍କୁଲ ଗୁଡ଼ିକରୁ ଆରମ୍ଭ ହୋଇଥିବା ପ୍ରତିବାଦ ଏବେ ବୋର୍ଡ ଅଫିସ୍ ଯାଏଁ ପହଂଚିଯାଇଛି । କଟକ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଆଗରେ ଛାତ୍ରଛାତ୍ରୀ ଓ ▶▶ପୃଷ୍ଠା ୭

# ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଆଲୋଚନା

ଭୁବନେଶ୍ୱର,୨୮/୦୬ (ନି.ପ୍ର): ଓଡିଶା ପ୍ରଦେଶ ବିଜେପି କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟର ରାଜନୈତିକ ସ୍ଥିତିକୁ ନେଇ ଆଲୋଚନା କରା ଯିବା ସହ ଏକ ପ୍ରସ୍ତାବ ଗୃହୀତ କରା ଯିବା ସହ ଆଗାମୀ ୩ ମାସ ପାଇଁ ରାଜ୍ୟ ବିଜେପିର ରୋଡ଼ ମ୍ୟାପ ତିଆରି ହୋଇଛି । ଭାର୍ଚୁଆଲ ମୋଡରେ ଚାଲିଥିବା ଏହି ବୈଠକରେ ଭୁବନେଶ୍ୱର ଦଳୀୟ ଅଫିସରେ ରାଜ୍ୟ ସଭାପତି ସମୀର ମହାନ୍ତି, ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି ରହିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ପାର୍ଟୀର ରାଜ୍ୟ ପ୍ରଭାରୀ ପୁରନ୍ଦେଶ୍ୱରୀ ଓ ସହ ପ୍ରଭାରୀ ବିଜୟ ପାଲ ସିଂହ ତୋମର ଓ ଅନ୍ୟ ବରିଷ୍ଠ ନେତା ମାନେ ଅନଲାଇନ ଜରିଆରେ ସାମିଲ ଥିଲେ । ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ବୈଠକରେ ରାଜ୍ୟ ସରକାରଙ୍କ ବିଫଳତାକୁ ଜନସାଧାରଣଙ୍କ ସମ୍ମୁଖକୁ ଆଣିବାକୁ ରାଜନୈତିକ ଚିଠା ପ୍ରସ୍ତାବ ପାରିତ କରା ଯିବା ସହ ସହ କେନ୍ଦ୍ରର ସମସ୍ତ ସହଯୋଗ ପାଇଁ ଧନ୍ୟବାଦ ପ୍ରସ୍ତାବ ମଧ୍ୟ ପାରିତ ହୋଇଛି । ରାଜ୍ୟରେ କରୋନା ସଂକ୍ରମଣ ବେଳେ କେନ୍ଦ୍ର ସରକାର ହାତ ଖୋଲିକି ରାଜ୍ୟକୁ ସାହାଯ୍ୟ କରୁଥିବା ବେଳେ ରାଜ୍ୟ ମୁକାବିଲା କରିବାରେ ବିଫଳ ହୋଇଥିବା ନେଇ ପ୍ରସ୍ତାବରେ ଅଭିଯୋଗ କରା ଯାଇଛି । ପ୍ରଥମ ଲହରରେ ଅସ୍ଥାୟୀ ମେଡିକାଲ ସେଂଟର ଖୋଲି କୋଟି କୋଟି ଟଙ୍କା ଖର୍ଚ୍ଚ କଲେ । କିନ୍ତୁ ଏହି ଲହରରେ କଲେ ନାହିଁ କିମ୍ବା ପୂର୍ବର ହିସାବ ଦେଲେ ନାହିଁ । ୭୪୨୦୨୦ରେ ମେଡିକାଲ ଅକ୍ସିଜେନ ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ହେଇପାରିଲାନି । କେନ୍ଦ୍ର ସରକାରଙ୍କ ଯୋଗୁ ୩୨ଟି ପ୍ଲାଂଟ ହେଇପାରିଛି । କେନ୍ଦ୍ର ଯୋଗାଇଥିବା ଆଇସିୟୁ, ଭେଂଟିଲେଟର ଖତ ଖାଉଛି । ଇକମୋ ମେସିନ ରାଜ୍ୟ ସରକାର ଲଗେଇ ▶▶ପୃଷ୍ଠା ୭

# ଜୁନ ମାସ ପାଇଁ ଅତିରିକ୍ତ ୬ ଲକ୍ଷ କୋଭିସିଲ୍ଡ ଟିକା ଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୨୮/୦୬ (ନି.ପ୍ର): ରାଜ୍ୟରେ କୋଭିସିଲ୍ଡ ଟୀକାର ଅଭାବ କାରଣରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଜୁନ ମାସ ପାଇଁ ଅତିରିକ୍ତ ୬ ଲକ୍ଷ କୋଭିସିଲ୍ଡ ଟୀକା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ହର୍ଷବର୍ଦ୍ଧନଙ୍କୁ ପତ୍ର ଲେଖିଛନ୍ତି । ସେ ଏହି ପତ୍ରରେ ଲେଖିଛନ୍ତି ଯେ ରାଜ୍ୟରେ ଟିକାକରଣ ଜାରି ରହିଛି । ଜୁନ୍ ୨୧ରୁ ଦୈନିକ ହାରାହାରି ୩ ଲକ୍ଷ ଟିକାକରଣ ହେଉଛି ।

# ସୁନା ଚେନ ଲୁଟେରା ଗିରଫ : ସୁନା ଗହଣା, ମୋବାଇଲ ଓ ବାଇକ୍ ଜବତ

ଧର୍ମଶାଳା,୨୮/୬ (ନି.ପ୍ର): ଯାଜପୁର ଧର୍ମଶାଳା ପୁଲିସକୁ ସଫଳତା। ବିଭିନ୍ନ ସ୍ଥାନରେ ବାଇକ ଚାଳକଙ୍କ ଠାରୁ ସୁନା ଗହଣା, ମୋବାଇଲ ଲୁଟ୍ କରୁଥିବା ୨ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଏବଂ ଏହି ଚୋରୀ ସୁନାଗହଣାକୁ ଅଭିଯୁକ୍ତମାନେ ୨ ଜଣ ସୁନା ଦୋକାନୀକୁ ବିକ୍ରୀ କରୁଥିଲେ। ଏହି ଚୋରୀ ସୁନା କିଣିବା ଅଭିଯୋଗରେ ୨ ଜଣ ସୁନା ଦୋକାନୀ ଓ ଚୋରୀ ମୋବାଇଲ କିଣିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୪ ଗୋଟି ସୁନା ଚେନ, ୮ ଗୋଟି ଦାମୀ ମୋବାଇଲ, ଗୋଟିଏ ନୂଆ ହିରୋ ଷ୍ଟ୍ରିମ ବାଇକ୍ ନଂ (ଓଡି୦୪ଏନ୧୩୨୯) ଓ ଗୋଟିଏ ଗ୍ଲାମର ବାଇକକୁ ଜବତ କରାଯାଇଥିବା ନେଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି । ଗିରଫ ୨ ମୁଖ୍ୟ ଅଭିଯୁକ୍ତ ହେଲେ କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଅଂଚଳର ଦୁଇ ଭାଇ ଖୁଦୁସ୍ ଖାଁ (୩୦) ଓ ୟୁନୁସ୍ ଖାଁ (୩୩) ଏବଂ ଚୋରୀ ସାମଗ୍ରୀ କିଣିବା ସୁନା ବ୍ୟବସାୟୀ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ରସୁଲପୁର ବ୍ଲକ ବନ୍ଧଡିହର ମହେଶ୍ୱର ସାହୁ ଓ ଜଗତସିଂପୁର କେଣ୍ଡାଲ ଅଂଚଳର ଜ୍ଞାନ ରଂଜନ ସାହୁ ଓ ଚୋରୀ ମୋବାଇ କିଣିବା ଅଭିଯୋଗରେ ଖନ୍ତପଡାର ସୁଶାନ୍ତ ଜେନା (୩୦)ବୋଲି ଜଣାପଡିଛି । ସୂଚନା ମୁତାବକ, ଖୁଦୁସ୍ ଓ ୟୁନୁସ୍ ଦୁହେଁ କଟକରୁ ଆସି ଧର୍ମଶାଳା ଥାନା ଅନ୍ତର୍ଗତ ରସୁଲପୁର ବ୍ଲକ ବ୍ରହ୍ମବରଦା ଓ ମହେଶ୍ୱରପୁର ଅଂଚଳକୁ ଆସି ଏଠାରେ ବନ୍ଧୁ ସମ୍ପର୍କ ସ୍ଥାପନ କରି ରାତିରେ ଦୁହେଁ ବିଭିନ୍ନ ଅଂଚଳର ମୁଖ୍ୟ ରାସ୍ତାରେ ଯାତାୟତ କରୁଥିବା ବାଇକ୍ ଚାଳକ ଓ ପଛରେ ବସିଥିବା ମହିଳାଙ୍କ ବେକରୁ ସୁନା ଚେନ ଓ ମୋବାଇଲକୁ ଆଖି ପିଛୁଳାକେ ଲୁଟ କରି ଫେରାର ହୋଇଯାଆନ୍ତି । ୨୦୧୬ ଓ ୨୦୨୧ ମସିହାରେ ବ୍ରହ୍ମବରଦା ଅଂଚଳରେ ସୁନା ଚେନ ଲୁଟ ହୋଇଥିଲା । ଯାହାକୁ ନେଇ ପୁଲିସ ସେହି ଦିନଠାରୁ ସେମାନଙ୍କ ଗତିବିଧି ଉପରେ ନଜର ରଖି ଦୁହିଁଙ୍କୁ ବିଭିନ୍ନ ସ୍ଥାନରେ ଚଢାଉକରି ଗିରଫ କରିଥିଲା । ସେମାନଙ୍କ ନାମରେ ପୂର୍ବରୁ ଧର୍ମଶାଳା ଥାନାରେ ୩ଟି ଓ କୁଆଖିଆ ଥାନାରେ ୨ଟି ମାମଲା ରହିଥିବା ଜଣାପଡିଛି । ଏହି ଲୁଟେରାମାନେ ଚୋରୀ ସୁନାକୁ ଆଣି ବ୍ରହ୍ମବରଦା ପୁରଣା ଫାଣ୍ଡିଛକରେ ଥିବା ସୁନା ଦୋକାନୀ ମହେଶ୍ୱର ସାହୁ ଓ ଜଗତସିଂପୁର ଅଂଚଳର ସୁନା ଦୋକାନୀ ଜ୍ଞାନରଂଜନ ସାହୁକୁ ବିକ୍ରୀ କରିଥାନ୍ତି । ଆଜି ମୋଟ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଧର୍ମଶାଳା ପୁଲିସ ସୂଚନା ଦେଇଛି ।

# ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଯୁବ ଉପଭୋକ୍ତାଙ୍କ ବିରୋଧ

ଧର୍ମଶାଳା,୨୮/୬ (ନି.ପ୍ର): ଯାଜପୁର ଜିଲା କୁଆଖିଆ ନେସ୍କୋ ଅଧିନରେ ବିଭିନ୍ନ ଅଂଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଛି । ଯାହାକୁ ନେଇ ଉପଭୋକ୍ତାମାନେ ଏହାକୁ ଘୋର ବିରୋଧ କରିବା ସହ ଆଗକୁ ଏହି ବିରୋଧକୁ ଦୃଢ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ନେସ୍କୋ କାର୍ଯ୍ୟାଳୟ ଅଧିନରେ ଥିବା ବ୍ରହ୍ମବରଦା, ମହେଶ୍ୱରପୁର,ବନ୍ଧଡିହ, ଅରାବଳ,ଝାଲପଡା ଆଦି ପଂଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି । ଯାହାକୁ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଯୁବକମାନେ ପ୍ଲାକାର୍ଡ ଧରି ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତସ୍ଥ ବାଲିଗୁଡା ଗ୍ରାମ ପରିକ୍ରମା କରି ଉପଭୋକ୍ତାମାନଙ୍କୁ ସଚେତନ କରିଛନ୍ତି । ଅଘୋଷିତ ବିଦ୍ୟୁତ୍ କାଟ,ବିଦ୍ୟୁତ୍ ବିଲ ବୃଦ୍ଧି ଓ ଅଂଚଳର ବହୁ ବିଜୁଳି ସମସ୍ୟା ନେଇ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଏହି ବିରୋଧକୁ ଦୃଢ କରାଯିବ ବୋଲି ବନମାଳୀ ସାହୁ,ସୁକାନ୍ତ ସାହୁ, ପ୍ରଶାନ୍ତ ସର, ରମେଶ ଚନ୍ଦ୍ର ରଣା, ଦୁଃଖୀଶ୍ୟାମ ସର, ବିଚିତ୍ର ସାମଲ, ପିତାମ୍ବର ସାହୁ,ଶଶିଭୂଷଣ ରଣା, ଉଦକର ସାହୁ,ଜନାର୍ଦ୍ଦନ ସାହୁ, ପଙ୍କଜ ମିଶ୍ର,ଅଶୋକ ରଣା,ସୁନାଶିର ସର ଓ ସୁଧାଂଶୁ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ସଡ଼କ ଦୁର୍ଘଟଣାରେ ଆହତ ସାମ୍ବାଦିକ ଆନନ୍ଦ ପ୍ରଧାନଙ୍କ ମୃତ୍ୟୁ

କନ୍ଧମାଳ,୨୮/୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ବିଜ୍ଞାପିତ ଅଂଚଳ ଅନ୍ତର୍ଗତ ଦୁଗୁରିପଡି ଗ୍ରାମର ଆନନ୍ଦ ପ୍ରଧାନ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧିନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି । ମୃତ ଆନନ୍ଦ ପ୍ରଧାନ ସାପ୍ତାହିକ ଖବର କାଗଜ ନବୀନର ବ୍ଲକ ସାମ୍ବାଦିକ ଥିଲେ । ଗତ ୨୪ ତାରିଖରେ ଖବର ସଂଗ୍ରହ କରିବାପାଇଁ ଯାଉଥିବା ବେଳେ ସେ ଏକ ସଡକ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ । ଦୁର୍ଘଟଣା ପରେ ତାଙ୍କୁ ଜି.ଉଦୟଗିରି ହସ୍ପିଟାଲରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ମଧ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନହେବାରୁ ୨୫/୬/୨୧ରେ ଏମକେସିଜି କଟକକୁ ସ୍ଥାନାନ୍ତର କରିବାକୁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ । କଟକ ଯିବା ବାଟରେ ରମ୍ଭା ରାସ୍ତାରେ ତାଙ୍କର ଦେହାନ୍ତ ଘଟିଥିଲା । ତାଙ୍କର ମୃତ୍ୟୁରେ ସମଗ୍ର ଜିଲ୍ଲାର ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି ।

ସାମ୍ବାଦିକ ଆନନ୍ଦ ପ୍ରଧାନଙ୍କ ବିୟୋଗରେ ନବୀନ ପତ୍ରିକାର ଜିଲ୍ଲା ପତିନିଧି ତଥା ସମାଜସେବୀ ଏବଂ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରା,ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ,ସନ୍ତୋଷ କୁମାର ଡିଗଲ,ପ୍ରଶାନ୍ତ ବେହେରାଙ୍କ ସମେତ ସାମ୍ବାଦିକ ଆଦିତ୍ୟ ତ୍ରିପାଠୀ, ସୂର୍ଯ୍ୟ ବେହେରା,ପ୍ରଶାନ୍ତ ଜେନା,ରମେଶ ପ୍ରଧାନ ପ୍ରମୁଖଙ୍କ ସହ ବହୁ ଗଣମାଧ୍ୟମ ପ୍ରତିନିଧି ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ସରକାରଙ୍କ ତରଫରୁ ପରିବାରବର୍ଗଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବାକୁ ଗଣମାଧ୍ୟମ ସଂଘ ଗୁଡିକ ଦାବୀ କରିଛନ୍ତି ।

# ଲକ୍ ଡାଉନ୍, ସଟ୍ ଡାଉନ୍ କଟକଣାକୁ ଫୁଃ

## ସକାଳେ ଓ ସନ୍ଧ୍ୟାରେ ଚା ପାନ ଦୋକାନ ଆଗରେ ଭିଡ଼ ଜମୁଛି
## ସନ୍ଧ୍ୟା ଗଡିଲେ ଫ୍ଲାଏ ଓଭର ବ୍ରିଜ୍ ଉପରେ ଲୁଟ୍ ଛିନତାଇର ଭୟ
## ମଠସାହି ଖଜୁରେଶ୍ୱର ମନ୍ଦିର ପଛପାର୍ଶ୍ୱ ନିଶାଖୋରଙ୍କ କବଜାରେ

ସାକ୍ଷିଗୋପାଳ,୨୮/୬ (ନି.ପ୍ର): କରୋନାର ଦ୍ୱିତୀୟ ଲହରରେ ପୁରୀ ଜିଲ୍ଲାରେ ପଜିଟିଭଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଥିବା ବେଳେ ବିଶେଷ କରି ସାକ୍ଷିଗୋପାଳ ବଡ଼ ବଜାର/ଗେଟ୍ ବଜାର ଅଂଚଳରେ ଶନିବାର ଓ ରବିବାର ସଟ୍ ଡାଉନ୍ ସତ୍ୱେ ପାନ ଦୋକାନ ଓ ଚା ଦୋକାନ ସାମ୍ନାରେ ସକାଳେ ସଞ୍ଜେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ତନ୍ମଧ୍ୟରେ ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ରହୁନି । ଏପରି ସ୍ଥିତିରେ ସାମାଜିକ ଦୂରତା କଟକଣାକୁ ପଚାରେ କିଏ । ଖୋଲା ଖୋଲି ଗପସପ । ଚା ପିଆ, ସିଗାରେଟ୍ ଟଣାର ମଜା । ଏହା ବ୍ୟତୀତ ସଟ୍ ଡାଉନ୍ ସମୟରେ କେବଳ ମେଡିସିନ୍ ଦୋକାନ ଖୋଲିବାକୁ ସରକାରୀ ଅନୁମତି ରହିଥିବା ବେଳେ ବଡ଼ବଜାର ଓ ଗେଟ୍ ବଜାର ଅଂଚଳରେ ଅଧିକାଂଶ ଦୋକାନ ଦରଜା ଅଧା ଆଉଜା ରଖି କାରବାର ଜାରୀ ରଖିଛନ୍ତି ଦୋକାନୀ । କେତେକ ଦୋକାନୀ ଦୋକାନର ତାଲା ଖୋଲି ଦୋକାନ ଦରଜା ବନ୍ଦ କରି ଦୋକାନ ଆଗରେ ଚକ୍କର କାଟୁଛନ୍ତି । ଗ୍ରାହକଙ୍କୁ ଦେଖିଲେ ଦୋକାନ ଭିତରକୁ ଯାଇ କାରବାର କରୁଛନ୍ତି । ସପ୍ତାହନ୍ତ ସଟ୍ ଡାଉନ୍ ରେ ବସଷ୍ଟାଣ୍ଡ ଠାରୁ ମନ୍ଦିର ପର୍ଯ୍ୟନ୍ତ ସ୍ଥିତି ପ୍ରାୟ ଏଭଳି ରହିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଥାନା ଠାରୁ ମାତ୍ର ୩୦୦ ରୁ ୪୦୦ ମିଟର ଦୂରତା ମଧରେ ଏଭଳି ବେପାର ବଣିଜ ସ୍ୱାଭାବିକ୍ ଢ଼ଙ୍ଗରେ ଚଳାଇବାକୁ କିଛି ବ୍ୟବସାୟୀ ଉଦ୍ୟମ ଚଳାଇଥିବା ବେଳେ ପୋଲିସ ଜାଣିଶୁଣି ସଂନ୍ଧ୍ୟା ସମୟରେ ପାଟ୍ରୋଲିଂ ବନ୍ଦ ରଖିଛି । ଏପରିକି ବିଳମ୍ବିତ ରାତି ପର୍ଯ୍ୟନ୍ତ କେତେକ ଅସାମାଜିକ ଯୁବକ ମଦ୍ୟପାନ କରି ପାନ ଗୁଟଖା ସିଗାରେଟ୍, ଗଞ୍ଜେଇ ଟାଣି ନିଶାସକ୍ତ ଅବସ୍ଥାରେ ଖଟି କରୁଥିବା ବେଳେ ସ୍ଥାନୀୟ ଯୁବକ ଓ କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଓ ଚିହ୍ନା ମୁହଁ ଦେଖି ପୋଲିସ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । କାଁ ଭାଁ ପୋଲିସ କେତେକଙ୍କୁ ତାଗିଦ୍ କରୁଥିବା ବେଳେ ଦୋକାନ ସିଲ୍ କରି ରେକର୍ଡ଼ ମେଂଟେନ କରୁଛି । ଯଦି ସ୍ଥିତି ଏଭଳି ରହେ ସତ୍ୟବାଦୀ ବ୍ଲକ୍ ଅଂଚଳରେ କରୋନା ଗ୍ରାଫ୍ ପୁଣି ଥରେ ଉପର ମୁହାଁ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।

ଅନ୍ୟପକ୍ଷରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନିଶାସକ୍ତଙ୍କ ଆଡ୍ଡା ଯୋଗୁଁ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ସତ୍ୟବାଦୀ ଥାନା ସମ୍ମୁଖ ଫ୍ଲାଏ ଓଭର ବ୍ରିଜ୍ (ଜୟପୁର ଛକ ଠାରୁ ସାନ କାଞ୍ଜିଆ ଛକ ପର୍ଯ୍ୟନ୍ତ) ରାସ୍ତାରେ ଅନେକ ସମୟରେ ଲୁଟ୍ ପାଟ୍, ଚୋରୀ, ଛିନତାଇ ଭଳି ଅପରାଧ ବଢି ଚାଲିଥିବା ବେଳେ ସତ୍ୟବାଦୀ ପୋଲିସ ଆଖି ବୁଜି ବସିଛି । ଯଦି ଥାନା ସାମ୍ନାରେ ସ୍ଥିତି ଏପରି ତେବେ ବ୍ଲକ୍ ର ଗାଁ ଗହଳି ଅଂଚଳରେ ବାସ୍ତବ ସ୍ଥିତି କ'ଣ ରହିଥିବ ତାହା ସହଜେ ଅନୁମେୟ । ବିଶେଷ କରି ଜୟପୁର, ବୀରଗୋବିନ୍ଦପୁର, ସାନକାଞ୍ଜିଆ, ବଡ଼ କାଞ୍ଜିଆ, ମଠ ସାହି ଓ ମନ୍ଦିର ପାଖ ଅଂଚଳର କେତେକ ଅସାମାଜିକ ଯୁବକ ଗ୍ୟାଙ୍ଗ ଗଠନ କରି ଏସବୁ ଅପରାଧରେ ସମ୍ପୃକ୍ତ ରହିଛନ୍ତି । ଅନେକ ସମୟରେ ସ୍ଥାନୀୟ ପୋଲିସ ଚିହ୍ନା ମୁହଁ ଦେଖି କେବେଳ ତାଗିଦ୍ କରି ସେମାନଙ୍କୁ ଛାଡୁଥିବା ପରିଲକ୍ଷିତ ହୋଇଛି । ଗୋଟିଏ ପଟେ ଅଂଚଳରେ ବେକାରୀ ସମସ୍ୟା ବୃଦ୍ଧି, ନିଶା କାରବାର ଅପରାଧିଙ୍କ ନେଟୱାର୍କ ବଢାଇବା ଦିଗରେ ସହାୟ ହୋଇଥିବା ବେଳେ ପୋଲିସ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଲୋକଙ୍କ ଧନ ଜୀବନ ସୁରକ୍ଷା ନେଇ ବୁଦ୍ଧିଜିବୀ ଚିନ୍ତା ବ୍ୟକ୍ତ କଲେଣି । ଅପରପକ୍ଷରେ ମଠ ସାହିର ଖଜୁରେଶ୍ୱର ମନ୍ଦିର ପଛପାର୍ଶ୍ୱରେ ସକାଳ ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଶାସକ୍ତଙ୍କ ଆଡ୍ଡା ଜମୁଛି । ଖୋଲାଖୋଲି ଭାବେ ଆସ୍କା ଫଟି ସାଙ୍ଗକୁ ଗଞ୍ଜେଇ ଧୂଆଁ ଉଡୁଛି । ନିଶାରେ ଚୁର୍ ଯୁବକ ମାନେ ନିଜ ନିଜ ମଧ୍ୟରେ ଗାଳିଗୁଲଜ କରିବା ସେଠାକାର ଭାକ୍ତିକ ପରିବେଶକୁ ଏକ ପ୍ରକାର ନଷ୍ଟ କରୁଛି । ମନ୍ଦିରର ପୂଜାରୀ ଓ ସ୍ଥାନୀୟ ଲୋକେ ମଧ ଏହାକୁ ବିରୋଧ କରିବାକୁ ଭୟ କରୁଛନ୍ତି । ଯାହାକୁ ନେଇ ମହିଳା ଭକ୍ତ ମନ୍ଦିରକୁ ଯିବାକୁ ଭୟ କଲେଣି । ଏପରିକି ଏମାନଙ୍କ ଦୌରାତ୍ମ୍ୟରେ କଲୋନୀ ବାସୀ ତ୍ରାହି ତ୍ରାହି ଡାକିଲେଣି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡଃ. କନୱର ବିଶାଲ ସିଂହ ଏ ଦିଗରେ ଦୃଷ୍ଟି ଦେବା ସହ ଏସବୁ ଅଂଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ : ରଥଯାତ୍ରା ପରେ ପୂର୍ଣ୍ଣାଙ୍ଗ କମିଟି ଗଠନ ନିଷ୍ପତ୍ତି

ବୌଦ୍ଧ,୨୮/୬ (ନି.ପ୍ର): ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଏକ ଜରୁରୀ ବୈଠକ ଉପଜିଲ୍ଲାପାଳ ତଥା ଦେବୋତର ଅଧିକାରୀ ଅଶ୍ୱିନୀ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦେବ ସ୍ନାନ ପୂର୍ବରୁ ମନ୍ଦିର ପରିସରରେ ଅନେକ ଦେବାଦେବୀଙ୍କ ମନ୍ଦିର ନିର୍ମାଣ ଓ ମୂର୍ତି ସ୍ଥାପନ କରାଯାଇଥିବାବେଳେ ଏହି ସବୁ ମନ୍ଦିରର ପୂଜାବିଧି ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ପୂର୍ବରୁ ମନ୍ଦିର ପରିସର ବାହାରେ ଶନି ମନ୍ଦିର କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଉଥିବାବେଳେ ବର୍ତମାନ ମନ୍ଦିର ବେଢାରେ ହିଁ ନବଗ୍ରହଙ୍କ ମନ୍ଦିର ନିର୍ମାଣ କରାଯାଇ ପୂର୍ବ ବିଗ୍ରହ ସହ ନୂତନ ବିଗ୍ରହ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଫଳରେ ମନ୍ଦିର ପରିସର ବାହାରେ ଆଉ ପୂଜାର୍ଚ୍ଚନାର କୌଣସି ଆବଶ୍ୟକତା ନଥିବାରୁ ନବଗ୍ରହ ମନ୍ଦିରରେ ପୂର୍ବପରି ପୂଜାର୍ଚ୍ଚନା କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ତେବେ ମନ୍ଦିର ଭିତରେ ବିଭିନ୍ନ କମିଟି କାର୍ଯ୍ୟକାରି ନକରି ସମସ୍ତଙ୍କୁ ନେଇ ଗୋଟିଏ ପରିଚାଳନା କମିଟି ଗଠନ କରାଯିବାକୁ ଆଲୋଚନା କରାଯାଇ ସର୍ବସମ୍ମତ ନିଷ୍ପତି ଗ୍ରହଣ କରାଯାଇଥିଲା । ରଥଯାତ୍ରା ପରେ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ କର୍ମକର୍ତା ଚୟନ କରାଯିବାକୁ ସହମତି ପ୍ରକାଶ ପାଇଥିବାବେଳେ ବର୍ତମାନ ବେଢାରେ ପୂଜା ପାଉଥିବା ସମସ୍ତ ଦେବାଦେବୀ ମନ୍ଦିରରେ ଭୋଗ ଓ ଅନ୍ୟ ପୂଜା ନିତି କାର୍ଯ୍ୟକାରୀ କମିଟି ଦ୍ୱାରା ଚାଲୁ ରଖାଯିବାକୁ ଉପଜିଲ୍ଲାପାଳ ଶ୍ରୀମେହେର ପରାମର୍ଶ ଦେଇଥିଲେ । ସେହିପରି ଶ୍ରୀଜଗନ୍ନାଥଙ୍କ ମନ୍ଦିର ବେଢାରେ ସ୍ଥାପିତ ନବଗ୍ରହ ମନ୍ଦିରରେ ଶନିମେଳା ଆୟୋଜନ ନେଇ ମନ୍ଦିର କମିଟି ଓ ଶନି ମନ୍ଦିର କମିଟି ମଧ୍ୟରେ ରହିଥିବା ଦ୍ୱନ୍ଦ ସଂପର୍କରେ ବ୍ରାହ୍ମଣ ସମାଜ ଓ ପଣ୍ଡିତମାନଙ୍କର ମତାମତ ନିଆଯିବା ପରେ ସମସ୍ତେ ଏହାକୁ ସ୍ୱିକୃତୀ ପ୍ରଦାନ କରିଥିଲେ । ଫଳରେ ନବଗ୍ରହ ମନ୍ଦିରରେ ଶନି ଉତ୍ସବ ଓ ପୂଜାବିଦ୍ଧି ପାଇଁ ରହିଥିବା ଦ୍ୱନ୍ଦ ସମାପ୍ତ ହୋଇଥିବାବେଳେ ସମସ୍ତ କମିଟି କର୍ମକର୍ତା ମିଶି ପୂଜାର୍ଚ୍ଚନା କରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏଥିସହିତ ଚଳିତ କୋଭିଡ କଟକଣା ଯୋଗୁଁ ରଥଯାତ୍ରା ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇସାରିଥିବାବେଳେ ମନ୍ଦିର ମଧ୍ୟରେ ସମସ୍ତ ଦେବନିତୀ କରିବାକୁ ଉପଜିଲ୍ଲାପାଳ କହିଥିଲେ । ତେଣୁ ବ୍ରାହ୍ମଣ ସମାଜ ଓ ମନ୍ଦିର କମିଟି କର୍ମକର୍ତା ଶୃଙ୍ଖଳାର ସହିତ ଆସନ୍ତା ରଥଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବ୍ରାହ୍ମଣ ସମାଜ ସଭାପତି ଗୁରୁ ପ୍ରସାଦ ଦାଶ,ସଂପାଦକ ଦେବାଶିଷ ପୁରୋହିତ, ମନ୍ଦିର ପରିଚାଳନା କମିଟି ସଂପାଦକ ବିଶ୍ୱଜିତ ମିଶ୍ର, ଶଙ୍କର ପ୍ରସାଦ ପୁରୋହିତ, ଶଶାଙ୍କ ଶେଖର ମିଶ୍ର, ନିରୋଜ କୁମାର ମିଶ୍ର, ଆଶୁତୋଷ ମହାପାତ୍ର, ସମ୍ପଦ କୁମାର ଅଗ୍ରୱାଲା, ଷଷ୍ଠ କୁମାର ପୁରୋହିତ, ସୂର୍ଯ୍ୟ ଶତପଥି, ସଜ୍ଜନ କୁମାର ଅଗ୍ରୱାଲା ଓ କାହ୍ନୁ ଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଚୋରି ମାମଲାରେ ୪ ଗିରଫ : ଚୋରି ସାମଗ୍ରୀ ଜବତ

ଜୟପୁର,୨୮/୬ (ନି.ପ୍ର): ଜୟପୁର ସଦର ପୋଲିସ ଚୋରି ମାମଲାର ଖୁଲାସା କରି ୪ ଜଣଙ୍କୁ ଗିରଫ କରିଛି ।

ପୋଲିସର ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟର ଗଦାଧର ଧଳ (୬୫) ଶନିବାର ସକାଳ ୧୦ ଟାରେ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ ଯେ, ସେ ଦୁବୁଲିରେ ନୂଆ ଘର କରୁଛନ୍ତି । ସେହି ଘର ପାଇଁ ୧୬ ପ୍ୟାକେଟ ଟାଇଲ ରଖିଥିଲେ । ୨୬ ତାରିଖରେ ଜାଣିବାକୁ ପାଇଲେ ଯେ ତାଲା ଭାଙ୍ଗି ଦୁର୍ବୃତ ମାନେ ୧୬ ପ୍ୟାକେଟ ଟାଇଲ ଚୋରି କରି ନେଇଛନ୍ତି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪୭ ଟଙ୍କା ହେବ । ଅଭିଯୋଗ ପାଇଁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ସଦର ଥାନା ଅନ୍ତର୍ଗତ ଦୁବୁଲି ଗ୍ରାମର ରାଜୁ ପରଜା (୩୫), ଘାସି ପରଜା (୧୯), ଅଭି ପରାଜ (୨୨) ଓ ଡମ୍ବୁରୁ ପରଜା । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଚୋରି ହୋଇଥିବା ଟାଇଲସକୁ ଜବତ କରାଯିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି ।

# ଭର୍ଚ୍ଚୁଆଲରେ "ୱି କେନ" କାର୍ଯ୍ୟକ୍ରମ

କନ୍ଧମାଳ,୨୮/୬ (ନି.ପ୍ର): କିଶୋର କିଶୋରୀ ମାନଙ୍କ ସଶକ୍ତିକରଣ ତଥା କୋଭିଡ ମହାମାରୀ ଯୋଗୁଁ ୨ବର୍ଷ ଲକଡାଉନ ଫଳରେ ସ୍କୁଲ କଲେଜ ବନ୍ଦ ହେବା ଯୋଗୁଁ କିଶୋର କିଶୋରୀ ମାନଙ୍କର ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ତ କେତେବେଳେ ଘର ଭିତରେ ରହି ଘରୋଇ ହିଂସାର ସମ୍ମୁଖୀନ ହେବା,ଯୌନ ଶୋଷଣର ଶିକାର ହେବା ସହ ଶିଶୁ ଚାଲାଣ ତଥା ବାଲ୍ୟ ବିବାହ ପରି ସମସ୍ୟାର ସମ୍ମୁଖିନ ହେଉଛନ୍ତି । ପ୍ରାୟତଃ କିଶୋର କିଶୋରୀ ମାନଙ୍କୁ କଥା କହିବାର ଅଧିକାର ନଥାଏ । ସେମାନେ ନିଜ ମନକଥା କାହା ଆଗରେ କହିପାରି ନ ଥାଆନ୍ତି । ପ୍ରାୟତଃ କିଶୋର କିଶୋରୀ ମାନଙ୍କୁ ସମସ୍ୟା । ସେମାନଙ୍କ ମୁହଁ ରୁ ଶୁଣିବା ପାଇଁ ଜିଲ୍ଲା ପ୍ରଶାସନ କନ୍ଧମା, ୟୁନିସେଫ ଏବଂ ଆକ୍ସନଏଡର ମିଳିତ ଆନୁକୁଲ୍ୟରେ ମୁଁ ପାରିବି । ମମଂଚର ଆୟୋଜନ କରା ଯାଇଥିଲା । କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲେ ଜିଲ୍ଲାର ଯୋଡି ହୋଇଥିବା ୧୦ ଜଣ କିଶୋର କିଶୋରୀ ଏବଂ ଓଲିଉଡ ଅଭିନେତା ତଥା କୋଭିଡ ସମୟରେ କୋଭିଡ ଯୋଦ୍ଧାର କାମ କରୁଥିବା ସବ୍ୟସାଚୀ ମିଶ୍ର । ପିଲା ମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବା ସହ ପିଲା ମାନଙ୍କ କଥା ଶୁଣି ସେମାନଙ୍କୁ ତାଙ୍କ କାମ ରେ ଅନୁପ୍ରାଣିତ କରିଥିଲେ । ଓଡିଶା ୟୁନିସେଫର ମୁଖ୍ୟ ମୋନିକା ନେଲସନ ଯୋଗ ଦେଇ ପିଲା ମାନଙ୍କୁ ଅନଲାଇନ ସୁରକ୍ଷାର ଗୁରୁତ୍ୱପୂର୍ଣ ଦିଗ ଉପରେ ଆଲୋଚନା କରିଥିଲେ । ଓଡିଶା ଆକ୍ସନଏଡର ସହକାରୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର କନ୍ଧମାଳ ଜିଲ୍ଲାରେ ଅନ୍ତରଙ୍ଗ ଯୁବ ଗୋଷ୍ଠୀ ଏପାରି ଭାବରେ ଏହି ମହାମାରୀ ସମୟରେ କାମ କରିଛନ୍ତି ଏବଂ ସମସ୍ତେ ଏକାଠି ହୋଇ କାମ କରିବା ଆଲୋଚନା କରିଥିଲେ । କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି କନ୍ଧମାଳ ସମସ୍ତ କିଶୋର କିଶୋରୀ ମାନଙ୍କୁ ନିଜର ସମସ୍ୟାକୁ ଖୋଲାଖୋଲି ଆଲୋଚନା କରିବାକୁ ଆହ୍ୱାନ କରିଥିଲେ ।

# ନବରଙ୍ଗପୁର ଆଇଟିଡିଏର ପ୍ରକଳ୍ପସ୍ତରୀୟ ବୈଠକ

## ଦୁଇବର୍ଷ ହେଲା ସରକାରୀ ଅନୁଦାନ ଆସୁନଥିବାରୁ ଉଦ୍‌ବେଗ

ନବରଙ୍ଗପୁର,୨୮/୬ (ନି.ପ୍ର): ଦୀର୍ଘ ଦୁଇବର୍ଷର ବ୍ୟବଧାନ ପରେ ନବରଙ୍ଗପୁର ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ୭୬ତମ ପ୍ରକଳ୍ପସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଗୁଗୁଲମିଟରେ ଆୟୋଜିତ ବୈଠକରେ ଜିଲାପାଳ ଡଃ,ଅଜିତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ବିଗତ ଦୁଇବର୍ଷ ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥୀକ ବର୍ଷରେ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଆୟବ୍ୟୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଅନୁମୋଦିତ କରାଯାଇଥିଲା । ଏଥିରେ ଉପସ୍ଥିତ ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁନ୍ନା ଖାନ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ,ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ , ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ସମସ୍ତ ବ୍ଲକର ଅଧ୍ୟକ୍ଷ ଅଧ୍ୟକ୍ଷା ଓ ବରିଷ୍ଠ ସଦସ୍ୟ ସୋମନାଥ ବିଷୋୟୀ ଗତଦୁଇ ବର୍ଷର ସ୍ୱଳ୍ପ ଅନୁଦାନ ରାଶି ବିଷୟନେଇ ଉଦବେଗ ପ୍ରକାଶ କରିଥିଲେ । ଉପରିସ୍ଥ ଅଧିକାରୀଙ୍କର ସହ ଯୋଗାଯୋଗ କରି ପାଣ୍ଠି ଆସିବା ବ୍ୟବସ୍ଥା କରିବା ପାଇଁ ମତାମତ ଦେଇଥିଲେ । ବିଗତ ଦୁଇ ବର୍ଷରେ ପ୍ରାପ୍ତ ହୋଇଥିବା ପାଣ୍ଠି ଧାରା ୨୭୫ (୧) ଏସସିଏ ଟୁ ଟିଏସପି , ରାଜ୍ୟ ଯୋଜନା, ଅଣ ଯୋଜନା, ଓ ମିଶନ ସୁବିଦ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ବିଗତ ଦୁଇବର୍ଷରେ ରାସ୍ତା ଓ ଯୋଗାଯୋଗ ପାଇଁ କୌଣସି ପାଣ୍ଠିରୁ ଅନୁଦାନ ମିଳିନଥିବାରୁ ସମସ୍ତେ ତିବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଦକ୍ଷତାବିକାଶ ତାଲିମ ତଥା ଜୀବୀକା ମିଶନର ଖସଡା ପ୍ରସ୍ତୁତ କରିବା ପୂର୍ବରୁ ସମସ୍ତ ଲୋକ ପ୍ରତିନିଧି ମାନଙ୍କୁ ଯୋଗାଯୋଗକରି ମତାମତ ନେବାକୁ କହିଥିଲେ । ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ଆର୍ଥୀକ ସ୍ୱାବଲମ୍ବୀ କରିବା ସକାଶେ ମତ ରଖିଥିଲେ । ଏହି ପରିପ୍ରେକ୍ଷୀରେ ମିଶନଜୀବିକା ଯୋଜନା ଅଧିନରେ କୃଷି ଅନ୍ତର୍ଗତ ସୂର୍ଯ୍ୟମୁଖୀ ,ମକା, ମାଣ୍ଡିଆ, ବାସମତୀଧାନ ଚାଷ ନିମନ୍ତେ ପ୍ରୋତ୍ସାହନ ଓ ଉଦ୍ୟାନ କୃଷି ଅନ୍ତର୍ଗତ କାଜୁଚାଷ ,ଲେମ୍ବୁ ଘାସ, ପିଆଜ ସାଇତା ଗୃହ ,ଶୀତଲ ଭଣ୍ଡାର ଓ ପନିପରିବା ଚାଷ ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ନିଷ୍ପତି ନିଆଯାଇଥିଲା ଏହା ବ୍ୟତୀତ ଆଦିବାସୀ ଲୋକଙ୍କର ଜୀବନ ଧାରଣର ମାନଉନ୍ନତ କରିବା ପାଇଁ ଦୀର୍ଘମିଆଦି ଯୋଜନା ଯଥା ଆଡିବନ୍ଧ ନିର୍ମାଣ, ଗଭୀର ନଳ କୂପ ଖନନ, ଉଠାଜଳସେଚନ ଏବଂ କୁଅର ବ୍ୟବସ୍ଥା କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଆଦିବାସୀଲୋକଙ୍କର ନିମନ୍ତେ କୁକୁଡା ପାଳନ ଓ ମାଛଚାଷ ନିମନ୍ତେ ଆବଶ୍ୟକ ଉପକରଣ ଏବଂ ତାଲିମ ଦେବା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ଉପସ୍ଥିତ ଥିବାବେଳେ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ପ୍ରଶାସକ ପବିତ୍ର ମୋହନ ପ୍ରଧାନ ପରିଚାଳନା କରିଥିଲେ । ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ ।

# ଚଳିତ ବର୍ଷ ବୌଦ୍ଧ ଜିଲ୍ଲାରେ ୫୯୪୩୯ ହେକ୍ଟର ଚାଷ ଜମିରେ ହେବ ଖରିଫ ଧାନ ଚାଷ

ବୌଦ୍ଧ,୨୮/୬ (ନି.ପ୍ର): ବୌଦ୍ଧଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି । ଚାଷ ହେଉଛି ଜିଲ୍ଲାବାସୀଙ୍କ ମୂଖ୍ୟପେସା । ଶିଳ୍ପ ବିହିନ ବୌଦ୍ଧଜିଲ୍ଲାରେ ଚାଷୀ ଧାନ ସହିତ ବିଭିନ୍ନ ଡାଲି ଜାତୀୟ ଓ ପରିବା ଜାତୀୟ ଫସଲ କରି ଦି ପଇସା ରୋଜଗାର କରି ପରିବାର ଚଳାଇଥାନ୍ତି । ଜିଲ୍ଲାର ଚାଷୀମାନେ ଚାଷ ପାଇଁ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି । ଚଳିତ ବର୍ଷ ଚାଷର ପ୍ରଥମରେ ଜିଲ୍ଲାରେ ଯେଭଳି ଭାବରେ ବର୍ଷା ଆରମ୍ଭ ହୋଇଛି । ତାକୁ ଦେଖି ଚାଷୀ ଖୁବ ଉତ୍ସାହିତ ହୋଇପଡିଛନ୍ତି । ଏବଂ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ସେଥିପାଇଁ ଚାଷୀ ବିଲରେ ହଲ କରିବା ଆରମ୍ଭ କରିସାରିଥିବା ବେଳେ ପହ୍ଲା ପକାଇବା ମଧ ଆରମ୍ଭ କରିଦେଇଛି । ଚଳିତ ବର୍ଷ ଜିଲ୍ଲାରେ ୫୯,୪୩୯ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲା କୃଷି ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି । ଚଳିତ ବର୍ଷ ଜିଲ୍ଲାରେ ଚାଷ ପାଇଁ ଏପ୍ରିଲମାସରେ ୧୬.୫୦ ବର୍ଷା ଆବଶ୍ୟକତା ରହିଥିଲା ବେଳେ ୨୦.୫୩ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ମେ ମାସରେ ଚାଷ ପାଇଁ ୩୮.୪୦ ବର୍ଷା ଆବଶ୍ୟକ ହେଉଥିବା ବେଳେ ୯୩.୯୭ ବର୍ଷା ହୋଇଥିଲା । ଜୁନ ମାସରେ ୨୩୩.୮୦ ବର୍ଷା ଆବଶ୍ୟକ ହେଉଥିବା ବେଳେ ୧୦୫.୧୦ ବର୍ଷା ହୋଇଛି । ସେଥିମଧ୍ୟରୁ ବୌଦ୍ଧ ବ୍ଲକରେ ଏପ୍ରିଲ ମାସରେ ୨୧.୦୦, ମେ ମାସରେ ୧୩୦.୧୦ ଓ ଜୁନ ମାସରେ ୧୧୯.୫୦ ମିଲି ମିଟର ବର୍ଷା ହୋଇଛି । କ ।ମାଳ ବ୍ଲକରେ ଏପ୍ରିଲରେ ୧୩.୬୦, ମେ ରେ ୫୯.୮୦ ଓ ହରଭଙ୍ଗାରେ ଏପ୍ରିଲରେ ୨୭.୦୦, ମେ ମାସରେ ୯୨.୦୦ ଓ ଜୁନ ମାସରେ ୮୬.୦୦ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଜିଲ୍ଲାର ଭୌଗଳିକ ସ୍ଥିତିକୁ ଦେଖିଲେ ଜିଲ୍ଲାରେ ୩ଲକ୍ଷ ୫୮ ହଜାର ୨୯୨ ହେକ୍ଟର ଜମି ରହିଛି । ଅଧିକାଂଶ ଜମିରେ ପାହଡ ପର୍ବତ ଭରି ରହିଛି । ସେଥିମଧ୍ୟରୁ ୮୫ ହଜାର ୧୮୦ ହେକ୍ଟର ଚାଷ ଜମିରେ ଚାଷ କରାଯାଇଥାଏ । ଚଳିତ ବର୍ଷ ଜିଲ୍ଲାରେ ୫୯ ହଜାର ୪୩୯ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ବୌଦ୍ଧବ୍ଲକରେ ୩୨ ହଜାର ୫୪୬, ହରଭଙ୍ଗା ବ୍ଲକରେ ୨୫ ହଜାର ୨୯୭ ଓ କ ।ମାଳ ବ୍ଲକରେ ୨୭ ହଜାର ୩୨୭ ହଜାର ହେକ୍ଟର ଚାଷ ଜମି ରହିଛି । ୨୦୧୧ ମସିହା ଜନଗଣନା ଅନୁଯାଇ, ଜିଲ୍ଲାରେ ନାମମାତ୍ର ଚାଷୀ ୪୭୨୫୯ ରହିଥିବା ବେଳେ ଛୋଟ ଚାଷୀ ୧୯୪୩୯ ଜଣ ଅଛନ୍ତି । ସେହିପରି ବଡ ଚାଷୀ ୯୨୨୪ ଜଣ ରହିଛନ୍ତି । ଜିଲ୍ଲାରେ ୨୪୦୪୮ ଜଣ କୃଷି ଶ୍ରମିକ ରହିଛନ୍ତି । ଉଠାଣିଆ ଜମି ୧୯ ହଜାର ୮୬୦ରହିଥିବା ବେଳେ ମଧ୍ୟମ ଜମି ୨୪୨୩୩ ହେକ୍ଟର ରହିଛି ଓ ଗଡାଣିଆ ଜମି ୧୫୩୪୬ ଜମି ରହିଛି । ଜିଲ୍ଲାରେ ବିହନର ମାନକୁ ନେଇ ଚାଷୀ ସବୁବେଳେ ପ୍ରତିବାଦ କରି ଆସୁଥିବା ବେଳେ ୧୨୮୮୦ କ୍ୱିାଲ ବିହନ ଧାନ ଆବଶ୍ୟକ ହେଉଛି । ଚାଷ ଜମିକୁ ଠିକ ଭାବରେ ପାଣିମାଡୁ ନ ଥିବାରୁ ଚାଷୀ ମରୁଡିର ଶିକାର ହେଉଥିବା ଚାଷୀମାନେ ଅଭିଯୋଗ କରୁଥିବା ବେଳେ ସରକାରୀ ଭାବରେ ଜିଲ୍ଲାରେ ୭୨୪୬୭ ହେକ୍ଟର ଚାଷ ଜମିକୁ ପାଣି ଜଳ ସେଚନ କରାଯାଉଥିବା କୁହାଯାଉଛି । ଚାଷ ପାଇଁ ୧୩୬୦୦.୦୦ ଟନ ବିଭିନ୍ନ ସାରର ଆବଶ୍ୟକତା ରହିଛି । ଚାଷ ପାଇଁ ଚାଷୀକୁ ବିହନ.ସାର ଓ ପାଣିର ଆବଶ୍ୟକତା ଅଧିକ ରହିଥିବା ବେଳେ ବିଭିନ୍ନ ସମୟରେ ଯୋଗାଇ ଦିଆଯାଇଥିବା ବିହନର ମାନ ଉନ୍ନତମାନର ହୋଇନଥିବା ଯୋଗୁଁ ଚାଷୀ ଅଧିକ ଫସଲ ଅମଳ କରିପାରୁନାହିଁ ବୋଲି ଅଭିଯୋଗ ହେଉଛି ।

# ପ୍ରକୃତି ସେବାରେ କାରାଗାର



କାରାଗାର ବା ଜେଲ ନାଁ ନାଁ ଶୁଣିଲା ମାତ୍ରେ ଆଖି ଆଗରେ ଅନ୍ଧାରୁଆ ବନ୍ଦ କୋଠରିର ଚିତ୍ର ଦେଖାଯାଏ । ଏଠାରେ ରହିବା ନିଶ୍ଚିତ ଭାବେ କଷ୍ଟକର । ତେବେ ସ୍ୱିଡେନର ଏହି ଜେଲରେ ବନ୍ଦୀମାନେ ପ୍ରକୃତି ସହିତ ରହିଥିବା ପରି ଅନୁଭବ କରନ୍ତି । ଏହାର ଛାତ ଉପରେ ୧୧୦୦ ବର୍ଗମିଟର ଅଞ୍ଚଳରେ ଗଛ ଲଗାଯାଇଛି ଯାହା ଅଟ୍ଟାଳିକାକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ । ଆଠଟି ବର୍ଗର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଏକ ଡିସପୋଜାଲ ରୁମ ନିର୍ମାଣ କରାଯାଇଛି ।

ତେବଲନ ୪ ନାମକ ଏକ ଅଟ୍ଟାଳିକାକୁ ୨୦୧୦ ମସିହାରେ ସ୍ୱିସ୍ କମ୍ପାନୀ ବାସେ କିଣିଥିଲା । ପରେ ଏହାକୁ ଜେଲରେ ପରିଣତ କରିଦିଆଯାଇଛି । ଏହାର ନାମ ରଖାଯାଇଛି ସ୍ୱସ୍ ଜେଲ ଏବଂ ପ୍ରୋବେସନ ସର୍ଭିସ୍ । ଜେଲର ବାରାକଗୁଡ଼ିକ ଏପରି ନିର୍ମାଣ କରାଯାଇଛି ଯେ ପାଣି ଖୁବ କମ ବ୍ୟବହାର ହୁଏ । ଜେଲରେ ବ୍ୟବହାର ହେଉଥିବା ଫ୍ରିଜ ମଧ୍ୟ କମ ବିଦ୍ୟୁତଶକ୍ତି ଆବଶ୍ୟକ କରେ । ସମଗ୍ର ଜେଲରେ ଥିବା ଏଲଡି ଲାଇଟଗୁଡ଼ିକ ଏକ ସେଣ୍ଟାଲ ସଭିଲାନ୍ସ ସିଷ୍ଟମ ଦ୍ୱାରା ପରିଚାଳିତ । ସମ୍ପୂର୍ଣ୍ଣ ଅଟ୍ଟାଳିକା ଏକ ସ୍ୱୟଂକ୍ରିୟ ବାୟୁ ଚଳାଚଳ ବ୍ୟବସ୍ଥା ଦ୍ୱାରା ଥଣ୍ଡା ଏବଂ ଉଷୁମ କରାଯାଏ । ଜେଲର ରୋଷେଇଘରୁ ବାହାରୁଥିବା ଆବର୍ଜନାରୁ ବାୟୋଗ୍ୟାସ ପ୍ରସ୍ତୁତ କରିଥାନ୍ତି । ଏଠାକାର ୧୨% ଖାଦ୍ୟସାମଗ୍ରୀ ଜୈବିକ ପ୍ରକିୟାରେ ଉତ୍ପାଦନ କରାଯାଉଛି ସପ୍ତାହକୁ ଦୁଇଦିନ ଏଠାରେ କଏଦୀମାନଙ୍କୁ ନିରାମିଷ ଖାଦ୍ୟ ଦିଆଯାଏ । ପରିବେଶର ସୁରକ୍ଷା କରୁଥିବାରୁ ଏହି ଜେଲକୁ ୨୦୧୯ ବିୟମ ପବ୍ଲିକ ପ୍ରୋଜେକ୍ଟସ ଇନୟୁଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନକାରୀ ସଂସ୍ଥାର ଅଧ୍ୟକ୍ଷ ଏଲନ ୟେଟ୍ସଦଙ୍କ କହିବା ଅନୁସାରେ, ଜେଲରେ ସୁରକ୍ଷା ଅପେକ୍ଷା ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ନରୱେର ବୋଷ୍ଟୀୟ ଜେଲ ମଧ୍ୟ ସୌରଶକ୍ତି ପରିଚାଳିତ ଏବଂ ଏଠାରେ ପ୍ରତ୍ୟେକ ବ୍ୟବସ୍ଥା ନବୀକରଣ ଯୋଗ୍ୟ ।

# ଡେଲି ଘିଅ ଖାଆନ୍ତୁ



ହେଲ୍‌ଦୀ ହାର୍ଟ ପାଇଁ ରେଗୁଲାର ଗୋଟିଏ ଚାମଚ ଦେଶୀ ଘିଅ ଖାଇବା ଉଚିତ । ଏହା ହାର୍ଟର ଭେନ ଗ୍ଲୁକୋଜରୁ ରକ୍ଷା କରିଥାଏ । ଏଥିରେ ଭିଟାମିନ କେ-୨ ଅଧିକ ମାତ୍ରାରେ ଥିବାରୁ ହାଡ଼ଯାଏ କ୍ୟାଲସିୟମ ପହଞ୍ଚାଇବାର କାମ କରିଥାଏ । ଏହାକୁ ରେଗୁଲାର ଡାଏଟରେ ହାଡ ମଜବୁତ ହୋଇଥାଏ । ଏଥିରେ ପ୍ରଚୁର ଆଣ୍ଟିଅକସିଡାଣ୍ଟ ରହିଥିବାରୁ ହେଲ୍‌ଦୀ ସ୍କିନ ପାଇଁ ଏହା ହେଲ୍ପଫୁଲ ହୋଇଥାଏ । ଘିଅ ଖାଇଲେ ବଡ଼ିରେ ଭାଇଲରି ଲିପିଡ୍ ଫ୍ଲୋ ବଢ଼ିଯାଇଥାଏ । ଏହି କାରଣରୁ ବ୍ଲଡ଼ ଏବଂ ଆନ୍ତ୍ରରେ ରହିଥିବା ଖରାପ କୋଲେଷ୍ଟେରଲ କମ ହୋଇଯାଏ । ଘିଅକୁ ରେଗୁଲାର ଡାଏଟରେ ନେଲେ ମେଟାବଲଜିମ ସଠିକ୍ ଭାବେ କାମ କରିଥାଏ । ଏହାଦ୍ୱାରା ଇମ୍ୟୁନିଟି ପାୱାର ବଢ଼ିଯାଏ ଏବଂ ବଡ଼ି ଇନଫେକ୍ସନ କମ୍ ହେବା ସହିତ ରୋଗ କମ ହୋଇଥାଏ । ଯଦି ଅସହ୍ୟ ମୁଣ୍ଡବିନ୍ଧା ହେଉଛି ତ ୨-୩ ବୁନ୍ଦା ଗାଈ ଘିଅ ନାକରେ ପକାଇଦିଅନ୍ତୁ । ଦେଖିବେ ବିନ୍ଧା କମ ହୋଇଯିବ । ଶରୀରର କୌଣସି ସ୍ଥାନ ପୋଡ଼ିଗଲେ ସେଠାରେ ତୁରନ୍ତ ଘିଅ ଲଗାନ୍ତୁ । ଏହା ପୋଡ଼ାରୁ ତ ରକ୍ଷାକରିଥାଏ ତାଛଡ଼ା ପୋଡ଼ିଯାଇଥିବା ସ୍ଥାନ ଫୁଲିବାକୁ ଦିଏନାହିଁ । ଏସିଡିଟି ଏବଂ କବ୍ ଜ ପାଇଁ ଘିଅ ଖୁବ୍ ଭଲ । ରେଗୁଲାର ଘିଅ ଖାଇଲେ ଏସିଡିଟି, କବ୍‌ଜର ପ୍ରୋବ୍ଲେମ କମ ହୋଇଯାଇଥାଏ । ଯଦି ଦୁର୍ବଳ ଲାଗୁଛି ତ ଗୋଟିଏ ଗ୍ଲାସ କ୍ଷୀରରେ ଗୋଟିଏ ଚାମଚ ଗାଈ ଘିଅ ଏବଂ ମିଶ୍ରି ମିଶାଇ ପିଇଲେ ତୁରନ୍ତ କାର୍ଯ୍ୟ କରିଥାଏ ଏବଂ ଦୁର୍ବଳ ପଣ କମି ସୁସ୍ଥ ଲାଗିଥାଏ । ଯେଉଁମାନେ ପତଳା ସେମାନଙ୍କ ପାଇଁ ଘିଅ ଏକଦମ ଭଲ । ଯେହେତୁ ଏଥିରେ ଫ୍ୟାଟ ଅଧିକ ଥାଏ ତ ଏହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ ।

# ପସନ୍ଦ କରିପାରନ୍ତି ଡେନିମ୍



ପୁରୁଷ ହୁଅନ୍ତୁ କି ମହିଳା, ଡେନିମ୍ ସମସ୍ତଙ୍କ ପ୍ରିୟ ହଲିଉଡ ନାୟିକା ଆଞ୍ଜେଲିନା ଜୋଲିଙ୍କଠାରୁ ବଲିଉଡର ଚୁଲବୁଲି ନାୟିକା ଆଲିଆ ଭଟ୍ଟଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ପସନ୍ଦ କରନ୍ତି । ସେହିପରି ହଲିଉଡର କିମ୍ବଦନ୍ତୀ ନାୟକ ରିଚାର୍ଡ ବର୍ଯନଙ୍କ ଠାରୁ ବଲିଉଡର ରଣବୀର ସିଂହଙ୍କ ପର୍ଯ୍ୟନ୍ତ ସବୁ ସେଲିବ୍ରିଟିଙ୍କ ଏହା ପ୍ରିୟ ପରିଧାନ । ୧୮ଶ ଶତାପନ୍ଦୀର ୭୦ ଦଶକରେ ଶ୍ରମଜୀବୀଙ୍କ ଦୈନନ୍ଦିନ ବ୍ୟବହାର ପାଇଁ ପ୍ରସ୍ତୁତ ଡେନିମ୍ ଫେବ୍ରିକ ୧୯୪୦-୫୦ ଆଡ଼କୁ ଅନ୍ତର୍ଜାତୀୟ ଫେସନ ଜଗତରେ ପ୍ରବେଶ କରିଥିଲା ଏତେ ବର୍ଷ ବିତିଯିବା ପରେ ମଧ୍ୟ ତାର ଯାଦୁ ଆଜି ବି ବଳବତ୍ତର ରହିଛି । ଏମିତି ତ ଏହାକୁ ସବୁ ଋତୁରେ ପିନ୍ଧାଯାଇ ପାରିବ, ତେବେ ଗ୍ରୀଷ୍ମଋତୁ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ । ଏହା ଶରୀରକୁ ଖରାରୁ ରକ୍ଷା କରିବା ସହ ସ୍ୱେଦଜନିତ ଅଶ୍ୱସ୍ତିକର ଅନୁଭବରୁ ମୁକ୍ତି ଦିଏ । ସବୁଠାରୁ ବଡ଼ କଥା ହେଲା ଏହାକୁ ଯେ କୌଣସି ଅବସରରେ ପିନ୍ଧାଯାଇ ପାରିବ । ତା ଛଡ଼ା ଏହା ଗୋରା, କଳା, ଶ୍ୟାମଳ ନିର୍ବିଶେଷରେ ସବୁ କଂପ୍ଲେକ୍ସର ବ୍ୟକ୍ତିଙ୍କୁ ମାନେ । ଉଭୟ ପୁରୁଷ ଓ ମହିଳା ଡେନିମ ପ୍ୟାଣ୍ଟ, ସାର୍ଟ ଓ ଜ୍ୟାକେଟ ବ୍ୟବହାର କରିପାରିବେ । ଗାଢ଼ ଡେନିମ୍ ପ୍ୟାଣ୍ଟ ଉପରେ ଧଳା ସାର୍ଟ ବା ଫିକା ନୀଳ ବା କଳା ସାର୍ଟ; ଏବଂ ତା ଉପରେ ଜ୍ୟାକେଟ ଆପଣଙ୍କୁ 'କୁଲ' ଅନୁଭବ ତ ଦେବ, ତା ସହିତ 'ଗର୍ଜିଅସ' ଲୁକ୍ ଦେବ । ଏବେ ଡେନିମର ମୌଳିକ ତଥା ପାରମ୍ପରିକ ରଙ୍ଗ ସହ ବିଭିନ୍ନ ସେଡର ଡେନିମ ବଜାରରେ ଉପଲବ୍ଧ ହେଲାଣି । ଯେମିତି ଏସିଡ୍ ୱାଶେସ, ବିଚଡ ଆଣ୍ଡ ଫ୍ୟାଡେଡ, ଟପ ଷ୍ଟିଚ, ପ୍ୟାଚୱାର୍କ ଓ ପ୍ରିଣ୍ଟେଡ ପ୍ରଭୃତି । ସେହିପରି ତାକୁ ମ୍ୟାଚ କଲା ପରି ପ୍ୟାଣ୍ଟ ସାର୍ଟ ଓ ଜ୍ୟାକେଟ ମଧ୍ୟ ବଜାରରେ ଉପଲବ୍ଧ ।

# ଫୁଲକୋବି ନାଡରେ ଭରିରହିଛି ବହୁ ଭିଟାମିନ



ଆପଣ ଫୁଲକୋବିର ନାଡକୁ ଫୋପାଡ଼ି ଦେଉଛନ୍ତି କି ? ଯଦି ହଁ, ଏହା କରନ୍ତୁ ନାହିଁ । କାରଣ ଫୁଲକୋବି ନାଡରେ ଏମିତି କିଛି ଭିଟାମିନ ଭରପୁର ମାତ୍ରାରେ ଅଛି ଯାହାକି ଆପଣଙ୍କ ଶରୀରରକୁ ଶକ୍ତି ଦେବା ସହ କିଛି ରୋଗରୁ ସୁରକ୍ଷା ଦେଇଥାଏ । ଯେତିକି ଲାଭ ଫୁଲକୋବିରୁ ମିଳିଥାଏ ସେତିକି ଫାଇଦା ନାଡରୁ ମଧ୍ୟ ମିଳିଥାଏ । ଫୁଲକୋବି ନାଡରେ କ୍ୟାଲୋରୀ ମାତ୍ରା କମ ଥିବାବେଳେ ଭିଟାମିନ ବହୁତ ପରିମାଣର ଥାଏ । ଜାଣନ୍ତୁ ଫୁଲକୋବି ନାଡରେ କଣ ସବୁ ଭିଟାମିନ ଥାଏ ଓ ଆମ ଶରୀର ପାଇଁ ଏହା କେତେ ଉପଯୋଗୀ ? ଫୁଲକୋବି ନାଡରେ ଭିଟାମିନ୍ ଏ ଥାଏ ଯାହାକି ଆଖିର ଦୃଷ୍ଟିଶକ୍ତିକୁ ଭଲ ରଖେ । ଯେଉଁମାନେ ନିୟମିତ ଭାବେ ଫୁଲକୋବି ନାଡ ଖାଇଥାନ୍ତି, ସେହି ଲୋକଙ୍କର ଆଖିରେ କମ୍ ସମସ୍ୟା ଥାଏ । ଫୁଲକୋବି ନାଡ ଯକ୍ଷ୍ମା ରୋଗରୁ ଉପଶମ ଦେଇଥାଏ । ଯଦି ଆପଣ ଉଚ୍ଚ ରକ୍ତଚାପ ସମସ୍ୟାର ଶିକାର ହେଉଛନ୍ତି ତେବେ ଫୁଲକୋବି ନାଡ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରରେ ରଖିବାରେ ସାହାଯ୍ୟ କରିଥାଏ ।

ଫୁଲକୋବି ନାଡରେ କମ୍ କାର୍ବୋହାଇଡ୍ରେଟ୍, କମ୍ କ୍ୟାଲୋରୀ ଥାଏ ଯାହା ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ଫୁଲକୋବି ନାଡରେ ଭିଟାମିନ୍ କେ ମିଳିଥାଏ, ଯାହା ହାଡକୁ ଶକ୍ତ ରଖିବାରେ ସାହାଯ୍ୟ କରିଥାଏ । ଫୁଲକୋବିର ନାଡ ଖାଇବା ଦ୍ୱାରା ଅସନ୍ତୁଳିତ ହରମୋନ୍ ସନ୍ତୁଳିତ ହୋଇପାରେ । ଏପରି ପରିସ୍ଥିତିରେ ଅସନ୍ତୁଳିତ ହରମୋନ୍ ସମ୍ବନ୍ଧୀୟ ରୋଗ ଦୂର ହୋଇପାରିବ ।

# ଦୀର୍ଘାୟୁ ଜାପାନୀ




ବର୍ତ୍ତମାନ ସମୟରେ ଦିନକୁ ଦିନ ଲୋକଙ୍କ ଆୟୁ କମିଯାଉଥିବାବେଳେ ବହୁତ କମ ଲୋକ ୧୦୦ବର୍ଷ ପର୍ଯ୍ୟନ୍ତ ଜୀଇଁପାରୁଛନ୍ତି । କିନ୍ତୁ ଜାପାନରେ ଅଧିକାଂଶ ଲୋକ ୧୦୦ବର୍ଷରୁ ଅଧିକ ବର୍ଷ ବଞ୍ଚିପାରୁଥିବାର ଜଣାଯାଇଛି । ତେବେ ନିକଟରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଜାପାନର ସର୍ବମୋଟ ୬୭, ୭୮୫ଜଣ ବୃଦ୍ଧ ଅଛନ୍ତି ଯାହାଙ୍କ ଆୟୁ ୧୦୦ବର୍ଷରୁ ବି ଅଧିକ ଅଟେ । ଏହି ଦୀର୍ଘାୟୁ ବରିଷ୍ଠଙ୍କ ମଧ୍ୟରେ ୮୮.୧ ପ୍ରତିଶତ ଲୋକ ମହିଳା ଅଟନ୍ତି । ତେବେ ଏନେଇ ଜାପାନ ସରକାର କହିଛନ୍ତି ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟକୁ ନେଇ ଗଢ଼ିଉଠିଥିବା ଜାଗରଣ ହିଁ ମୁଖ୍ୟ କାରଣ । ଏହି ତାଲିକାରେ ଜାପାନର ପୂର୍ବ ପ୍ରଧାନମନ୍ତ୍ରୀ ୟାସୁହିରୋ ନାକାସୋନେ ଯେ ଏହି ବର୍ଷ ୧୦୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ତାଙ୍କୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି । ୧୯୭୧ ଠାରୁ ଜାପାନରେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କୁ ଦେଖିବାକୁ ମିଳିଥିଲା । ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପପୁଲେସନ୍ ଆଣ୍ଡ ସିକ୍ୟୁରିଟି ରିସର୍ଚ୍ଚ ଅନୁସାରେ ଆଗାମୀ ୫ବର୍ଷରେ ୧୦୦ରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୧ଲକ୍ଷକୁ ପାର କରିଯିବ ।

# ବିବର୍ଣ୍ଣ ଅଙ୍ଗ ପାଇଁ...





ତ୍ୱଚାରେ ଦାଗ ହେବା ଏକ ସାଧାରଣ ସମସ୍ୟା କିନ୍ତୁ ଏ ସାଧାରଣ ସମସ୍ୟା ଆପଣମାନଙ୍କ ଶରୀରର ସୌନ୍ଦର୍ଯ୍ୟକୁ କ୍ଷତି ପହଞ୍ଚାଏ । ତେବେ ଶରୀରର ଏ ସାମାନ୍ୟ ଦାଗ ଆପଣଙ୍କ ସୁନ୍ଦର ଶରୀରକୁ ବିବର୍ଣ୍ଣ କରିଦିଏ । ହାଇ-ପିଗମେଣ୍ଟେସନ୍ ଦ୍ୱାରା ଆପଣମାନଙ୍କ ଅଙ୍ଗୁଳି ଗଣ୍ଠି, ଆଣ୍ଠୁ, ଗୋଇଠି ଓ ଶରୀରର ଗଣ୍ଠିମାନଙ୍କରେ ପିଗଣ୍ଟେସନର ପ୍ରତିଫଳନ ଅଧିକମାତ୍ରାରେ ଜଣାପଡ଼େ ଯାହାଫଳରେ ଆପଣମାନଙ୍କ ତ୍ୱଚାର ରଙ୍ଗ ଗୋଟିଏ ପ୍ରକାର ହୋଇଥିଲେ ଗଣ୍ଠି ଆଦିର ରଙ୍ଗ ଭିନ୍ନ ହୋଇଥାଏ । ଏ ପରିପ୍ରେକ୍ଷୀରେ ଆପଣଙ୍କ ଶରୀର ବିବର୍ଣ୍ଣ ଦେଖାଯାଏ । ତେବେ ଚାଲନ୍ତୁ ଜାଣିବା ପ୍ରାକୃତିକ ଉପାୟରେ ଆପଣମାନେ କିପରି ଏହି ସାଧାରଣ ସମସ୍ୟାରୁ ତ୍ରାହି ପାଇପାରିବେ ।

- ♦ ବିବର୍ଣ୍ଣ ଗଣ୍ଠିମାନଙ୍କରେ ଥିବା ମୃତ କୋଷୀକାକୁ ହାଟାଇବା ପାଇଁ ଆପଣମାନେ ପ୍ରାକୃତିକ ଜିନିଷ ବ୍ୟବହାର କରିପାରିବେ ।
- ♦ ଦେହରେ ବଡ଼ିଲୋସନ ବା କ୍ରିମ୍ ଲଗେଇବା ପରେ ସନସ୍କ୍ରିନ ଲଗେଇବାକୁ ଜମା ଭୁଲିବେ ନାହିଁ ।
- ♦ ବିବର୍ଣ୍ଣ ଅଂଶରେ ପ୍ରାକୃତିକ ତେଲ ଅଲିଭ ଅଏଲ, ଆଲମଣ୍ଡ ଅଏଲ, କୋକାନଟ୍ ଅଏଲ ଆଦି ତେଲକୁ ପ୍ରତିଦିନ ଭଲଭାବେ ମସାଜ କରିବେ ।
- ♦ ଧ୍ୟାନ ଦେବେ ଆପଣ ବ୍ୟବହାରର କରୁଥିବା କ୍ରିମ୍ ସେ ବିବର୍ଣ୍ଣ ଜାଗାରେ ସକରାତ୍ମକ କାର୍ଯ୍ୟ କରୁଥିବ । ଅର୍ଥାତ ବ୍ୟବହାର କରୁଥିବା କ୍ରିମ ଆପଣଙ୍କ ଦାଗ ହଟାଇବାରେ ସାହାଯ୍ୟ କରିପାରୁଥିବା ନିହାତି ଦରକାର ।
- ♦ ଗଣ୍ଠି ଜାଗାକୁ ହାଲୁକା ମସାଜ କରିବେ । ସବୁବେଳେ ସ୍କ୍ରିବିଂଠାରୁ ଦୂରେଇ ରହିବେ ।
- ♦ ପାରିଲେ ପ୍ରତି ସପ୍ତାହରେ ପେଡ଼ିକିଓର ଓ ମାନିକିଓର କରନ୍ତୁ ।

ଉପର ଲିଖିତ ନିୟମର ସଠିକ୍ ପାଳନ କଲେ ଦେଖିବେ ଆପଣଙ୍କ ବିବର୍ଣ୍ଣ ଗଣ୍ଠିର ରଙ୍ଗ ପରିବର୍ତ୍ତନ ହୋଇ ଆପଣଙ୍କ ତ୍ୱଚାର ରଙ୍ଗ ସହ ସମାନ ହୋଇଯିବ ।

## ସ୍ୱାସ୍ଥ୍ୟ ସମାଚାର

ପିଲାଦିନେ ପାଟିରେ କୌଣସି ସଂକ୍ରମଣ ହୋଇଥିଲେ କିମ୍ବା ଦାନ୍ତରୋଗ ଥିଲେ ଏହା ବୟସାଧିକ୍ୟ ବେଳକୁ ଆଥେରୋସ୍କ୍ଲେରୋସିସ୍ ପରି ଜଟିଳ ହୃଦରୋଗର କାରଣ ହୋଇପାରେ । ଏଥିରେ ଧମନୀର ଭିତର କାନ୍ଥରେ ଚର୍ବିଜାତୀୟ ପଦାର୍ଥ ଜମା ହୋଇଯାଏ । ଏହି ତଥ୍ୟ ଜାମା ନେଟୱର୍କ ଓପନ ପତ୍ରିକାରେ ପ୍ରକାଶିତ । ରକ୍ତ ପରୀକ୍ଷା ଦ୍ୱାରା ଆଲଜାଇମର ରୋଗର ଲକ୍ଷଣ ପ୍ରକାଶ ପାଇବାର ପ୍ରାୟ ଆଠବର୍ଷ ପୂର୍ବରୁ ଏହା ସଂକ୍ରାନ୍ତରେ ଜଣାପଡ଼ିପାରିବ । ଏଥିରେ ରକ୍ତରେ ଏକପ୍ରକାର ପ୍ଲାକ୍ ସୃଷ୍ଟି ହେବା ଲକ୍ଷ୍ୟ କରାଯାଏ । ଏହି ତଥ୍ୟ ଆଲଜାଇମର୍ସ ଆଣ୍ଡ ଡିମେନସିଆ ହାଇଗ୍ନୋସିସ୍, ଆସେସମେଣ୍ଟ ଆଣ୍ଡ ଡିଜିଜ ମନିଟରିଂ ପତ୍ରିକାରେ ପ୍ରକାଶ ପାଇଛି ।

# ଦୈନିକ ଗାଜର, ବିଟ୍ ଓ ସେଓ ଖାଇବା ଦ୍ୱାରା ହୁଏ ନାହିଁ ଏହି ଶାରୀରିକ ସମସ୍ୟା

ଯଦି ଆପଣ ବାରମ୍ବାର ଥକ୍କାପଣ, ମୁଣ୍ଡ ବୁଲାଇବା, ଓଜନ ବଢିବା ଏବଂ ମାଂସପେଶୀ ଦୁର୍ବଳ ଲାଗିବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କର ଥାଇରଏଡ୍ ଥାଇପାରେ ବୋଲି ଧରିନିଅନ୍ତୁ । ଏଭଳି ସମୟରେ ଫାଇବର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ ।

★ ଥାଇରଏଡ୍ ଭଳି ସମସ୍ୟାକୁ ନିଜଠାରୁ ଦୂରେଇବା ପାଇଁ ଦୈନିକ ଗାଜର ଖାଆନ୍ତୁ । ଗାଜରରେ ଆଣ୍ଟିଅକ୍ସିଡେଣ୍ଟସ୍ ଏବଂ ବିଟା କେରୋଟିନ୍ ତତ୍ତ୍ୱ ଥାଏ ଯାହା ଥାଇରଏଡ୍‌ର ହାମୋର୍ସକୁ ନିୟନ୍ତ୍ରିତ କରିଥାଏ । ତେଣୁ ପ୍ରତିଦିନ ଗୋଟିଏ ଲେଖାଁ ଗାଜର ଖାଇଲେ ଥାଇରଏଡ୍‌ରୁ ମୁକ୍ତି ମିଳିବ । ଏଥିରେ ଆଇରନ୍ ଏବଂ ଫାଇବର୍ ଅଧିକ ଥିବାରୁ ଥାଇରଏଡ୍ ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ୨୦ ଦିନ ଲଗାତାର ଗାଜର ଖାଇବେ ତେବେ ଆପଣଙ୍କ ଥାଇରଏଡ୍ ସମସ୍ୟା କମିଯିବ ।

★ ସେଓରେ ମଧ୍ୟ ପେକ୍ଟିନ୍ ଏବଂ ଫାଇବର୍ର ଥାଏ, ଯାହା ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥାଏ । ଦିନରେ ଗୋଟିଏ ବିଟ୍ ମଧ୍ୟ ଖାଇବାକୁ ଚେଷ୍ଟା କରନ୍ତୁ । ଏଥିରେ ଥାଇରଏଡ୍ କମ୍ କରିବାର ତତ୍ତ୍ୱ ଥାଏ । ଏଥିରେ ଇମ୍ୟୁନ୍ ସିଷ୍ଟମ୍ ବଢିଥାଏ ଏବଂ ଥାଇରଏଡ୍ ହରମୋନ୍ ନିୟନ୍ତ୍ରିତ ହୋଇଥାଏ ।

★ ଯେଉଁ ଲୋକଙ୍କଠାରେ ଥାଇରଏଡ୍ ଭଳି ସମସ୍ୟା ଦେଖାଯାଏ ସେମାନେ ଆଖୁ ଖାଆନ୍ତୁ ନାହିଁ । ଥଣ୍ଡାପାନୀୟ, ଦହି, ଚକଲେଟ୍ , କୁକିଜ୍ , ପେଷ୍ଟ୍ରି ଆଦିର ସେବନ କରନ୍ତୁ ନାହିଁ । ଏହାଛଡ଼ା ଅଧିକ ଲୁଣ ଖାଇବା ଦ୍ୱାରା ମଧ୍ୟ ଥାଇରଏଡ୍ ଅଧିକ ବଢିଥାଏ । ଯଦି ଆପଣ ପୂର୍ବରୁ ଏହି ରୋଗରେ ପୀଡିତ ଅଛନ୍ତି ତେବେ ମିଠା, ଲୁଣି, ରାଗ ଅଧିକ ଖାଆନ୍ତୁ ନାହିଁ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଜୁନ୍ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁସ୍ଥ ସାମାଜିକତା ପାଇଁ...


ଅନେକ ବର୍ଷ ପୂର୍ବେ ପ୍ରାୟ ସତୁରି ଅଶୀ ଦଶକରେ ଦେଶରେ ଯେତେବେଳେ ଜନସଂଖ୍ୟା ହୁ ହୁ ହୋଇ ବଢ଼ିବାକୁ ଲାଗିଲା, ଜନସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ କେନ୍ଦ୍ର ସରକାରଙ୍କ ପରିବାର ନିୟୋଜନ କାର୍ଯ୍ୟକ୍ରମର ନାରା ଥିଲା, 'ଆମେ ଦୁଇ, ଆମର ଦୁଇ', ଅର୍ଥାତ ପ୍ରତି ଦମ୍ପତି ଦୁଇରୁ ଅଧିକ ସନ୍ତାନ ଜନ୍ମ ନ ଦେଇ 'ଛୋଟ ପରିବାର, ସୁଖୀ ପରିବାର'ର ନାରା ଭିତରେ ସୀମିତ ରହି ଶାନ୍ତିରେ କାଳାତିପାତ କରିପାରିବେ; ଦେଶର ଜନସଂଖ୍ୟା ବି ନିୟନ୍ତ୍ରିତ ହେବ। ଏଥିପାଇଁ ଗର୍ଭ ନିରୋଧକ ପଦ୍ଧତିଗୁଡ଼ିକୁ ପ୍ରୋତ୍ସାହନ ଦିଆଗଲା, ଅର୍ଥରାଶି ପ୍ରୋତ୍ସାହନ ସହିତ ପରିବାର ନିୟୋଜନ ଅସ୍ତ୍ରୋପଚାର ଇତ୍ୟାଦି କାର୍ଯ୍ୟକ୍ରମ ଚାଲୁ ରହିଲା, ଯାହା ଆପାତତଃ ଅଦ୍ୟାବଧି ପ୍ରଚଳିତ। ତା'ପରେ ପରିବାର ନିୟୋଜନର ନାମ ପରିବର୍ତ୍ତନ କରାଯାଇ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରଖାଗଲା। ସେ ଯାହାହେଉ, ଏସବୁ ନାମ ଓ ପଦ୍ଧତି ମୁଖ୍ୟତଃ ଆପଣା ଯାଉଛି ଜନସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ। କିନ୍ତୁ ନିକଟରେ ଉତ୍ତରପ୍ରଦେଶ ରାଜ୍ୟ ଆଇନ୍ କମିଶନ ଏକ ଚିଠା ଆଇନ୍ ଉପରେ କାର୍ଯ୍ୟ କରୁଛି ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଜନକଲ୍ୟାଣକାରୀ ଲାଭଗୁଡ଼ିକ କେବଳ ଦୁଇଟି ବା ତା'ଠାରୁ କମ୍ ସନ୍ତାନ ଥିବା ପରିବାରମାନଙ୍କ ମଧ୍ୟରେ ସୀମିତ ରଖିବ। ପ୍ରାୟ ଦେଢ଼ ସପ୍ତାହ ପୂର୍ବେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ତାଙ୍କ ସରକାର ଏକ ସମାନ ନୀତି ପ୍ରଣୟନ କରିବେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ ସେ ଏହି କଥା କହିବା ବେଳେ ସଂଖ୍ୟାଲଘୁ ମୁସଲମାନଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଜେପି ସାଂସଦମାନଙ୍କ ଦ୍ୱାରା ୨୦୧୬, ୨୦୧୯ ଏବଂ ୨୦୨୦ରେ ମଧ ସଂସଦଦରେ ଦୁଇ-ସନ୍ତାନ ନୀତିକୁ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସହିତ ଯୋଡ଼ାଯିବା ସମ୍ପର୍କରେ ତିନିଗୋଟି ପୃଥକ୍ ପୃଥକ୍ ବିଲ୍ ଉପସ୍ଥାପିତ କରାଯାଇଥିଲା। ତେବେ, ୨୦୨୦ରେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ଏହି ଆଫିଡେଭିଟ୍ ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ସଂଖ୍ୟକ ସନ୍ତାନ ଜନ୍ମ ନେବାକୁ ବାଧ୍ୟ କରିବା ଧାରଣାର ବିରୋଧ କରିଥିଲା। ତେଣୁ ବିଜେପି ଶାସିତ ରାଜ୍ୟମାନଙ୍କ ଦ୍ୱାରା ଏଭଳି ଏକ ଆଇନ୍ ପ୍ରଣୟନ କରାଯିବା କେତେଦୂର ଫଳବତୀ ହେବ, ତାହା ସମୟ କହିବ, କାରଣ ଏ ଧରଣର ଯେକୌଣସି ଆଇନକୁ ଅଦାଲତର ସମ୍ମୁଖୀନ ହେବାକୁ ବାଧ୍ୟ ପଡ଼ିପାରେ, ଯାହା ସାଧାରଣତଃ ହୋଇଥାଏ।

ଦୁଇ-ସନ୍ତାନ ନୀତିକୁ ପ୍ରଣୟନ କରିବାର ଆଇନ ମଧ୍ୟ ଭାରତୀୟ ସମାଜ ଦୃଷ୍ଟିରୁ ବିବେଚନା କଲେ ତ୍ରୁଟିପୂର୍ଣ୍ଣ ଏବଂ ଭ୍ରମାତ୍ମକ ଧାରଣା ଉପରେ ପର୍ଯ୍ୟବସିତ। ନିକଟରେ ଏକ ସମ୍ବାଦପତ୍ରରେ ପ୍ରକାଶିତ ଗୋଟିଏ ତଥ୍ୟଭିତ୍ତିକ ବିଶ୍ଳେଷଣ ଦର୍ଶାଇଥିଲା ଯେ ଅନେକ ଦିନ ପୂର୍ବେ ହୁ ହୁ ହୋଇ ବଢ଼ିଚାଲିଥିବା ଜନସଂଖ୍ୟା ବର୍ତ୍ତମାନ ନିମ୍ନଗତି ଆପଣାଇଛି। ଜାତୀୟ ପରିବାର ଏବଂ ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁସାରେ ମୋଟ ପ୍ରଜନନ ହାର (ଟିଏଫ୍ଆର) ୧୯୯୨-୯୩ରେ ୩.୪ ଥିବାବେଳେ ୨୦୧୫-୧୬ ବେଳକୁ ଏହା ଉଲ୍ଲେଖନୀୟ ଭାବରେ ହ୍ରାସ ପାଇ ପହଂଚିଥିଲା ୨.୨ରେ। ଏହି ନିମ୍ନଗତି କେବଳ ଯେ ହିନ୍ଦୁମାନଙ୍କ ମଧ୍ୟରେ ଦେଖାଦେଇଛି, ତା'ନୁହେଁ, ମୁସଲମାନଙ୍କ ମଧ୍ୟରେ ବି ଏହି ସମାନ କଥା ଦେଖିବାକୁ ମିଳିଛି। ପାରିବାରିକ ସମ୍ପତ୍ତି ଏବଂ ଶିକ୍ଷାରେ ବୃଦ୍ଧି ସତ୍ତ୍ୱେ ମୁସଲମାନଙ୍କ ମଧ୍ୟରେ ଟିଏଫ୍ଆର ଯଦିଓ ଅଧିକ ରହିଥିବା କଥା ସତ୍ୟ, କିନ୍ତୁ ଏ କ୍ଷେତ୍ରରେ ହିନ୍ଦୁ-ମୁସଲମାନ ପାର୍ଥକ୍ୟ ମଧ୍ୟ ସମୟ ସହିତ ତାଳ ଦେଇ କମି ଆସିଛି। ସଂକ୍ଷେପରେ କହିଲେ, ସାମ୍ପ୍ରତିକ ସମୟରେ ଯେଉଁ ମୁସଲମାନ-ନିର୍ଦ୍ଦିଷ୍ଟ ରାଜନୀତିକ ମନୋଭାବଟି ଉପରୋକ୍ତ ଆଇନକୁ ପ୍ରଚୋଦିତ କରୁଛି, ତାହା ତଥ୍ୟ ଆଧାରିତ ବୋଲି କ୍ୱଚିତ୍ କହିହେବ। ପୁନଶ୍ଚ, ଯେଉଁ ଆଇନ୍ ଦୁଇ ସନ୍ତାନରୁ ଅଧିକ ସନ୍ତାନ ଥିବା ପରିବାରଗୁଡ଼ିକୁ କୌଣସି ଏକ କଲ୍ୟାଣକାରୀ ଯୋଜନାରୁ ବଂଚିତ କରିବ, ତାହା ଅବଶ୍ୟ ଅସମାନୁପାତିକ ଭାବରେ ଗରିବ ଏବଂ ସ୍ୱଳ୍ପଶିକ୍ଷିତ ଲୋକମାନଙ୍କୁ ଦଣ୍ଡିତ କରିବ। କହିବା ଅସମୀଚୀନ ହେବନାହିଁ ଯେ ଏହା ଏକ ଦମନମୂଳକ ନୀତି ହେବ, ଯେହେତୁ ଏହି ବର୍ଗର ଲୋକମାନେ ହିଁ ସରକାରଙ୍କ ସହାୟତା ଅଧିକ ଆବଶ୍ୟକ କରିଥାନ୍ତି। ଏହା ବାଦ୍ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଯେଉଁ ରାଜନେତାମାନେ ରାଜନୀତିକ ଫାଇଦା ପାଇବା ନିମନ୍ତେ ଏଭଳି ଏକ ଆଇନ୍ ପ୍ରଣୟନ କରାଯିବା ସପକ୍ଷରେ ରହିଛନ୍ତି, ସେମାନେ ଜାଣି ରଖିବା ଆବଶ୍ୟକ ଯେ ସେମାନେ ଏକ ଭ୍ରାନ୍ତ ଧାରଣା ଭିତରେ ରହିଛନ୍ତି, ଯେହେତୁ ଦୁଇ ବା ତତୋଧିକ ସନ୍ତାନ ଥିବା ପରିବାରମାନଙ୍କ ମଧ୍ୟରେ ରହିଛନ୍ତି ୮୩ ପ୍ରତିଶତ ହିନ୍ଦୁ। ତେଣୁ ରାଜନେତାମାନେ ଜନସଂଖ୍ୟା ବୃଦ୍ଧି ସହିତ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ବିନର୍ବ୍ୟୟକୁ ରୋକିବା ନିମନ୍ତେ ଏଭଳି ଏକ ଆଇନ୍ ପ୍ରଣୟନ କରିବା ପରିବର୍ତ୍ତେ ଅନ୍ୟାନ୍ୟ ଜନସାଂଖ୍ୟିକ ଆହ୍ୱାନଗୁଡ଼ିକ ଯଥା ଆମର ଯୁବ ବର୍ଗଙ୍କୁ ସର୍ବୋତ୍କୃଷ୍ଟ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍। ବର୍ତ୍ତମାନ ଦେଶର ଅଧାଅଧି ଜନସଂଖ୍ୟା ତିରିଶ ବର୍ଷରୁ ଅଧିକ ଥିବା ଖୋଦ୍ ଭାରତ ସରକାରଙ୍କ ଆକଳନ କହୁଛି। ଅର୍ଥାତ ଭାରତବର୍ଷ ବର୍ତ୍ତମାନ ଯୁବ ବର୍ଗଙ୍କ ଦେଶ। ଏହା ଆମର ଜନସାଂଖ୍ୟିକ ଲାଭ। ତେଣୁ ଏହି ବିପୁଳ ସଂଖ୍ୟକ ଲୋକଙ୍କୁ ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ଦେଇ ସମର୍ଥ ମାନବ ସମ୍ବଳରେ ପରିଣତ କରିବା ଉପରେ ନିର୍ଭର କରୁଛି ଦେଶର ଭବିଷ୍ୟତ; ଅହେତୁକ ଆଶଙ୍କା ଉପରେ କ୍ୱଚିତ୍ ଏହା ନିର୍ଭର କରେ।

## କବିତା କୋଣାର୍କ

### ବରଷା ଆସିଛି ଧରାକୁ

ନିରଞ୍ଜନ ପତି



ବରଷା ଋତୁଟି ଆସିଛି ଧରାକୁ
ବରଷି ଦେଉଛି ପାଣି,
କଳା ବାଦଲଟା ଅକାଶରେ ଭାସେ
ମେଘର ଓଢ଼ଣା ଟାଣି।
ବରଷା ବାଦଲ ବିଜୁଳି କୁ ଦେଖି
ଛମ୍ ଛମ୍ ନାଚେ କେକୀ,
ବେଙ୍ଗୁଲି କରୁଛି ଝିଅ ବାହାଘର
ବନ୍ଧୁ ବାନ୍ଧବଙ୍କୁ ଡାକି।
ନଦୀରେ ଆସିଲା ମାଟି ଗୋଳି ପାଣି
ଭିତରେ ଡେଇଁଛି ମାଛ,
ଚାଷ କରି ରୁଏ ବିଲରେ କୃଷକ
ଲଙ୍କା ବାଇଗଣ ଗଛ।
ବିଦ୍ୟାଳୟ ଚାଟ ପିନ୍ଧିଲେ ବର୍ଷାତି
ହାତରେ ଧରିଲେ ଛତା,
କାଦୁଅ ଦାଣ୍ଡରେ ଚାଲିବାକୁ ଭିଡ
ପାଦରେ ପିନ୍ଧିକି ଜୋତା।
ଝଡ଼ି ଲାଗିରହେ ଦୁଇ ଚାରିଦିନ
ସୂରୁଜ ନଦିଏ ଦେଖା
ପାଣିରେ ଭସାନ୍ତି କାଗଜର ଡଙ୍ଗା
ପିଲେ ଧରି ସାଙ୍ଗ ସଖା।
ସାଧବର ବୋହୂ ଲାଜରେ ଆସୁନି
(ଏବେ) ଚାଲୁନି ପଡିଆ ବିଲେ,
ନଦୀ ବଢି ଦୁଃଖ ଦେବଟି ଲୋକଙ୍କୁ
ଅଧିକ ବରଷା ହେଲେ।
ବରଷା ଦିନିଆ ପନିପରିବାରେ
ହସିବ ଏଦିନେ କ୍ଷେତ
ଏଦିନରେ ଦେହ ଯତନ ନବାକୁ
ପିଲାଏ ଟିକିଏ ଚେତ।

+ଗାନ୍ଧୀମାର୍ଗ, ଅନୁଗୋଳ
ମୋ-୯୯୩୮ ୧୩୩୫୫୯

## ଓଡିଶା ମହାଗୌରବ ଇତିହାସ କଥା !!

ଭରତ ଚନ୍ଦ୍ର ଦାସ

୨୯ ଜୁନ ୧୪୩୫ ଖ୍ରୀଷ୍ଟାବ୍ଦ । ଏହି ଦିବସରେ ଓଡିଆ ସାମ୍ରାଜ୍ୟର ନିର୍ମାତା ଏବଂ ମଧ୍ୟଯୁଗୀୟ ଭାରତର ସର୍ବଶ୍ରେଷ୍ଠ ଜାତୀୟ ବୀର ସମ୍ରାଟ କପିଳେନ୍ଦ୍ର ଦେବଙ୍କୁ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟସ୍ଥ 'ପାପନାଶିନୀ ପୁଷ୍କରଣୀ' କୂଳରେ ଓଡିଶାର ଗଜପତି ରୂପେ ଅଭିଷେକ କରାଯାଇଥିଲା । ଏହା ଥିଲା ଓଡିଶା ଏବଂ ଭାରତ ଇତିହାସର ଏକ ମହାନ ଦିବସ । ଏହା ଥିଲା ଓଡିଆ ମହାଜାତିର ଅନ୍ୟ ଏକ ଗୌରବମୟ ଯୁଗର ଶୁଭାରମ୍ଭର ଦିବସ । ଏହି ସମୟର କାଳଗଣନା ପାଇଁ ପ୍ରଚଳିତ ହୋଇଥିଲା 'କପିଳାବ୍ଦ'ର ଗଣନା । ଓଡିଶାର ପିକାରମାନେ ଉତ୍କଳୀୟ ପିକା ମାନଙ୍କରେ ଏହା ଉଲ୍ଲେଖ କରିଆସୁଥିଲେ । ମାତ୍ର ବିଗତ କିଛି ବର୍ଷ ହେଲା ଏକା କରା ନ ଯିବା ବାସ୍ତବିକ ଦୁଃଖ ଏବଂ ଦୁର୍ଭାଗ୍ୟର ବିଷୟ । ଏକ ପତନମୁଖୀ ଜାତି ହିଁ ନିଜର ଗୌରବମୟ ଇତିହାସକୁ ଭୁଲିଯାଏ ସିନା ! ମାତ୍ର ଏହା ଅତ୍ୟନ୍ତ ସୁଖର କଥା ଯେ-ବିଗତ କିଛିବର୍ଷ ହେଲା ଭାରତ ଇତିହାସ କଂଗ୍ରେସ ଶାଖା- ଓଡିଶା ଇତିହାସ କଂଗ୍ରେସ ଦ୍ୱାରା ଭୁବନେଶ୍ୱରଠାରେ ପ୍ରତିବର୍ଷ ୨୯ ଜୁନ୍ ଦିବସକୁ ଓଡିଶା ଇତିହାସ ଦିବସ ରୂପେ ପାଳନ କରାଯାଉଅଛି ।

ଏହା ଇତିହାସର ସତ୍ୟ ଯେ ଆମେ ଓଡିଆମାନେ ବିଶ୍ୱର ଏକ ପ୍ରାଚୀନତମ ମହାଜାତି ! ଓଡିଶା ମହାଗୌରବର ଇତିହାସ ହିଁ ଓଡିଆ ମହାଜାତିର ପରିଚୟ! 'ଆଗଙ୍ଗା ଗୋଦାବରୀ ଆସମୁଦ୍ର ବିନ୍ଧ୍ୟ' ପରିବ୍ୟାପ୍ତ ସୁବିଶାଳ ଏବଂ ସୁପ୍ରାଚୀନ ଓଡିଶା ହିଁ ଓଡିଆ ମହାଜାତିର ଆଦି ବାସଭୂମି ! ପରମ ପବିତ୍ର ଜନ୍ମଭୂମି! ପୂର୍ଣ୍ଣରୂପା ଉତ୍କଳ ଜନନୀ !! ଏହି ମହାନ ସୁବିଶାଳ ଭୂମି କଳିଙ୍ଗ ତଥା ଉତ୍କଳ ବା ଓଡିଶା ମହାରାଜ୍ୟ ନାମରେ ମହା ଗୌରବମଣ୍ଡିତ ହୋଇଅଛି । ଏଣୁ ଭାରତବର୍ଷର ପ୍ରାଚୀନ ଶାସ୍ତ୍ର କପିଳ ସଂହିତାରେ ଘୋଷିତ ହୋଇଛି ଯେ-

କର୍ଷାଣାଂ ଭାରତଶ୍ରେଷ୍ଠଃ
ଦେଶାନାଂ ଉତ୍କଳ ସ୍ମୃତଃ
ଉତ୍କଳସ୍ୟ ସମୋଦେଶୋ
ଦେଶୋନାସ୍ତି ମହାତଳେ !!

ଅର୍ଥାତ୍ ବର୍ଷ ବା ମହାଦେଶମାନଙ୍କ ମଧ୍ୟରେ ଭାରତ ଶ୍ରେଷ୍ଠ । ଦେଶମାନଙ୍କ ମଧ୍ୟରେ ଉତ୍କଳ ଶ୍ରେଷ୍ଠ । ଉତ୍କଳ ସମ ଦେଶ ମହୀତଳେ ବା ସାରାଜଗତରେ ନାହିଁ !! ବୋଧହୁଏ ଏହାହିଁ ମାତ୍ର ଗୋଟିଏ ଶ୍ଳୋକରେ ଓଡିଶା ମହାଗୌରବର ଇତିହାସ, ଯଦିଓ ଏଥିପାଇଁ ଅସରନ୍ତି ଗ୍ରନ୍ଥମାନ ଲେଖାଯାଇପାରେ । ଓଡିଶା ଯୁଗେ ଯୁଗେ ଶ୍ରେଷ୍ଠ କାରଣ ଏଠି ବିରାଜିତ ସ୍ୱୟଂ ମହାପ୍ରଭୁ ଜଗନ୍ନାଥ । ସମସ୍ତ ଜଗତର ନାଥ ଏକ ଏବଂ ଅଦ୍ୱିତୀୟ ବ୍ରହ୍ମ ବା ଈଶ୍ୱର !! ବିଶ୍ୱର ପ୍ରାଚୀନତମ ମହାନ ଶାସ୍ତ୍ରୀୟ ଭାଷା ହିଁ ଓଡିଆ ଭାଷା । ଓଡିଆ ଭାଷା ହିଁ ଓଡିଆ ମହାଜାତିର ପ୍ରକୃତ ଅସ୍ତିତ୍ୱ ଏବଂ ଅସଲ ପ୍ରାଣ ସଞ୍ଚାରକାରୀ ଶକ୍ତି ! ଏହା ଆମେ ପ୍ରତ୍ୟେକ ଓଡିଆ ନିଶ୍ଚୟ ଜାଣିବା ଉଚିତ ଏବଂ ଏହି ପରିଚୟ ଏବଂ ଠିକଣା ସହିତ ଆମେ ଓଡିଆ ଆଜିର ବିଶ୍ୱରେ ମୁଣ୍ଡଟେକି ଅଗ୍ରସର ହୋଇପାରିବା ନିଶ୍ଚୟ । ପ୍ରାଚୀନ ବିଶ୍ୱର ସର୍ବଶ୍ରେଷ୍ଠ ନରପତି ସମ୍ରାଟ ଖାରବେଳଙ୍କ କଳିଙ୍ଗ ସାମ୍ରାଜ୍ୟ: ପ୍ରାଚୀନ ଯୁଗରେ ରାମାୟଣ ବା ମହାଭାରତ ଯୁଗ ପୂର୍ବରୁ ମଧ, କଳିଙ୍ଗବାସୀ ବିଶ୍ୱର ପ୍ରାଚୀନତମ ସାମୁଦ୍ରିକ ନୌବାଣିଜ୍ୟକାରୀ ଏବଂ 'କଳିଙ୍ଗା ସାହସିକା' ବୋଲି ପ୍ରସିଦ୍ଧି ଲାଭ କରିଥିଲେ । ଖ୍ରୀଷ୍ଟପୂର୍ବ ୨୬୧ରେ ମଗଧ ସମ୍ରାଟ ଚଣ୍ଡାଶୋକ କଳିଙ୍ଗର ସାମୁଦ୍ରିକ ନୌବାଣିଜ୍ୟର ସମୃଦ୍ଧି ପ୍ରତି ଈର୍ଷାନ୍ୱିତ ଏବଂ ଲୋଭାନ୍ୱିତ ହୋଇ ବିଶାଳ ସେନା ସହିତ ଆସି 'ଚିରଅବିଜିତ କଳିଙ୍ଗ'କୁ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ସଂଘଟିତ ହୋଇଥିଲା ପ୍ରାଚୀନ ବିଶ୍ୱର ସବୁଠାରୁ ଭୟାବହ ଯୁଦ୍ଧ । ଏହି ମହାଯୁଦ୍ଧରେ କଳିଙ୍ଗର ଲକ୍ଷାଧିକ ବୀରଯୋଦ୍ଧା ନିଜ ଜନ୍ମମାଟିର ସ୍ୱାଧୀନତା ପାଇଁ ଶେଷ ରକ୍ତବିନ୍ଦୁ ଦେଇ ଲଢିଥିଲେ ଏବଂ ଚଣ୍ଡାଶୋକର କଳିଙ୍ଗ ଆକ୍ରମଣକୁ ବାସ୍ତବରେ ପ୍ରତିହତ କରିଥିଲେ । କାରଣ ଚଣ୍ଡାଶୋକ କଳିଙ୍ଗର ବୌଦ୍ଧଧର୍ମ ଗ୍ରହଣ କରି ମଗଧ ଫେରିବାକୁ ବାଧ ହୋଇଥିଲେ । କଳିଙ୍ଗମାଟିର ସେହି ଲକ୍ଷ ବୀରସହିଦମାନଙ୍କ ରକ୍ତର ଆହ୍ୱାନରେ ହିଁ ଏହି ବୀରପ୍ରସବିନୀ କଳିଙ୍ଗମାଟିରେ ଜନ୍ମ ହୋଇଥିଲେ - ବିଶ୍ୱ ଇତିହାସର ଅପରାଜେୟ ଦିଗ୍‌ବିଜୟୀ ବୀର ଖାରବେଳ । ମହାମେଘବାହନ ଐର ଖାରବେଳ!! କଳିଙ୍ଗ ସମ୍ରାଟ ଖାରବେଳ !! ସେ କଳିଙ୍ଗର ପୁନଃ ନିର୍ମାଣ କରି ସମସ୍ତ କଳିଙ୍ଗବାସୀଙ୍କ ଏକ ଅପରାଜେୟ ସମରକୁଶଳୀ ମହାଜାତି ରୂପେ ସୁସଂଗଠିତ କରିଥିଲେ। (ମାତ୍ର ଆଜିର ଭାରତୀୟ ସେନାରେ ଏହି ମହାଜାତିର ଏକ ସ୍ୱତନ୍ତ୍ର ରେଜିମେଣ୍ଟ ଗଠନ ହୋଇପାରିନଥିବା ବାସ୍ତବିକ ବିଡମ୍ବନାର ବିଷୟ ।)


ଖ୍ରୀଷ୍ଟପୂର୍ବ ୧୦୦ ସମୟରେ କଳିଙ୍ଗ ସମ୍ରାଟ ଖାରବେଳ ହିଁ ସର୍ବପ୍ରଥମେ ଏକାଧିକ ଗଣରାଜ୍ୟରୂପେ ପୂର୍ବରୁ ଥିବା କଳିଙ୍ଗକୁ ଏକତ୍ରିତ କରି ଏକ ସୁଦୃଢ଼ ଶକ୍ତିଶାଳୀ ସୁବିଶାଳ 'କଳିଙ୍ଗ'ର ନିର୍ମାଣ କରିଥିଲେ । ଉତ୍ତରରେ ଗଙ୍ଗାନଦୀ, ଦକ୍ଷିଣରେ ଗୋଦାବରୀ ନଦୀ, ପୂର୍ବରେ ମହୋଦଧି ବା କଳିଙ୍ଗ ସାଗର (ଆଜି ଯାହାକୁ ବଙ୍ଗୋପସାଗର ବୋଲି କୁହାଯାଉଛି ପରାଧୀନ ଭାରତବର୍ଷରେ ଇଂରେଜ ମାନଙ୍କ ଦ୍ୱାରା ନାମିତ ହୋଇ) ପଶ୍ଚିମରେ ବିନ୍ଧ୍ୟ ପର୍ବତମାଳା ହିଁ କଳିଙ୍ଗର ସୀମା ନିର୍ଦ୍ଧାରଣ କରିଆସିଛି (୧୫୬୮ ଖ୍ରୀଷ୍ଟାବ୍ଦରେ ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସୁଦୀର୍ଘ ୧୬୦୦ ବର୍ଷ ଧରି!! ପ୍ରାଚୀନ ଏବଂ ମଧ୍ୟଯୁଗର ଭାରତ ମାନଚିତ୍ରମାନଙ୍କ ଆମେ ଏହା ସ୍ପଷ୍ଟ ଦେଖିପାରିବା । ବିଶ୍ୱମାନଚିତ୍ରବିତ୍ ଥମାସ ଲେସ୍‌ମ୍ୟାନ୍‌ଙ୍କ changing map of India ରେ ଏହି ସୁବିଶାଳ କଳିଙ୍ଗର ମାନଚିତ୍ର ସାରା ବିଶ୍ୱ ପାଇଁ ଆଜି ଉପଲବ୍ଧ ।

କଳିଙ୍ଗର ସ୍ୱର୍ଦ୍ଧିତ ସ୍ୱାଭିମାନ ରୂପେ ସମ୍ରାଟ ଖାରବେଳ କଳିଙ୍ଗର ଚତୁରଙ୍ଗବଳର (ରଥିକ, ଗଜାରୋହୀ, ଅଶ୍ୱାରୋହୀ ଏବଂ ପଦାତିକ ମାନଙ୍କର) ଏକ ବିଶାଳ ସେନା ସହିତ ଆଜି ପାକିସ୍ଥାନ, ବାଂଲାଦେଶ ଏବଂ ଆଫଗାନିସ୍ଥାନ ବୋଲି କୁହାଯାଉଥିବା ଦେଶମାନଙ୍କରେ, ୫ଥର ମହାବିଜୟ ଅଭିଯାନ କରିଥିଲେ ।

(କ୍ରମଶଃ)

+ସଭାପତି, କଳିଙ୍ଗ ବିକାଶ ପରିଷଦ
ମୋ-୯୪୩୯୭୩୩୬୫୬

## ଆସୁଛି କରୋନାର ତୃତୀୟ ଲହର



ସୁବାସ କୁମାର ତାରଣିଆଁ

ବର୍ତ୍ତମାନ ସାରା ବିଶ୍ୱ କରୋନାର ଦ୍ୱିତୀୟ ଲହର ସହ ସଂଘର୍ଷ ଜାରି ରଖିଛି। କରୋନାର ଦ୍ୱିତୀୟ ଲହର ପ୍ରଥମ ଲହର ଅପେକ୍ଷା ଅଧିକ ଘାତକ ସାବ୍ୟସ୍ତ ହୋଇଛି। ସଂକ୍ରମଣ ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏହି ଭୟବହତା ଲୋକଙ୍କ ମନରୁ ଦୂର ନହେଉଣୁ, କରୋନାର ତୃତୀୟ ଲହର ପ୍ରବେଶ ଅବଶ୍ୟମ୍ଭାବୀ ବୋଲି କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ଡ. କେ. ବିଜୟ ରାଘବନ ସତର୍କ କରାଇ ଦେଇଛନ୍ତି। କରୋନାର ତୃତୀୟ ଲହର କେବେ ପ୍ରବେଶ କରିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେବେ ଏଥିଲାଗି ଏବେଠାରୁ ପ୍ରସ୍ତୁତ ଓ ସତର୍କ ରହିବାକୁ ପରାମର୍ଶ ଦେବା ସହିତ ଏଥିରେ ଅବହେଳା କଲେ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ରାଘବନ ଚେତାବନୀ ଦେଇଛନ୍ତି। କରୋନା ମୁକାବିଲା ନିମନ୍ତେ ବର୍ତ୍ତମାନ ଚାଲିଥିବା ଅନୁସନ୍ଧାନ ଜାରି ରହିବା ଉଚିତ। ଏଥିସହିତ ନୂଆ ଷ୍ଟ୍ରେନ୍ ବିରୋଧରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ଟୀକାର ନବୀକରଣ ନିତାନ୍ତ ଜରୁରୀ। ନଚେତ ଏଥିପାଇଁ ବହୁ ମୂଲ୍ୟ ଦେବାକୁ ପଡ଼ିପାରେ। ବର୍ତ୍ତମାନ କୋଭିଡ଼ର ଦ୍ୱିତୀୟ ଲହରରେ ଭାରତରେ ସଂକ୍ରମଣ ସଂଖ୍ୟା ଶୀର୍ଷରେ ପହଞ୍ଚିଛି। ଦୈନିକ ପାଖାପାଖି ୪ ଲକ୍ଷରୁ ଉର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ୩ ହଜାରରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କରୁଛନ୍ତି। ଏବେ ବିଶ୍ୱରେ ଦୈନିକ ସଂକ୍ରମିତଙ୍କ ମଧ୍ୟରୁ ହାରାହାରି ୫୦ ପ୍ରତିଶତ କେବଳ ଭାରତରେ ଚିହ୍ନଟ ହେଉଛନ୍ତି। ତେବେ ସରକାରଙ୍କ ଦ୍ୱାରା ସଂଗୃହିତ ତଥ୍ୟ ଠାରୁ ବାସ୍ତବ ସଂଖ୍ୟା ତା'ଠାରୁ ଢେର ଅଧିକ ବୋଲି ଶୁଣିବାକୁ ମିଳୁଛି। ଯଦିଓ ଦେଶରେ ଏବେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି, କିନ୍ତୁ ମୃତ୍ୟୁ ସଂଖ୍ୟାରେ ରୋକ ଲଗାଯାଇ ପାରିନାହିଁ ଏବଂ ବିପଦ ସମ୍ପୂର୍ଣ୍ଣ ଟଳିନି। ହୁଏତ ପୁଣି ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବ, ଏହାକୁ ଏଡ଼ାଇ ହେବନାହିଁ। କରୋନାର ତୃତୀୟ ଲହର ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସରେ ପ୍ରବେଶ କରିପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ, ମାସ୍କ ପିନ୍ଧି, ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ସଚେତନ ହେବାକୁ ପଡ଼ିବ।

କରୋନା ମହାମାରୀ ଦ୍ୱିତୀୟ ଲହର ଆଗକୁ ଆହୁରି ଘାତକ ରୂପ ଧାରଣ କରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟସଂଗଠନ 'ହୁ' ସତର୍କ କରାଇ ଦେଇଥିଲେ ଯାହା ବାସ୍ତବରେ ପରିଣତ ହୋଇସାରିଛି। ଚଳିତବର୍ଷ କରୋନାର ଦ୍ୱିତୀୟ ବର୍ଷ ଚାଲିଥିବାରୁ ଏବର୍ଷ ଆହୁରି ଅନେକ ଲୋକ ବିଶ୍ୱବ୍ୟାପୀ ପ୍ରାଣ ହରାଇବାର ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩ କୋଟି ୧ ଲକ୍ଷ ୩୪ ହଜାର ୪୪୫କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩ ଲକ୍ଷ ୯୩ ହଜାର ୩୧୦କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮ ଲକ୍ଷ, ୯୩ ହଜାର ୫୦୮କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩ ହଜାର ୮୧୦କୁ ବୃଦ୍ଧି ପାଇଛି। କରୋନାର ଏହି ସଙ୍କଟମୟ ପରିସ୍ଥିତିରେ ଏ ସମ୍ପର୍କିତ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ହସ୍ପିଟାଲରେ ଅମ୍ଳଜାନ ଏବଂ ଅଗ୍ନି ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ସ୍ୱାଭାବିକ ଅବସ୍ଥା ଫେରିବା ଯାଏ ଟୀକାକରଣ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ଼ ସ୍ଥିତି ସମୀକ୍ଷା କରିବା ଅବସରରେ କହିଛନ୍ତି। ଟୀକାକରଣ କାର୍ଯ୍ୟକ୍ରମ ସବୁଠାରୁ ଗୁରତ୍ୱପୂର୍ଣ୍ଣ ବୋଲି କହିବା ସହ ଏଥିରେ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା କରିବା, ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

କରୋନାର ଦ୍ୱିତୀୟ ଲହରରେ ଦେଶବ୍ୟାପୀ ଡ଼ାକ୍ତରଖାନାରେ ଶଯ୍ୟାର ଘୋର ଅଭାବ, ଆବଶ୍ୟକ ସଂଖ୍ୟକ ଆଇସିୟୁର ସଙ୍କଟ ଏବଂ ଅମ୍ଳଜାନର ଘୋର ସଙ୍କଟ ଦେଖା ଦେଇଥିବାରୁ ଡ଼ାକ୍ତରଖାନା ଗୁଡ଼ିକରେ ଚିକିତ୍ସାଧୀନ ରୋଗୀ ପ୍ରାଣ ହରାଉଛନ୍ତି। ଏପରି ଅମ୍ଳଜାନର ଅଭାବ ହେତୁ ବହୁ ଡ଼ାକ୍ତରଖାନା ସଂକ୍ରମିତଙ୍କୁ ଚିକିତ୍ସା କରିବାକୁ ମନା କରିଦେଉଛନ୍ତି। ଫଳରେ ଚିକିତ୍ସା ନ ପାଇ ମୃତସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ମୃତ୍ୟୁ ସଂଖ୍ୟା ଏତେ ପରିମାଣରେ ବୃଦ୍ଧି ପାଉଛି ଯେ, ଶ୍ମଶାନର ଅଭାବ ପରିଲକ୍ଷିତ ହୋଇଛି। ଶ୍ମଶାନ ଅଭାବରୁ କରୋନା ମୃତକଙ୍କୁ ନଦୀରେ ଭସାଇ ଦିଆଯାଉଛି। ଅପରପକ୍ଷରେ କରୋନାର ଦ୍ୱିତୀୟ ଲହର ଯୁବପିଢିଙ୍କୁ ଅଧିକ ପରିମାଣରେ ସଂକ୍ରମିତ କରୁଛି। ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୩୦ ପ୍ରତିଶତ ହେଉଛନ୍ତି ଯୁବଗୋଷ୍ଠୀ। ସାଧାରଣତଃ ବୟସ୍କଙ୍କ ତୁଳନାରେ ଯୁବପିଢିଙ୍କଠାରେ କରୋନାର ପ୍ରବଣତା କମ୍ ଥିବାର ଜଣାପଡ଼ିଛି। କିନ୍ତୁ କରୋନାରୁ ସୁସ୍ଥ ହେବା ପରେ ମଧ ଯୁବପିଢିଙ୍କ ଠାରେ ୫ ସପ୍ତାହ ପର୍ଯ୍ୟନ୍ତ ଶାରୀରିକ ଜଟିଳତା ଦେଖାଦେଉଥିବା ଜଣାପଡ଼ିଛି। ଶ୍ୱାସକ୍ରିୟା, ଯକୃତ, ଫୁସ୍‌ଫୁସ୍ ଗୁରୁତର ଭାବେ ପ୍ରଭାବିତ ହେଉଛି ଏବଂ ସେମାନେ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହେଉଛନ୍ତି। କରୋନା ଭୂତାଣୁ ବାରମ୍ବାର ରୂପ ପରିବର୍ତ୍ତନ କରୁଛି। ଏଥିପାଇଁ ବିଶ୍ୱର ସମସ୍ତ ବୈଜ୍ଞାନିକମାନେ ଏହି ଭୂତାଣୁର ପ୍ରକରଣକୁ ନେଇ ତର୍ଜମା କରିବା ସହିତ ଏହାକୁ ସଠିକ୍ ଭାବେ ଚିହ୍ନଟ କରିବା ପାଇଁ ପ୍ରୟାସ ଦରକାର ଏବଂ ଏହାକୁ ମୁକାବିଲା କରିବା ପାଇଁ ଗବେଷଣା ଏବେଠୁ ଜାରି ରଖିବାକୁ ପଡ଼ିବ।

ଏବେ ଦେଖାଯାଉଛି ଯେ, ଶିଶୁମାନେ ଅଧିକ କରୋନାରେ ସଂକ୍ରମିତ ହେଉଛନ୍ତି। ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରରେ ନିଶ୍ଚିତଭାବେ ସଂକ୍ରମଣ ବହୁତ ଅଧିକ ରହିଛି। କାରଣ ପ୍ରଥମ ଲହରରେ ଶିଶୁମାନଙ୍କ ସଂକ୍ରମଣ ୨ରୁ ୩ ପ୍ରତିଶତ ରହିଥିବା ବେଳେ ଦ୍ୱିତୀୟ ଲହରରେ ଏହା ୧୦ରୁ ୧୫ ପ୍ରତିଶତକୁ ବୃଦ୍ଧି ପାଇଛି। ପ୍ରାୟତଃ ୧୦ ବର୍ଷରୁ କମ୍ ଶିଶୁମାନଙ୍କ ଭିତରେ ସମୁଦାୟ ସଂକ୍ରମିତ ହାର ତୁଳନାରେ ୫ ପ୍ରତିଶତରୁ କମ୍ ଥିଲା ଯାହା ବର୍ତ୍ତମାନ୧୦ରୁ ୧୫ ପ୍ରତିଶତରେ ପହଞ୍ଚିଛି। ଫଳରେ ଶିଶୁମାନଙ୍କ ପ୍ରତି ବିପଦ ଘନେଇବାରେ ଲାଗିଛି। ତେଣୁ ବର୍ତ୍ତମାନ ସରକାର ଶିଶୁମାନଙ୍କ ସୁରକ୍ଷା ପାଇଁ ଅଧିକ ଯତ୍ନବାନ ହେବା ଦରକାର। ରାଜ୍ୟରେ ଶିଶୁମାନଙ୍କୁ କରୋନାରୁ ବିପଦମୁକ୍ତ କରିବା ପାଇଁ ଏବେଠୁ ବଳିଷ୍ଠ ପଦକ୍ଷେପ ନେବା ଦରକାର। ଶିଶୁ ବିଶେଷଜ୍ଞମାନଙ୍କୁ ନେଇ ସୁଚିନ୍ତିତ ଯୋଜନା ପ୍ରଣୟନ କରିବା ଜରୁରୀ ହୋଇପଡ଼ିଛି। ଏଥିପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେବା ଦରକାର। କରୋନାର ଏଭଳି ତାଣ୍ଡବ ସମୟରେ ସାମାଜିକ ଦୂରତ୍ୱ ନୁହେଁ, ବରଂ ଶରୀରିକ ଦୂରତ୍ୱ ରଖିବା ଦରକାର। ପ୍ରଥମ ଲହରରେ ଶିଶୁମାନଙ୍କ କ୍ଷେତ୍ରରେ ଘାତକ କରୋନା ହେବା ବା ଡ଼ାକ୍ତରଖାନାରେ ଭର୍ତ୍ତି ହେବା କମ୍ ଦେଖା ଦେଇଥିଲା, ହେଲେ ଏଥର କିନ୍ତୁ ଦ୍ୱିତୀୟ ଲହରରେ ଶିଶୁ ଅଧିକ ଆକ୍ରାନ୍ତ ହେଉଛନ୍ତି। ବୟସ୍କ ଓ ଶିଶୁ ଆକ୍ରାନ୍ତଙ୍କ କ୍ଷେତ୍ରରେ ଲକ୍ଷଣ କିନ୍ତୁ ଭିନ୍ନ ଭିନ୍ନ ରହିଛି। ଯେମିତି ଜ୍ୱର, ଗଳା ଦରଜ ହେବା, ମୁଣ୍ଡ ବିନ୍ଧିବା, ଗୋଡ଼ହାତ ଘୋଳାବିନ୍ଧା ହେବାର ନଜିର ରହିଛି। ପୂର୍ବରୁ ସାରା ବିଶ୍ୱରେ ଯେତେସବୁ ଅସାଧ ରୋଗ ଦେଖାଦେଇଥିଲା, ସେ ସମୟରେ ଏଭଳି ପରିବେଶ ଓ ପରିସ୍ଥିତି କେବେ ସୃଷ୍ଟି ହୋଇନଥିଲା, ଯେମିତି ବର୍ତ୍ତମାନ ମହାମାରୀ କରୋନା ସମୟରେ ଘଟୁଛି। ସମୟ ଏପରି ହୋଇଛି କରୋନା ପାଇଁ ଛୁଆଁ ଅଛୁଆଁ ଭେଦଭାବ ସୃଷ୍ଟି ହୋଇଛି। କରୋନା ରୋଗୀଟିଏ ମୃତ୍ୟୁବରଣ କଲେ ତାକୁ କାନ୍ଧ ଦେବାକୁ କେହି ରାଜି ହେଉନାହାଁନ୍ତି। ସାହି ପଡ଼ିଶାଙ୍କ କଥା ତ ଛାଡ଼, ଖୋଦ ରକ୍ତ ସମ୍ପର୍କର ଭାଇ, ବନ୍ଧୁ କୁଟମ୍ବ ମଧ ମୁହଁ ଫେରାଇ ନେଉଛନ୍ତି। ଫଳରେ କରୋନା ରୋଗୀଟିର ଅନ୍ତିମ ସଂସ୍କାର ପାଇଁ ଘଣ୍ଟା ଘଣ୍ଟା, ଦିନ, ଦିନ ଶବ ପଡ଼ିରହୁଛି। କରୋନାର କରୁଣ ଦୃଶ୍ୟ ଏବଂ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ଡ଼ାକ୍ତର, ସାମ୍ବାଦିକ, ସ୍ତମ୍ଭକାର, ସମାଜସେବୀ କରୋନା ଯୋଦ୍ଧା ଏବଂ ସମାଜରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ଶୋକ ଖବର ପ୍ରତିଦିନ ଶୁଣି ଶୁଣି ଜୀବନ ପ୍ରତି ବିତୃଷ୍ଣାଭାବ ଆସିଲାଣି।


ଆସନ୍ତା ସେପ୍ଟେମ୍ବର, ଅକ୍ଟୋବର ସୁଦ୍ଧା କରୋନାର ତୃତୀୟ ଲହର ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଛି। କରୋନାର ତୃତୀୟ ଲହରରେ ଶିଶୁ ଓ କିଶୋରମାନେ ଅଧିକ ପ୍ରଭାବିତ ହେବେ ବୋଲି ସୂଚନା ଦିଆଯାଇଛି। କାରଣ ଶିଶୁ ଓ କିଶୋରମାନେ ପ୍ରଭାବିତ ହେଲେ ସେମାନଙ୍କ ପରିବାର ପ୍ରଭାବିତ ହେବାର ଆଶଙ୍କା ରହିଛି। ଶିଶୁମାନଙ୍କୁ ସଂକ୍ରମିତ ହେଲେ ସେମାନଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରିବାକୁ ହେବ ଏବଂ ସେମାନଙ୍କ ସହିତ ପିତାମାତା ମଧ ଡ଼ାକ୍ତରଖାନା ଯିବେ। ଯାହାଫଳରେ ପୁରା ପରିବାରକୁ ପ୍ରଭାବିତ ବେହାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ତେଣୁ ତୃତୀୟ ଲହର ଆସିବା ପୂର୍ବରୁ ଯୁବପିଢୀ ଓ ଶିଶୁମାନଙ୍କୁ ଯଥାଶୀଘ୍ର ଟୀକାକରଣରେ ସାମିଲ କରାଯିବା ଆବଶ୍ୟକ। ଏଥିପାଇଁ ବୈଜ୍ଞାନିକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯୋଜନା ପ୍ରସ୍ତୁତ କରି ଉପଯୁକ୍ତ ବ୍ୟବସ୍ଥା କରିବା ଦରକାର, ଡ଼ାକ୍ତରଖାନାରେ ଆବଶ୍ୟକୀୟ ଶଯ୍ୟା ବୃଦ୍ଧି କରିବା, ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ସଂରକ୍ଷିତ ରଖିବା, ଆଇସିୟୁ ସଂଖ୍ୟାକୁ ବଢାଇବା ସହିତ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଅଧିକ ସଂଖ୍ୟକ ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରିବା ଲାଗି ପଦକ୍ଷେପ ଦେବାକୁ ପଡ଼ିବ। ବର୍ତ୍ତମାନ ଠାରୁ ଏସବୁ କ୍ଷେତ୍ରରେ ପ୍ରସ୍ତୁତ ରହିଲେ, ତେବେ ଯାଇ କରୋନାର ତୃତୀୟ ଲହରକୁ ସଫଳତାର ସହ ମୁକାବିଲା କରିହେବ।

+କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

## କବିତା କୋଣାର୍କ

### ପବନ: ତିନୋଟି ସ୍କେଚ୍...

ସୁଦର୍ଶନ ମହାପାତ୍ର




( ୧ )
ଗଳା ସଞ୍ଜରେ
ପାଖ ପାର୍କରେ
ଗୋପୀମେଳରେ କୃଷ୍ଣ ପରି
ପବନ କେଳି ରଚୁଥିଲା
ଫୁଲମାନଙ୍କ ସହ
ସେମାନେ ବି ମତୁଆଲା ଥିଲେ
ତା'ର ବାହାପିଆ କଥାରେ,
ସବୁ ଲାଜ ଛାଡ଼ି
ଝୁମୁଥିଲେ ତା' ବାହୁରେ
କେଉଁ ଏକ ବିମୁଗ୍ଧ ତାନରେ ।।
( ୨ )
ପାହାନ୍ତିଆ ପହରରୁ
ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି
ପ୍ରାଣଟା ଛାଡିଯିବ ସତେ
ପବନଟା ଭାରି ମନୁଆ ପିଲା
ମୁହଁ ହାଣ୍ଡି କରି
କ'ଣ ପାଇଁ ବସିଛି କେଜାଣି ?
ସକାଳ ପାକଳ ହେଲେ
ଆପଣା ଛାଏଁ ଗଡାଇବ
ନିଆଁର ପେଣ୍ଡୁଟେ
ଗାଁ ଦାଣ୍ଡ ଅବା ସହର ରାସ୍ତାରେ ।।
( ୩ )
ସେଇ ଗଛ ତଳେ ଦେଖ
ଦଳେ ଦରସିଝା ମଣିଷ
ପୋଡାରୁଟି ପରି ମୁହଁ
ତଡଲୁଛନ୍ତି ଜୀବନ,
ଥକାମରା ଦେହରୁ ଖସୁଛି
ପାଣିଚିଆ ରକ୍ତ
ମାଟି ଶୋଷିବା ଆଗରୁ
ଚାଟି ନେଉଛି ପବନ...!!

+କୁଞ୍ଜବିହାରୀ ଲେନ,କଟକ

### ମୌସୁମୀ ବରଷା ...

ବିନୟ କୁମାର ସାମଲ



ମୌସୁମୀ ବରଷା ଝରିଆସେ
କଳାମେଘ ମାଳା ଭାସିଆସେ,
ଘଡଘଡି ଡାକେ ବିଜୁଳି ଚମକେ
ଆକାଶରେ ଇନ୍ଦ୍ରଧନୁ ହସେ।

ଗିରୀଷମ କାଳ ଝାଞ୍ଜିଖରା
ଗମଗମ ଝାଳ ଦେହସାରା,
ହସି ହସି ଉତ୍ତାପକୁ ଶୋଷି ନେଇ
ଶିତଳତା ଢାଳି ଦିଅ ପରା।

ପରବତ ବନ ଲତାଦେହେ
ଧୀରେ ସବୁଜିମା ଖେଳିଯାଏ,
ସବୁଜ ଶାଢ଼ିର ଓଢଣୀଟି କାଢି
ଧରିତ୍ରୀ ମୁରୁକି ହସୁଥାଏ।

ପଶୁପକ୍ଷୀ ହରଷିତ ମନେ
ଖେଳୁଥାନ୍ତି ବନେ ଉପବନେ,
କଳାମେଘ ଦେଖି ମୟୂର ନାଚଇ
କି ସୁନ୍ଦର ଆହା ମନ ଜିଣେ।

ଆକାଶରେ ମେଘ ଘଡଘଡି
ସାରୁବୁଦା ମୂଳେ ବେଙ୍ଗ ରଡି,
ନାଲି ଗୁଲୁଗୁଲୁ ସାଧବବୋହୂର
କି ସୁନ୍ଦର ମଖମଲି ଶାଢି।

ପାଣି ନଇ ନାଳ ବନ୍ଧ କୂଅ
ଗାଆଁ ଦାଣ୍ଡେ ଛୁଟେ ପାଣି ସୁଅ
କାଗଜ ଡଙ୍ଗାଟି ଭାସିଭାସି ଯାଏ
ଖୁସି ଖେଳିଯାଏ ପିଲାମୁହଁ।

ସବୁଜ କ୍ଷେତେ ଲହରୀ ଖେଳେ
ଛୁଆଁରେ ସୁନା ଫସଲ ଫଳେ,
ବନ ଉପବନ ଫୁଲଫଳେ ଭରା
ପ୍ରକୃତି ମାଆର କାନି ତଳେ।

ମୌସୁମୀ ବରଷା ପରକାଶି
ଜଳରୂପେ ଅମୃତ ବରଷି,
ନର ପଶୁପକ୍ଷୀ କୀଟ ତରୁଲତା
ପ୍ରକୃତି ବଞ୍ଚାଅ ହସିହସି।

+ଅବସର ପ୍ରାପ୍ତ ଶିକ୍ଷକ
ବେଡାପଡା, ହିନ୍ଦୋଳ,
ଢେଙ୍କାନାଳ-୭୫୯୦୧୯
ଦୁରଭାଷ-୯୩୩୭୨୪୯୦୬୮

## ଦୁଇଟି ଅନୁବାଦ କବିତା





ମୂଳ ବଙ୍ଗଳା :
**ଶ୍ୟାମଳୀ ସେନଗୁପ୍ତ**

ଅନୁବାଦ :
**ପ୍ରଦୀପ କୁମାର ରାୟ**


### ।। ସନ୍ଧିକ୍ଷଣ ।।

ଦିନ-ରାତିର ସନ୍ଧିକ୍ଷଣରେ ଗୋଟିଏ ବିନ୍ଦି
ଦୂର ସମୁଦ୍ରରେ ନୋଳିଆ-ଡଙ୍ଗାର ବିନ୍ଦୁ ଯେମିତି...
କାଲି ଯେଉଁ ଗଛସବୁ ଦୁର୍ଦ୍ଦାନ୍ତ ଥିଲେ
କାଠ କାଠ ବାସ୍ନାରେ ଲେପଟି ରହିଛନ୍ତି ସେମାନେ
ନୋଳିଆର ଡଙ୍ଗା ଭିତରେ
ମାଛମାନଙ୍କର ମୃତ ଆଖି ପରି

ଷଡ଼ଯନ୍ତ୍ରର ମନାସରେ ଏବେ ସବୁ କାଠ
ଅପରେସନ ଟେବୁଲ୍ ରେ ମାଛଙ୍କର ଉପଯୁକ୍ତ
ସେଲିବ୍ରେସନ୍ ।

ଅସଲରେ ପୁରୁଣା ବୋଲି କିଛି ନ ଥାଏ

ଘଷିମାଜି ଦେଲେ ହିଁ ଚକଚକ ହୋଇଉଠେ
ଯେମିତି ବାସି ବିନ୍ଦି ଫୋପାଡି ଦେଇ
ପୁରୁଣା ଖୋଳରୁ ବିନ୍ଦିଟିଏ କାଢି
ପିନ୍ଧିନିଏ କପାଳ ।

### ।। ଶ୍ୟାମକଲ୍ୟାଣ ।।

ସବୁ ଶୁଦ୍ଧ ହେଉ, କହୁ କହୁ
ଆକାଶ ଢାଙ୍କି ହୋଇଗଲା କ୍ଷୀରଧଉଳା ମେଘେ
ସେତେବେଳୁ ମେଘ ଭିତରେ ମୁଣ୍ଡ ରଖି ଚାଲୁଛି
କେତେବେଳେ ଧୀର ପାଦରେ
କେତେବେଳେ ଦ୍ରୁତ
ତଥାପି ଶ୍ୟାମ ଅଙ୍ଗ....
ମଝିରେ ଦୂରତ୍ୱ ଅପାର !

ଚାଲୁଥାଏ.....
ସହସା ଘୁଞ୍ଚି ଯାଏ ମେଘର ଶୁଭ୍ରତା
ତାରା ଭରା ଏକ ଆକାଶରେ ରେ
ବାଜି ଉଠେ ଇମନ

ଦୃଷ୍ଟି ନୁଆଇଁ ଆଣେ
ଆହା ! ମୋ ମାଁର ଛବି
ସଂଧ୍ୟା ଦେଉଛି ଚଉରା ମୂଳେ
ଶାଢ଼ୀର ଧଳା ଭାଙ୍ଗରେ ଶୁଦ୍ଧ ରାଗ....
ଦୀପର ଆଲୁଅ ଘୁମେଇ ପଡେ

ବାରଣ୍ଡା କଣରେ ଚୁଲିର କୁଂକୁମ ରଂଗ
ପିଢ଼ା ଉପରେ ଚିତ୍ରାପିତ
ମାଁ ଓ ଦେଶ
ମୁଁ ଆଖି ମେଲି ଚାହେଁ,
ଆକାଶ ସାରା ଶ୍ୟାମକଲ୍ୟାଣର ସରଗମ୍....

ବାପା ଆଚମନ କରନ୍ତି
କଠଉ ଶବ୍ଦରେ କୋମଳ ସା
ଶଙ୍ଖାରେ ବାଜୁଥାଏ ଆଭୋଗୀ...

ମୁଁ କେବଳ ଚାଲୁଥାଏ ଶ୍ୟାମ ଅଙ୍ଗ
ଆଡ଼କୁ.............!


+ ଅବସରପ୍ରାପ୍ତ ଅଧକ୍ଷ
ଡି/୪, ବାସୁଦେବ ଏନକ୍ଲେଭ, ବିଜୁ
ନଗର, ପଟିଆ
ପୋ-କିଟ୍, ଭୁବନେଶ୍ୱର-୨୪
(ମୋ) ୯୪୩୭୫୩୪୭୭୩


++ ସମକାଳୀନ ବଙ୍ଗଳା କବିତା ଜଗତରେ କବି ଶ୍ୟାମଳୀ ସେନଗୁପ୍ତ ଏକ ପରିଚିତ ନାମ । ସମ୍ପ୍ରତି ଓଡ଼ିଆ କବି, ଲେଖକ ଏବଂ ପାଠକ ମାନଙ୍କ ନିକଟରେ ସେ ବେଶ୍ ପରିଚିତ ହୋଇ ଉଠିଛନ୍ତି । 'ପତତ୍ରୀ ଓ ପ୍ରାଣପୁରୁଷ' ଏବଂ 'ଘୁଘୁସଇ ପର୍ଯ୍ୟଟନ' ତାଙ୍କ ରଚିତ ଦୁଇଟି ଅନବଦ୍ୟ କବିତା ସଂକଳନ । ଏହାବ୍ୟତୀତ ସେ ଜଣେ ଖୁବ୍ ପରିଚିତ ଅନୁବାଦିକା ମଧ । ବଙ୍ଗଳା ଭାଷାର ଗଳ୍ପ ଏବଂ କବିତାର ଓଡ଼ିଆ ଅନୁବାଦ ଏବଂ ଓଡ଼ିଆ ଭାଷାର ଗଳ୍ପ ଏବଂ କବିତାର ବଙ୍ଗଳା ଅନୁବାଦ କରି ଓଡ଼ିଆ ଏବଂ ବଙ୍ଗଳା ସାହିତ୍ୟ ମଧରେ ଏକ ସୁନ୍ଦର ଭାବର ସେତୁ ନିର୍ମାଣର ଯେଉଁ ମହତ୍ କାମ କରୁଛନ୍ତି, ତାହା ଚିରକାଳ ପାଇଁ ଅବିସ୍ମରଣୀୟ ହୋଇ ରହିବ । ଉଭୟ ବଙ୍ଗଳା ଏବଂ ଓଡ଼ିଆ ଗଳ୍ପ କବିତାର ପ୍ରଚୁର ଅନୁବାଦ କରୁଥିଲେ ମଧ ପ୍ରଚାର ବିମୁଖ ଏହି କବି କିନ୍ତୁ ନିଜ କବିତାର ଓଡ଼ିଆ ଅନୁବାଦ କରି ନିଜକୁ ଜାହିର୍ କରୁନାହାନ୍ତି । ଦୁଇଟି କବିତା ସଙ୍କଳନ ବ୍ୟତୀତ ବିଭିନ୍ନ ପତ୍ରପତ୍ରିକାରେ ଏବଂ ଡାଏରୀର ପୃଷ୍ଠାରେ ତାଙ୍କର ଅଜସ୍ର କବିତା ରହିଛି । ++

## ସ୍ୱପ୍ନ ଦେଖା
କବି ବିପ୍ଳବ



ତା ମନର ଓରମାନା
ମେଣ୍ଟିବା ଯାଏଁ
ସେ ପଥର ଫିଙ୍ଗୁଥିଲା
ମୁଁ ଲହୁଲୁହାଣ ହେଉଥିଲି
ଆଉ ପଥର ସବୁ
ସଂଗ୍ରହ କରୁଥିଲି
ଘରଟିଏ ତୋଳିବା ଆଶାରେ
ଯେଣୁ ଘରଟିଏ ତୋଳିବା ସ୍ୱପ୍ନ
ମୋର ଅଧୁରା ଥିଲା ।

ସେ ମୋତେ
ଅସହ୍ୟ କଷ୍ଟ ଦେଉଥିଲା
ଆଉ ଲୁହମାନେ
ବୋହି ଆସୁଥିଲେ
ମୁଁ ପୋଛୁ ନଥିଲି
ସଂଗ୍ରହ କରୁଥିଲି
ପାଣି କରି ଢ଼ୋକଟିଏ
ପିଇବା ଆଶାରେ
ଯେଣୁ ଶୁଦ୍ଧ ପାଣି ଟୋପେ
ମୋ ପାଇଁ ଦୁର୍ଲଭ ଥିଲା ।

ଯେତେବେଳେ ଇଛା କରୁଥିଲା
ସେ ନିଆଁ ଲଗେଇ ଦେଉଥିଲା
ମୋ କୋମଳ ହୃଦୟରେ
ଆଉ ଆନନ୍ଦ ପାଉଥିଲା
ମୁଁ ସାଇତି ରଖୁଥିଲି
ସେ ନିଆଁକୁ
କେବେନା କେବେ
ଶୀତ ଆସିବ ଜୀବନରେ
ମୁଁ ପୋଇଁବି
ଏଇ ଆଶାରେ ।


+ ମକୁନ୍ଦ ପୁର, ବାଙ୍କୀ


## ଭାଙ୍ଗିପଡୁଛି
ଭରତ ଚନ୍ଦ୍ର ଦାଶ



ପ୍ରତ୍ୟେକ ଦିନ
କେହି ନା କେହି ଜଣେ
ହାତ ଛାଡ଼ି ଚାଲିଯାଉଛନ୍ତି
ଅସହ୍ୟ ଅସହାୟ ବେଦନାରେ
ଭାଙ୍ଗି ପଡୁଛି
ହୃଦୟର ପରସ୍ତ ପରସ୍ତ
ସ୍ନେହ ପ୍ରେମ ର
ଖଣ୍ଡିଏ ଖଣ୍ଡିଏ ଇଟା
ଯାହା ବାନ୍ଧିଥିଲା
ପ୍ରୀତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ
ସଂପର୍କର ସେତୁ ।
ଆଉ ସହି ହେଉନି
ସହିବାର ସୀମା ସରହଦ
ଧସିଗଲାଣି ଲୁହରେ
ଲହୁରେ ଲେଖି ହୋଇଗଲାଣି
ଦୁଃଖ ଯାତନାର ମାର୍ମିକ
ଇତିହାସ ।

ସମୟ
ଏତେ ନିଷ୍ଠୁର କାହିଁକି ଯେ
ସମସ୍ତ ଭଲପାଇବା ଶ୍ରଦ୍ଧା
ଆପଣାଜନର ପ୍ରାର୍ଥନା
ନିଷ୍ଫଳ ନିଷ୍କାମ ନିବେଦନ
ନିରୁତ୍ତର ଏଠି ।

କରୋନା ନିଷ୍କରୁଣ ନିର୍ମମ
କରୁଣାର କାଣିଚାଏ ପାଇଁ ସେ
ନିରବରେ କୃପଣ ସାଜିଛି ।
ଦେବାଶିଷ ଆଶିଷର ଅଭାବରେ
ଫେରିଯାଉଚି ଅଫେରନ୍ତା ରାଇଜକୁ ।

କାଳର କପାଳରେ
ଅଦୃଶ୍ୟ କର୍ମଲିପି
ପଢିବ ବା କିଏ
ପଢିବାର କଳାଶକ୍ତି ଅପହୃତ
କାଳର ଇଙ୍ଗିତରେ
ଜାଣିଥିଲା ସିଏ ।

ଦୂରେ ବହୁଦୂରେ ତମକୁ
ଶତ ଶତ ଆଭୂମ ପ୍ରଣାମ
ଶବ୍ଦର ଅନନ୍ୟ ବିନ୍ଧାଣି
ଶବ୍ଦ ସହ ଶବ୍ଦ ଯୋଡି
ରହିଅଛି କାଳରେ ତା ନାମ ।


+ ସଦସ୍ୟ,ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା , ବାଲେଶ୍ୱର - ୭୫୬୧୨୬
(ମୋ) ୯୪୩୭୩୭୨୧୬୬


## ରାତି...
ନଗେନ୍ଦ୍ର ନାଥ ପଟ୍ଟନାୟକ



ଝଲମଲ ଜହ୍ନର ଅବଗୁଂଠନରେ
କ୍ଳାନ୍ତଶ୍ରାନ୍ତ ବହଳ ରାତିଟି
ଶୋଇପଡିଛି ନିଘୋଡ ନିଦରେ,
ଏଇଲେ ତୁମେ ଆସନି ପାଖକୁ
ସେତେବେଳେ ତୁମେ ଆସିବ
ଯେତେବେଳେ ସାରାରାତି
ଉଜାଗର ରହିଥିବ ରାତି
କାନପାତି ଶୁଣୁଥିବ ତାଠାରୁ
ଭଲି ଭଲି ମଜାଦାର
ରୋମାଂଚଭରା କାହାଣୀ,
ପ୍ରତିକ୍ଷା ଅନ୍ତେ ମିଳନ
ବିରହର ଅନୁପମ ଉପହାର
ଥପ ଥପ ଶିଶିରସିକ୍ତ ଲୁହ ଝରାଇ
କ୍ଳାନ୍ତ ଅବଶ ରାତିଟି ଶୋଇଯାଇଥିବ,
ଏବେ ତୁମେ ଜମା ଆସନା
କାରଣ, ଘରଚଟିଆର କାଠିକୁଟା ନିଡଟି
ଭାଙ୍ଗିଯାଉଛି ଟୁକୁରା ଟୁକୁରା ହୋଇ
ହାଇମାରି ଥକ୍କା ମେଂଟାଉଚି କୁଳୁକୁଳୁ ଝରଣା
ଚିକମିକ ଆଲୁଅ ଅନ୍ତର୍ହିତ
ବାଦଲ ଭିତରେ ଲୁଚିଯାଇଛି କିରଣ ଢାଳୁଥିବା
ଚନ୍ଦ୍ରମାର ଲଂଠନଟି
ସୁନେଲି ସ୍ୱପ୍ନକୁ ନଦୀରେ ମିଳାଇ
ଥକ୍କାପଣରେ ରାତିଟା
ଗୋଟାପଣେ ଆକ୍ତାମାକ୍ତା,
ଏବେ ଆସିବନି ପାଖକୁ


+ ୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର,
(ମୋ)୯୪୩୮୩୩୨୧୩୮


## ଭିଜା ମାଟିର ବାସ୍ନା
ଶ୍ରୀ ସତ୍ୟବ୍ରତ ସାହୁ



ଭିଜା ମାଟିର ଏ ବାସ୍ନା ଲାଗୁଛି ମୋ' ପ୍ରିୟା ତନୁର ବାସ,
ଆଷାଢ଼, ଶ୍ରାବଣ ବିରହ ଆଣେନା ମୋ' ପାଇଁ ତ ମଧୁ ମାସ ।


ପୁଲକିତ ଆଜି ତଟିନୀ,ବିପିନ, ଚାତକ,ଚାତକୀ,କେକୀ
ପ୍ରିୟା ମୋ' ବନାଏ କାଗଜର ଡଙ୍ଗା ବରଷାକୁ ଦେଖି,ଡାକି
ଘନ କୃଷ୍ଣ ମେଘ ଆକାଶେ ଲାଗଇ ସତେ ଅବା ପ୍ରିୟା କେଶ ।
ଭିଜା ମାଟିର ...

ଧରଣୀର ପ୍ରେମ ପାଇବାକୁ ନଭ ଦିଏ ଯେବେ ବର୍ଷା ଝାରି
ପହିଲି ବର୍ଷାରେ ଫୁଲେଇ ପ୍ରିୟା ମୋ' ଫେରେ ଶାଢ଼ୀ ଓଦା କରି
ବେଶୀ ବରଷିଲେ ଲାଗଇ ମରିଛି ପ୍ରିୟା ଓଠୁ ପ୍ରୀତି ହସ ।
ଭିଜା ମାଟିର ..

ଭିଜା ମାଟିର ଏ ବାସ୍ନା ଲାଗୁଛି ମୋ' ପ୍ରିୟା ତନୁର ବାସ
ଆଷାଢ଼, ଶ୍ରାବଣ ବିରହ ଆଣେନା ମୋ' ପାଇଁ ତ ମଧୁ ମାସ ।


ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯


## ଭଗ୍ନ ପିଆଲା
ସୁଧାକର ରାଉତ



ଭଗ୍ନ ଏବେ ମୋ ଜୀବନ ପିଆଲା
ଉଠିଛି ସେଥିରେ ଝଡ଼
ଅମାନିଆ ମନ ତଥାପି ତାହାକୁ
କହୁଛି ୟାକୁ ନ ଛାଡ଼ ।
ପାନ କରିଛି ମୁଁ ଜୀବନର ରସ
ବଞ୍ଚିଛି ଉନ୍ମାଦ ସମ
ପିଆଲା ରୂପ ଦେଖିନେଲେ ଏବେ
ସବୁ ଲାଗେ ମୋତେ ଭ୍ରମ ।
ତୃଷାତୁର ଓଠ ଏବେ ବି ଆଶାୟୀ
ମଦିରାର ଅବଶେଷ
ପିପାସା ତାର ମେଣ୍ଟାଇବ ପୁଣି
ନ ରଖିଣ ଅବଶୋଷ ।
ନିଥର ଶରୀରେ ଅସ୍ଥିର ହାତଟା
ପାରେନା ତାହାକୁ ଧରି
ଶୁଷ୍କ ପିଆଲାଟା କିବା ସୁଖ ଦେବ
ସବୁତ ଯାଇଛି ସରି ।
ମୋହର ମଦିରା ସପନରେ ଆସି
ମୋ ଓଠକୁ ଯାଏ ଚୁମି
ଏ ସାୟଂକାଳରେ କେଜାଣି କାହିଁକି
ମତି କ୍ଷଣେ ଯାଏ ଭ୍ରମି ।
ଭାବେ କେତେ ଆଉ ଭଙ୍ଗା ପିଆଲାଟା
ମୋ ସାଥିରେ ଥିବ ଜଡ଼ି
ନିୟତି ଆହ୍ୱାନ ନ ପାରି ଏଡ଼ାଇ
ଯିବି ତାକୁ ଏବେ ଛାଡ଼ି ।


+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨


## ବସ୍ତି
ଡା.ବିଜୟ କୁମାର ପାତ୍ର

ରାତିର ବୟସ ଖୁବ ଲମ୍ବା,
ଆମ ବାଡ଼ି ତାଳଗଛ କୋରଡରେ
ଶୋଇପଡିଥିବା ଅନ୍ଧାର ଗୁଡୁଗୁଡ଼ିଠୁ
ସୂର୍ଯ୍ୟ ପଛପଟ ପର୍ଯ୍ୟନ୍ତ,
ଜହ୍ନ ଏଠି...
ମେଘର ଛପର ଚିରି
କଇଁକୁ ଦେଖାକରେ,
ଅତି ସନ୍ତର୍ପଣରେ ଲୁଚିଯାଏ,
ଚାରି ଆଡେ ବହଳିଆ ଅନ୍ଧାର,
ବାକି ଖାଲି ଶ୍ରାବଣ ଓ ଶ୍ରାବଣ...
ବେଙ୍ଗ ବେଙ୍ଗୁଲିଙ୍କ କଣ୍ଠ ଫଟା ହିତୋପଦେଶ,
'ପୃଥ୍ୱୀ କ୍ଷଣ କ୍ଷଣକେ ଆନ' ।
ସବୁଠି... ଶ୍ମଶାନର ନୀରବତା
ଏ ବସ୍ତିରେ ରାସ୍ତା କଢାଏ
କେଉଁ ଏକ ଅଜଣା ଦୁଃଖରେ
ନିଜକୁ ଜଳାଉ ଥିବା ଖଦ୍ୟୋତ,
ଝଡିପୋକମାନେ ବି ବାଟବଣା,
ଆଲୋକ ଆଶାରେ ।
ଅଜାର ବଟୁଆରେ ଅଭିଜ୍ଞତା ଗୁଡାକ
ଗୁଣ୍ଡ ହେଲାବେଳେ,
ଗୀତା ଭାଗବତର ଖଣ୍ଡ ବିଖଣ୍ଡିତ ସ୍ୱର,
ଦୂର ଅତୀତର ପୁଳାଏ ବଛା ବଛା କଥା,
ଅଧା କହେ ଅଧା ଢ଼ୋକି ଦିଏ,
ତା ବଙ୍କୁଲି ବାଡ଼ିଟା ଟିକେ ଉଠିଗଲେ,
ଦିଗବଳୟ କ୍ଷତାକ୍ତ ହୁଏ ।
ଏ ବସ୍ତିରେ ପୁରୁଣା ସନ୍ତକ,
ଆଇ !
ମିଛର ପେଡିଟା ଧରି ସେମିତି ବସିଛି,
ସେ ମିଛରେ ବାଟବଣା ହୁଏନି ବାଟୋଇ,
ଛଳନାର ଚକ୍ରବ୍ୟୁହରେ
ଧଇଁ ସଇଁ ହୁଏ ନାହିଁ କେହି,
ତା ମିଛରେ ଆନନ୍ଦର ଫଲ୍ଗୁ,
ଶହେ ମନ ସମ୍ମୋହିତ ହୁଏ ।
ଜୀବନଟା ଏଠି ସତ ସତେ ଚାଲେ,
କେହି ଯଦି ପ୍ରବଞ୍ଚକ ପଶି ଆସେ,
ସାଧୁ ରୂପ ନେଇ,
ସହଜରେ ଧରା ପଡେ,
କାନ୍ଥକୁ ଜାବୁଡି ଥିବା ଝିଟିପିଟି ଶବ୍ଦରେ
ଓ ବୋଉର ଟିପାରେ ।


+ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ
ଢେଙ୍କାନାଳ
ମୋ: ୭୦୦୮୬୧୭୯୧୨


## ବରଫରୁ ତରଳି ଯାଉଛି ମୁଁ
ମୂଳ ଲେଖା- **କୁସୁମ ଅଗ୍ରୱାଲ**
ଓଡ଼ିଆ ଅନୁବାଦ- **ଅନୁରାଧା ସିଂ**



ବରଫରୁ ତରଳି ଯାଉଛି ମୁଁ
ତୁମ ପ୍ରେମର ସତେଜତାରେ,
ଏବେ କେମିତି ବା ସମ୍ଭାଳି ଯିବି
ତୁମ ପ୍ରତିବିମ୍ବର ପ୍ରଚେଷ୍ଟାରେ..
ଯଦି ରାସ୍ତାରେ ମିଳିଯିବ
ଟିକେ ତୁମେ ହସି ଦେବ,
ବାସ୍ନାମୟ ହୋଇ ଯିବ
ମୋ ହୃଦୟ ପୁଷ୍ପ
ତୁମର ଏତିକି ଜିଜ୍ଞାସାରେ...
ସବୁ ପ୍ରତୀକ୍ଷାର ଅନ୍ତ ହେଲା
ମୋ ଜୀବନ ପରିଧିକୁ ଚାଲି ଆସ,
ଏବଂ ବାହାର କରି ଆଣ ମତେ
ଭାଗ୍ୟର ଚକ୍ରରୁ...
ଲୋକ ଲଜ୍ୟାର ପରଦା ଭିତରେ
କେତେ ଦିନ ଅବା ରହିଥିବି,
ଏମିତି ବି ବଂଚିବା ହୋଇ ଯାଇଛି ଅସହ୍ୟ
ମିଳନର ଚିନ୍ତାରେ...
ତୁମେ କହୁଛ ମୁଁ ପାଗଳ

ନାହିଁ ପ୍ରେମ, ଚାଲ ମାନି ନେଲି,
କାହିଁକି ଉଠୁଛି ହୃଦୟରୁ ପୀଡ଼ା
ଅସହ୍ୟ ବେଦନାରେ...
ପଣତ ତଳେ ଲୁଚେଇ ରଖିବ
ଏଇ ବିଶ୍ୱାସ ଅଛି ମୋର ହୃଦୟକୁ
ଆମେ ଭିଜି ଯାଇଛେ କେବେ ଠାରୁ
ନିର୍ଭୀକତାର ବର୍ଷା ବିନ୍ଦୁରେ...
କେବେ ତ ମିଶାଅ ଚକ୍ଷୁ
ହୃଦୟରୁ କିଛି ତ ଶୁଣାଅ,
କିଛି ବି କହିନଥାଏ ଓଷ୍ଠ
ଦିଏ ଖାଲି କଷ୍ଟ ଆତ୍ମଗ୍ଲାନିରେ..
ସ୍ୱୀକାର କରୁଛି ମୁଁ
ହୋଇଥାଉ ପ୍ରତିଜ୍ଞା ତୁମର,
ଏଇ ପ୍ରେମ ନୁହେଁ ତ ସହଜ
ଖାଲି ଜଣଙ୍କର କାମନାରେ..


+ ବାଙ୍ଗାଲୋର
(ମୋ)୯୪୩୭୧୫୨୬୯୭


## ସନେଟ୍ : ମାୟାବିନୀ ରାତ୍ରି
ଅମୂଲ୍ୟ କୁମାର ପଣ୍ଡା



ରାତ୍ରୀ ଗୋ ତୁମେ ମିଳନ ବେଳାର ମଉଳା ଜହ୍ନର ରାତି
ଝରା ବଉଳର କରୁଣ କାହାଣୀ ସଂଜୁଆ ସପନ ସାଥି
ଚିଲ୍କା ଚିଲିକାର ଚକୋରି ପଣିଆ ପୂବେଇ ପବନ ଗତି
ଚକ୍ଷୁ ପତା ତଳେ ଚୁନା ଚୁନା ଭାବ ମହକ ମୋହିନୀ ମତି ।

ରାତ୍ରୀ ଗୋ ତୁମେ ତୁଷାର ଶେଜର ଅସଜଡ଼ା ଅଙ୍ଗରାଗ
ଲାଜୁକି ଓଠର ଓଦା ଉପହାର ଉଷ୍ଣ ଚୁମ୍ବନର ଦାଗ
କୃଷ୍ଣ କବରୀରେ କନକର ଚମ୍ପା ପାରିଜାତ ପୁଷ୍ପ ବାସ
ଅଙ୍ଗରେ ଅଙ୍ଗରେ ଅଷ୍ଟଭଙ୍ଗୀ ଭାବ ଅନଙ୍ଗର ନିତ୍ୟରାସ ।

ରାତ୍ରି ଗୋ ତୁମେ ନୀଳ ନୀଳିମାରେ ନୟନର ପରିଭାଷା
ତନ୍ଦ୍ରା ବିଜଡିତ ବହଳ ବସ୍ତିରେ ତମାସା ଆଲୋକ ଆଶା
ଭୂମି ଠାରୁ ଭୂମା ଭବ୍ୟ ସ୍ୱାଗତରେ ଝିଙ୍କାରୀର ଶାହାନାଇ
ତୋଳା ତରାଟର ଆଭାରେ ତାରାର ଦିକି ଦିକି ଧରା ଛାଇ

ରାତ୍ରୀ ଗୋ ତୁମେ ମହା ମାୟାବିନୀ ଛଳନାର ଚୋରାବାଲି
କୋଟିଏ ଗୋପନ ଗହନ ଗହ୍ୱର ଅସଜଡା ଶବ୍ଦ ଜାଲି ।


+ ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦


## କାଳର କରାଳ ଗର୍ଭେ
ବୁନୀ ତ୍ରିପାଠୀ



ଜୀଇଁବାର ଇଛା ନେଇ ହସୁଥିଲି ଦିନେ ମୁହିଁ
ନାଚୁଥିଲି ଖୁସିରେ ମୁଁ
ସ୍ୱପ୍ନର ମିନାର ଗଢ଼ି ସାଇତିଲି କେତେ ସ୍ମୃତି
ହଜିବାର ନିଶାରେ ମୁଁ ।

ପ୍ରସ୍ଫୁଟିତ ଫୁଲଟିଏ ଖିଲିଖିଲି ହସେ ସିଏ
ଉପଭୋଗ ଆଶାନେଇ
ଉଷା ହେଲା ଆଗମନ ଭରିଦେଲା ରଙ୍ଗମାନ
ସୁନ୍ଦର ସ୍ତବକ ହୋଇ ।

ସମୀରର ସାଥେସାଥେ ଝୁଲୁଥିଲା ଖୁସିମନେ
ହସୁଥିଲା ବଗିଚାରେ
ମନ ତଳେ କେତେ ସ୍ୱପ୍ନ ସୁଷମାର ଗନ୍ତାଘର
ଗଢ଼ିବା ଆଶା ଅଚିରେ ।

କୋମଳାଙ୍ଗୀ ଫୁଲଟିଏ କଂଟାଘାତେ ମୂର୍ଚ୍ଛାଯାଏ
ବିତରଇ ବାସ୍ନା ସିଏ ।
ଆଶା ଥିଲା ଦିନେ ତାର
ଦେବପାଖେ ଶୋଭାପାଇ
ହୋଇବ ସାର୍ଥକ ସେହି ।

କାହୁଁଥିଲା ଅଦିନିଆ ବାଆଟା ଆସିଲା ପରା
ନିମିଷକେ କଲା ଧ୍ୱଂସ
ମାଟିରେ ଲୋଟାଇ ଦେଲା
ଖିନଭିନ୍ନ କରିଦେଲା
ଜୀବନର ସବୁଆଶା ।

ସବୁ ସହି ହସିହସି ପୂନର୍ବାର ଉଠେ ସେହି
ଆଶାର ଆଲୋକ ନେଇ
ଅତୀତକୁ ଭୁଲିଯାଇ କଳ୍ପନାରେ ଗଢ଼େ ସେହି
ସୁମଧୁର ସ୍ୱପ୍ନ ପାଇଁ ।

କାଳର କରାଳ ଗର୍ଭେ ଅତୀତ ତ ଲୋପ ପାଏ
ନୂତନ ହୁଏ ଆଗତ
ଆଖିରେ ଅଂଜନ ବୋଳି
ଦେଖିଚାଲେ କାହିଁ କେତେ
ଜୀବନ କରେ ସ୍ୱାଗତ ।

ନିୟତି ଇଙ୍ଗିତ ଆଗେ ସବୁକିଛି ଫିକାଲାଗେ
ବନ୍ୟାରେ ଫୁଲୁଛି ନଇ
ଚାରିଆଡେ ଜଳାର୍ଣ୍ଣବ ବିଲରେ ଖେଳୁଛି ଢ଼େଉ
ସାଗର ଭ୍ରମ କରଇ ।

ପାଇଲାନି ଥଳକୂଳ ମିଶିଗଲା ସ୍ୱପ୍ନ ତାର
ଶୋଇଗଲା ଚିରଦିନ
ମନତଳେ ରହିଗଲା ସ୍ମୃତି ତା ଅପାର ଥିଲା
ଦଇବ ନେଲା ଜୀବନ ।


+ କଳିଙ୍ଗ ବିହାର
ମୋ : ୭୩୭୭୭୯୦୭୬୬୭


## ହେ ସର୍ବ ନିୟନ୍ତା
ଶ୍ରୀମତୀ କଲ୍ୟାଣୀ ନନ୍ଦ



ଘନ କାଳିଆର ଇଏ କେଉଁ ରୂପ
ଦେଖି ଡର ଲାଗେ ମୋତେ
କରୋନା ରୂପରେ ବୁଲେ ଘରେ ଘରେ
କାଳରୂପ ନେଲା ସତେ ।
ବସିଛି ଛଞ୍ଚାଣ ଝାମ୍ପି ପଣପଣ
ଆନନ୍ଦେ କର ବିହାର
ଦେଖୁଛି ସଧୀରେ ତା' ଚକା ଆଖିରେ
କରୁ ନାହିଁ ପ୍ରତିକାର ।
ମଉନରେ ରହି
ଦେଉଛି ସେ ବିହି

ମୁଁ... କରୋନା ହେଜ ସମସ୍ତେ
ରୂପରେ ଅରୂପ ହୁଏ ବିଶ୍ୱରୂପ
ବହୁଅଛି ଭାଗବତ
ଦୟା କ୍ଷମା ନର ଭୁଲିଲା ଯେମିତି
ସିଏ.. ରଚିଲା ମହାଭାରତ

ମନ ମାରିଦେଇ
ଆପେ ସେ ଭୁଞ୍ଜଇ
ନିଇତି ସଞ୍ଜ ପ୍ରଭାତେ ।
କରିଛି ଆରମ୍ଭ ସେ କରିବ ଶେଷ
ସବୁ ତ ତାକୁ ହିଁ ଜଣା
ମୋର ମୋର କହି ଆବୋରି ବସିଛୁ
ପାପ ପଙ୍କେ ହୋଇ ବଣା
କର ଜୀବେ ଦୟା
ନାମେ ରଖ ମାୟା
ସେଇ ଉଦ୍ଧାରିବ ତୋତେ
ଦେଖି ଡର ଲାଗ ମୋତେ ।


+ ବାଲେଶ୍ୱର
ମୋ: ୭୦୦୮୩୭୩୨୪୯

# କଲେଜରେ ସିଟ୍ ବଢାନ୍ତୁ ସରକାର : ଏବିଭିପି

ଭୁବନେଶ୍ୱର,୨୭/୬ (ନି.ପ୍ର): ସାରା ଦେଶ କୋରୋନାର ପ୍ରକୋପ କାରଣରୁ ବିଦ୍ୟାର୍ଥୀ ମାନଙ୍କର ଶିକ୍ଷାବର୍ଷ ନିହାତି ଭାବେ ବାଧାପ୍ରାପ୍ତ ହୋଇଛି। ଏଭଳି ପରିସ୍ଥିତିରେ ଦଶମ ଶ୍ରେଣୀରେ ପାସ ହାର ରେକର୍ଡ ୯୭.୮୯% ହେବା ଯୁକ୍ତ ଦୁଇରେ ଆଡମିଶନ୍ ପାଇଁ ସିଟ୍ ଅଭାବ ସୃଷ୍ଟି କରିବ। ତେଣୁ ପ୍ରବେଶିକାରେ ସ୍ୱଚ୍ଛତା ସହିତ ଉଚିତ ମାନଦଣ୍ଡ ନିର୍ଦ୍ଧାରଣ କରିବା ଏବଂ ସରକାର ରାଜ୍ୟର ଆଂଚଳିକ ମହାବିଦ୍ୟାଳୟ ମାନଙ୍କର ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦାବି କରିଛି। ଏବିଭିପି କହିଛି ଯେ ରେଗୁଲାର, ଏକ୍ସ-ରେଗୁଲାର, ମୁକ୍ତ ବିଦ୍ୟାଳୟ, ମଧ୍ୟମା ଓ ମଦ୍ରାସାକୁ ମିଶାଇ ସମୁଦାୟ ୬ ଲକ୍ଷ ୧୭ ହଜାର ୮୬୭ ବିଦ୍ୟାର୍ଥୀ ଦଶମ ଶ୍ରେଣୀ ପାସ କରିଛନ୍ତି ଏବଂ ପ୍ରତିବର୍ଷ ସିବିଏସଇ, ଆଇସିଏସଇ ବୋର୍ଡରୁ ପ୍ରାୟ ୧୦୦୦୦ ବିଦ୍ୟାର୍ଥୀ ଯୁକ୍ତଦୁଇ କିମ୍ବା ଡିପ୍ଲୋମା ଶିକ୍ଷାରେ ଏଆଡମିଶନ ନିଅନ୍ତି। ଏହି ବର୍ଷ ପ୍ରାୟ ୬ ଲକ୍ଷ ୨୮ ହଜାର ଛାତ୍ରଛାତ୍ରୀ ଆଡମିଶନ ନେବା ପାଇଁ କୃତକାର୍ଯ୍ୟ ହୋଇଛନ୍ତି କିନ୍ତୁ ରାଜ୍ୟରେ ଥିବା ମୋଟ ୨ହଜାର ୩୨ଟି ଯୁକ୍ତଦୁଇ ମହାବିଦ୍ୟଳୟର ସିଟ ସଂଖ୍ୟା ୪ ଲକ୍ଷ ୪୩ ହଜାର ୩୫୪ ଏବଂ ସରକାରୀ ଓ ଘରୋଇ ଡିପ୍ଲୋମା ଏବଂ ଆଇଟିଆଇକୁ ମିଶାଇ ୧ ଲକ୍ଷ ୫୯ ହଜାର ୭୫୯ ସିଟ୍ ରହିଛି । ଏହି ଆକଳନରୁ ଜଣାପଡୁଛି ଯେ ଏହି ବର୍ଷ ପ୍ରାୟ ୨୪ ହଜାର ଛାତ୍ରଛାତ୍ରୀ ଆଡମିଶନ ପ୍ରକ୍ରିୟାରୁ ବଂଚିତ ହୋଇପାରନ୍ତି। ଏଥିପାଇଁ କଲେଜରେ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ଦାବି କରିଛି ଏବିଭିପି।

# ବାପା, ମା'ଙ୍କ ଆଶା ଭାଙ୍ଗି ଦେଉଛି ନିଶା : ଛାତ୍ରଙ୍କୁ ବାଟବଣା କରୁଛି ବ୍ରାଉନସୁଗାର

## ରାଜ୍ୟରେ ଦେଢ଼ ଲକ୍ଷ, କେବଳ ରାଜଧାନୀରେ ୫୦ ହଜାରରୁ ଅଧିକ

ଭୁବନେଶ୍ୱର ,୨୭/୬ (ନି.ପ୍ର): ରାଜଧାନୀର ଖଣ୍ଡଗିରି ଅଞ୍ଚଳର ଯୁବକ ମାନସ(ଛଦ୍ମନାମ)। ବାପା, ମାଙ୍କର ଏକମାତ୍ର ପୁଅ। ଆଶା ଥିଲା, ପୁଅ ଇଞ୍ଜିନୟର ହେବ। ଯୁକ୍ତ ଦୁଇ ପରେ ନାମୀ ଇଞ୍ଜିନିୟରିଂ କଲେଜରେ ଆଡମିସନ ମଧ ହୋଇଥିଲା। କିନ୍ତୁ ଧୀରେ ଧୀରେ କୁସଙ୍ଗରେ ପଡ଼ି ବ୍ରାଉନସୁଗାର ଖାଇବା ଆରମ୍ଭ କରିଥିଲା। କେବଳ ସେତିକି ନୁହେଁ, ନିଶା ବେପାରରେ ମଧ ପାଦ ଥାପିଥିଲା ମାନସ। ଶେଷରେ ନିଶା ଯୋଗୁଁ ହିଁ ତା'ର କ୍ୟାରିୟର ବରବାଦ ହୋଇଗଲା। ବାପା, ମା'ଙ୍କର ସବୁ ସ୍ୱପ୍ନ ଚୂରମାର ହୋଇଗଲା। ଇଏ କେବଳ ଗୋଟିଏ ଛାତ୍ରର କାହାଣୀ ନୁହେଁ; ରାଜ୍ୟରେ ଏବେ ହଜାର ହଜାର ଛାତ୍ର ନିଶା ଜାଲରେ ପଡ଼ି ନଷ୍ଟ ହୋଇ ଯାଉଛନ୍ତି। ଖାଲି କଲେଜ ଛାତ୍ର ନୁହନ୍ତି, ସହରମାନଙ୍କରେ କିଛି ବଡ଼ବଡ଼ ସ୍କୁଲର ଛାତ୍ରମାନେ ମଧ ନିଶା କବଳରେ ପଡ଼ି ବାଟବଣା ହୋଇ ଯାଉଛନ୍ତି। ଯାହା ଚିନ୍ତାଜନକ ପାଲଟିଛି। ନ୍ୟାସନାଲ ସର୍ଭେ ଅଫ୍ ଡ୍ରଗ୍ ଆଣ୍ଡ ସବଷ୍ଟାଣ୍ସେସ୍ ଆବ୍ୟୁଜ୍ ୨୦୧୯ ରିପୋର୍ଟ ଅନୁସାରେ ରାଜ୍ୟରେ ପ୍ରାୟ ୪ ଲକ୍ଷ ଲୋକ ବ୍ରାଉନସୁଗାର, ହେରୋଇନ୍, କୋକେନ୍, ଅଫିମ ଓ ସେହିଭଳି ନିଶାଦ୍ରବ୍ୟ ସେବନ କରୁଛନ୍ତି। ୧୮ରୁ ୩୫ ବର୍ଷ ବୟସ୍କଙ୍କ ସଂଖ୍ୟା ୬୫ ପ୍ରତିଶତ ଥିବାବେଳେ ୧୦ରୁ ୧୭ ବର୍ଷ ବୟସ୍କଙ୍କ ସଂଖ୍ୟା ପ୍ରାୟ ୧୫ ପ୍ରତିଶତ। ରାଜ୍ୟରେ ଏହି ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ନିଶା ବିରୋଧୀ ଅଭିଯାନ କ୍ଷେତ୍ରରେ କାମ କରୁଥିବା କମ୍ୟୁନିଟି ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ ଏବେ ସୁଦ୍ଧା ବ୍ରାଉନସୁଗାର ନିଶା ସେବନକାରୀଙ୍କ ସଂଖ୍ୟା ଯେତିକି କୁହାଯାଉଛି, ବାସ୍ତବ କ୍ଷେତ୍ରରେ ତା'ଠାରୁ ଢେର୍ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ସାରା ବିଶ୍ୱରେ ଆଜି ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳନ ହେଉଥିବାବେଳେ ଏଭଳି ପରିସଂଖ୍ୟାନ ରାଜ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ କେବଳ ବ୍ରାଉନସୁଗାର ସେବନକାରୀଙ୍କ ସଂଖ୍ୟା ସାଢ଼େ ୩ ଲକ୍ଷରୁ ଅଧିକ ହେବ। ସାରା ରାଜ୍ୟରେ ସେବନକାରୀଙ୍କ ସଂଖ୍ୟାର ପ୍ରାୟ ୩୫ରୁ ୪୦ ପ୍ରତିଶତ କେବଳ ଖୋର୍ଦ୍ଧା, କଟକ ଓ ପୁରୀର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ନିଶା କବଳରେ ପଡ଼ିଥିବା ଛାତ୍ରଙ୍କ ସଂଖ୍ୟା ଦେଢ଼ ଲକ୍ଷରୁ ଅଧିକ ହେବ। କେବଳ ରାଜଧାନୀରେ ବ୍ରାଉନସୁଗାର ସେବନକାରୀ ଛାତ୍ରଙ୍କ ସଂଖ୍ୟା ୫୦ ହଜାର ଟପିଯିବ ବୋଲି ଅନୁମାନ କରାଯାଉଛି। କମ୍ୟୁନିଟି ଫାଉଣ୍ଡେସନ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଶ୍ରୀହର୍ଷ ମହାନ୍ତିଙ୍କ କହିବା ଅନୁସାରେ, ବ୍ରାଉନସୁଗାର ଏବେ ସବୁ ଜାଗାରେ ସହଜରେ ଉପଲବ୍ଧ ହୋଇପାରୁଛି। ଅନ୍‌ଲାଇନ୍‌ରେ ଅର୍ଥ କାରବାର ସହଜ ହୋଇଥିବାରୁ ବ୍ରାଉନସୁଗାଗର ବେପାର ବଢ଼ି ଚାଲିଛି। ଛାତ୍ର ଓ ଯୁବ ଗୋଷ୍ଠୀଙ୍କୁ ନିଶା କବଳରୁ ରକ୍ଷା କରିବାକୁ ହେଲେ ପରିବାର ଓ ଅଭିଭାବକଙ୍କୁ ପ୍ରତ୍ୟକ୍ଷ ଭାବେ ଦାୟିତ୍ୱ ନେବାକୁ ପଡ଼ିବ। କିଛି ବର୍ଷ ହେଲା କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଏକ ଅଭିଯାନ ଆରମ୍ଭ କରି ରାଜ୍ୟରେ ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରିବା ସହ କିଛି ନିଶା ବେପାରୀଙ୍କୁ ଗିରଫ କରୁଛି। ଏହା ଦ୍ୱାରା କିଛି ମାତ୍ରାରେ ନିଶା କାରବାରର ଚେନ୍ ଭାଙ୍ଗୁଛି। ତେବେ ପୂରା ଚେନକୁ ଭାଙ୍ଗିବା ସହ ବ୍ରାଉନସ୍ୟୁଗର କାରବାରର ଚେର ଉପାଡ଼ିବାକୁ ହେଲେ ଆହୁରି ଜୋରଦାର ଅଭିଯାନର ଆବଶ୍ୟକତା ରହିଛି।

## ବରିଷ୍ଠ ସାମ୍ବାଦିକ ଜିମୂତ ମଙ୍ଗରାଜଙ୍କୁ ଦୁର୍ଘଟଣା କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଦଣ୍ଡିତ କରାଯାଉ

ଭୁବନେଶ୍ୱର,୨୭/୬ (ନି.ପ୍ର): ବରିଷ୍ଠ ସାମ୍ବାଦିକ ଜିମୂତ ମଙ୍ଗରାଜଙ୍କର ଯାଁଲାଠାରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ଦୃଘଟଣା ଘଟାଇଥିବା ବ୍ୟକ୍ତିଙ୍କୁ ପୋଲିସ ତୁରନ୍ତ ଚିହ୍ନଟ କରିବା ଦଣ୍ଡିତ କରାଯାଉ ବୋଲି ସାମ୍ବାଦିକ ମିଳିତ ମଂଚ ପକ୍ଷରୁ କୁହାଯାଇଛି। ସେହିପରି ସ୍ୱର୍ଗତ ମଙ୍ଗରାଜଙ୍କ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରାଯାଉ ବୋଲି ସାମ୍ବାଦିକ ମିଳିତ ମଂଚର ଆବାହକ ଲିଙ୍ଗରାଜ ସାହୁ କହିଛନ୍ତି। ସ୍ୱର୍ଗତ ମଙ୍ଗରାଜଙ୍କୁ ମଂଚ ପକ୍ଷରୁ ଗଭୀର ଶ୍ରଦ୍ଧାଳି ପ୍ରଦାନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଯାଇଛି। ଭଗବାନ ତାଙ୍କ ପରିବାର ଲୋକଙ୍କୁ ଶକ୍ତି ପ୍ରଦାନ କରନ୍ତୁ।

# ନନ୍ଦନକାନନ, ଚୁଡ଼ଙ୍ଗଗଡ଼ ଓ ଚନ୍ଦକା ଅଭୟାରଣ୍ୟର ବିକାଶ ପାଇଁ ଦାବି

ଭୁବନେଶ୍ୱର,୨୭/୬ (ନି.ପ୍ର): ଜଟଣୀ ବିଧାୟକ ତଥା "ଆଂଚଳିକ ବିକାଶ କମିଟି"ର ମୁଖ୍ୟ ଉପଦେଷ୍ଟା ସୁରେଶ କୁମାର ରାଉତରାୟ କହିଲେ ଯେ ବିଶ୍ୱପ୍ରସିଦ୍ଧ ନନ୍ଦନକାନନକୁ ଅଧିକ ଆକର୍ଷଣୀୟ କରିବାପାଇଁ ଏବଂ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ଏହାର ସୌନ୍ଦର୍ଯ୍ୟକରଣର ବୃଦ୍ଧି ନିତାନ୍ତ ଆବଶ୍ୟକୀୟ ହୋଇପଡ଼ିଛି। ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ନନ୍ଦନକାନନ ପ୍ରତି ରାଜ୍ୟ ସରକାର ସଠିକ୍ ଦୃଷ୍ଟି ଦେଉନାହାନ୍ତି ବୋଲି ଶ୍ରୀ ରାଉତରାୟ ଅଭିଯୋଗ କରିଛନ୍ତି। ଅନେକ ସମୟରେ ଏଠାରେ ପଶୁ ଓ ପକ୍ଷୀ ମଡ଼କକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ତୁରନ୍ତ ତତ୍ପରତା ପରିଲକ୍ଷିତ ହେଉନାହିଁ। ସେମାନଙ୍କ ତୁରନ୍ତ ଚିକିତ୍ସା ପ୍ରତି ସରକାର ସଚେତନ ରୁହନ୍ତୁ। ନୂତନ ପଶୁପକ୍ଷୀ ଓ ସରିସୃପ ଏବଂ ସର୍ପ ଅଣାଯାଇ ସେମାନଙ୍କର ରହିବା ନିମନ୍ତେ ଅଧିକ ଘର, ବିଦ୍ୟୁତ କରଣ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଉ। ଐତିହାସିକ ଚୁଡ଼ଙ୍ଗଗଡ଼କୁ ନନ୍ଦନକାନର ପରିସରଭୁକ୍ତ କରାଯାଉ ଏବଂ ଏହାର ସୌନ୍ଦର୍ଯ୍ୟକରଣ କରାଯାଉ। ନନ୍ଦନକାନନ ହ୍ରଦ ନନ୍ଦନକାନନର ଶୋଭାବର୍ଦ୍ଧନ କରେ ଏବଂ ଏହା ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଆକର୍ଷଣୀୟ କେନ୍ଦ୍ର ଥିଲା। ଏହାର ପୁନଃରୁଦ୍ଧାର କରାଯାଇ ବୋଟ ଚଲାଯାଉ ଏବଂ ରୋପୱେକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଉଛି। ଟୟ ଟ୍ରେନ ମଧ ଅଚଳ ହୋଇପଡ଼ିଛି। ଏହାକୁ କାର୍ଯ୍ୟକ୍ଷମ କରାଯାଉ। ଚନ୍ଦକା ଏଲିଫ୍ୟାଣ୍ଟ ସ୍ୟାଙ୍କଚୁରିର ପାଚେରୀକୁ ଉଚ୍ଚ କରାଯାଉ ଏବଂ ତାକୁ ଦୃଢ଼ କରାଯାଉ। କାରଣ ହାତୀ ବାହାରି ସ୍ଥାନୀୟ ଅନ୍ଧାରୁଆ, ଘଙ୍ଗାପାଟଣା, ଜାମୁଝରି ଓ କଂଟାବାଡ଼ ପ୍ରଭୃତି ଗାଁରେ ପଶୁଛନ୍ତି। ଚନ୍ଦକା ରିଜର୍ଭ ଫରେଷ୍ଟକୁ ଅଧିକ ଆକର୍ଷଣୀୟ କରିବାକୁ ବ୍ୟାପକ ବୃକ୍ଷରୋପଣ କରାଯାଉ। ମୁଖ୍ୟ କଥା ଏହିକିଯେ ଦାରୁଠେଙ୍ଗରେ ରହିଥିବା ଡଂପିଂୟାର୍ଡ଼ରୁ ମାତ୍ର ୨୦ ପ୍ରତିଶତ ଖାଲି କରାଯାଇଛି। ଏହିବର୍ଷ ଶେଷସୁଦ୍ଧା ସଂପୂର୍ଣ୍ଣ ଡଂପିଂୟାର୍ଡ଼କୁ ସରକାର ସ୍ଥାନାନ୍ତରଣ କରିବାକୁ କମିଟି ପକ୍ଷରୁ ଦାବି କରାଯାଉଛି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏଠାରେ ଏକ ବଗିଚା କରାଯାଉ। ଏହି କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ପ୍ରଭାତ ମଲ୍ଲିକ, ଉପାଧ୍ୟକ୍ଷ ତପନ ଚକ୍ରବର୍ତୀ, ସଂପଂଦକ ତପନ କୁମାର ବଳିଆରସିଂ, କୋଷାଧ୍ୟକ୍ଷ ଅଭୟ ସାମନ୍ତରାୟ, ମନ୍ମଥ ରାଉତରାୟ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଲିଙ୍ଗରାଜ ସାହୁ, ଦୁଃଶାସନ ସ୍ୱାଇଁ, ଅନ୍ତର୍ଯ୍ୟାମୀ କୁଅଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପଂଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ବିଜେପିର ସଜବାଜ




ଭୁବନେଶ୍ୱର,୨୭/୬ (ନି.ପ୍ର): ପଂଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ବିଜେପି ନିଜର ସାଂଗଠନିକସ୍ତରରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ରାଜ୍ୟ ବିଜେପି ଆଜି ୩ଟି ନୂଆ କମିଟି ଗଠନ କରି ଦଳୀୟ ସଂଗଠନକୁ ଆହୁରି ଅଧିକ ସୁଦୃଢ଼ କରିବାକୁ ରଣନୀତି ପ୍ରସ୍ତୁତ କରିଛି। ଶାସକ ବିଜେଡି ନିଜର ସଂଗଠନକୁ କ୍ରିୟାଶୀଳ କରିବାକୁ ଆଜି ଜିଲ୍ଲା ପର୍ଯ୍ୟବେକ୍ଷକ ତାଲିକା ଜାରି କରିଥିବାବେଳେ ରାଜ୍ୟ ବିଜେପି ୩ଟି ନୂଆ କମିଟି ଘୋଷଣା କରିଛି। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଆଜି ଦଳର ୩ଟି ନୂଆ କମିଟି ଗଠନ କରିଛନ୍ତି। ସହରାଂଚଳ, ପଂଚାୟତ ଏବଂ ସୀମା ସୁରକ୍ଷା ପାଇଁ ଏହି ରାଜ୍ୟ କମିଟି ସୃଷ୍ଟି କରାଯିବା ସହ ଏହାର ଅଧ୍ୟକ୍ଷ ଓ ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। ସହରାଂଚଳ କମିଟିର ରାଜ୍ୟ ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ କେଭି.ସିଂହଦେଓ ଓ ସଂଯୋଜକ ଭାବେ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଥିବାବେଳେ ପଂଚାୟତ କମିଟି ରାଜ୍ୟ ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ସଂଯୋଜକ ଭାବେ ଶଙ୍କର ପରିଡ଼ା ଏବଂ ସୀମା ସୁରକ୍ଷା କମିଟିର ରାଜ୍ୟ ଅଧ୍ୟକ୍ଷ ଭାବେ ସାଂସଦ ବସନ୍ତ ପଣ୍ଡା ଓ ସଂଯୋଜକ ଭାବେ ସଞ୍ଜିବ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ବିଜେପି ମିଡିଆ ସେଲ୍ ପକ୍ଷରୁ ସୂଚନା ମିଳିଛି।

# ଟୋକନ୍ ଲାପ୍ସ: ଚାଷୀଙ୍କ ଦୋଷ କ'ଣ ?

## ମଣ୍ଡିରେ ଧାନ ନଷ୍ଟ ହେଉଛି, ଚିନ୍ତାରେ ଚାଷୀ, ଧାନ କିଣା ସମ୍ପର୍କରେ ସ୍ପଷ୍ଟ କରୁନି ଯୋଗାଣ ବିଭାଗ



ଭୁବନେଶ୍ୱର ,୨୭/୬ (ନି.ପ୍ର): ଧାନ ଅମଳ ହୋଇ ନ ଥିଲା। ଚାଷୀଙ୍କୁ ଟୋକନ୍ ମିଳିଗଲା। ଅମଳ ସାରି ମଣ୍ଡିକୁ ଆଣିଲା ବେଳକୁ ଟୋକନ୍ ଲାପ୍ସ କରିଗଲାଣି।

ଚାଷୀ ଟୋକନ୍ ପାଇଲେ। ଟୋକନ୍ ପାଇବାର ଦିନେ ଦୁଇ ଦିନ ଭିତରେ କିଛି ଚାଷୀ କରୋନାରେ ଆକ୍ରାନ୍ତ ହେଲେ। ସରକାରଙ୍କ ନିୟମ ଅନୁଯାୟୀ ସଙ୍ଗରୋଧରେ ରହିଲେ। ସଙ୍ଗରୋଧ ସମୟସୀମା ସରିଲା ବେଳକୁ ଟୋକନ୍ ଲାପ୍ସ।

ଟୋକନ୍ ପାଇ ଚାଷୀ ମଣ୍ଡିକୁ ଧାନ ନେଲେ। କିନ୍ତୁ ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ସେମାନଙ୍କର ନାମ ଏଣ୍ଟ୍ରିରେ ବିଳମ୍ବ ହେଲା। ଦିନ ଦିନ ଧରି ମଣ୍ଡିରେ ନିଜ ଧାନକୁ ଚାଷୀ ଜଗି ରହିଲେ। ସେହି ମଣ୍ଡିରେ ଧାନ ଥିବା ଅବସ୍ଥାରେ ଟୋକନ୍ ଲାପ୍ସ କରିଗଲା। ଏମିତି କାରଣ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଟୋକନ୍ ଲାପ୍ସ ହୋଇଛି। ଏଥିରେ ଚାଷୀଙ୍କ ଦୋଷ କ'ଣ ସେମାନେ ନିଜେ ଜାଣିପାରୁ ନାହାନ୍ତି। ବିନା ଦୋଷରେ ଚାଷୀ କାହିଁକି ତାଙ୍କ ଧାନ ବିକିପାରିବେ ନାହିଁ ? ସରକାରୀ ବ୍ୟବସ୍ଥାରେ ଥିବା ଗୁରୁଚଣ୍ଡାଳ ତ୍ରୁଟି ଓ ଅଭିଜ୍ଞତାର ଅଭାବ ପାଇଁ ଚାଷୀ କାହିଁକି ମୂଲ୍ୟ ଦେବେ ?

କଳାହାଣ୍ଡି, ବରଗଡ଼, ଗଞ୍ଜାମ ସମେତ ବିଭିନ୍ନ ଜିଲ୍ଲାରୁ ଏମିତି ଅଭିଯୋଗ ଗଦା ହେବାରେ ଲାଗିଛି। ବହୁ କଷ୍ଟରେ ନିଜେ ଅମଳ କରିଥିବା ଧାନକୁ ଚାହିଁ ଚାହିଁ ଚାଷୀର ଦିନ ଗଡୁଛି। ଟୋକନ୍ ଲାପ୍ସ ହୋଇଯାଇଥିବାରୁ ସେମାନଙ୍କ ଧାନ ବିକ୍ରି ହେବ କି ନାହିଁ, ତାହା ସେମାନେ ଜାଣିପାରୁ ନାହାନ୍ତି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏହି ପ୍ରସଙ୍ଗରେ ବିକ୍ଷୋଭ, ଧାରଣା ଚାଲିଛି। ସରକାରଙ୍କ ନିକଟରେ ଅଭିଯୋଗ ପହଞ୍ଚୁଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯୋଗାଣ ବିଭାଗର ଉପର ସ୍ତରରେ ଏହାର ପ୍ରଭାବ ପଡୁ ନାହିଁ। ଏହି ପ୍ରସଙ୍ଗରେ ସ୍ପଷ୍ଟ ଉତ୍ତର ଦେବାକୁ କେହି ବାହାରୁ ନାହାନ୍ତି। ବିନା କାରଣରେ ଚାଷୀ ଧାନ ବିକ୍ରି କରି ପାରୁ ନଥିବାରୁ ଚାରିଆଡ଼େ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଫଳରେ ରୋଷର ଶିକାର ହେଉଛନ୍ତି ତଳିଆ ଅଧିକାରୀମାନେ। ଗତକାଲି କଳାହାଣ୍ଡି ଜିଲ୍ଲାରେ ରାସ୍ତାରୋକ ହୋଇଥିଲା। ତଳିଆ ଅଧିକାରୀ ଯାଇ ଚାଷୀଙ୍କୁ ବୁଝାବୁଝି କଲେ। ଏମିତି ବିଭିନ୍ନ ସ୍ଥାନରେ ଚାଷୀଙ୍କ ଅସନ୍ତୋଷକୁ ସାମୟିକ ଭାବେ ଦବାଇବା ପାଇଁ ତଳିଆ ଅଧିକାରୀ ଆଲୋଚନା କରୁଛନ୍ତି। କିନ୍ତୁ ସେମାନେ କିଛି ନିର୍ଭର ପ୍ରତିଶ୍ରୁତି ଦେଇପାରୁ ନାହାନ୍ତି। କାରଣ ଉପର ସ୍ତରରୁ ସେମାନଙ୍କ ପାଖକୁ କିଛି ନୂଆ ନିର୍ଦ୍ଦେଶନାମା ଆସି ନାହିଁ।

ଚଳିତ ବର୍ଷ ଟୋକନ୍‌ର ଅବଧି ମାତ୍ର ୧୨ ଦିନ ରଖାଯାଇଛି, ଯାହା କି ଚାଷୀଙ୍କ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି। ଖରିଫରେ ଏକ ମାସ ଅବଧି ରହୁଥିଲା ବେଳେ ଟୋକନ୍ ଲାପ୍ସ ହେଉଥିଲା। ଏବେ ୧୨ ଦିନ ଯୋଗୁ ସମସ୍ୟା ଗୁରୁତର ଆକାର ଧାରଣ କରିଛି। ବରଗଡ଼ରେ ଏବେ ସୁଦ୍ଧା ପ୍ରାୟ ୧୦ ହଜାର ଚାଷୀ ଧାନ ବିକି ପାରି ନାହାନ୍ତି। ଏଠାରେ ବହୁ ମଣ୍ଡି ବନ୍ଦ ହୋଇଗଲାଣି ଓ ଟୋକନ୍ ଜାରି ହେଉ ନାହିଁ। ସେମିତି କଳାହାଣ୍ଡିରେ ୨୨୦୦ରୁ ଅଧିକ ଚାଷୀଙ୍କ ଟୋକନ ଲାପ୍ସ କରିଛି। ଏଠାରେ ମଣ୍ଡି ନିକଟରେ ବର୍ଷାରେ ଭିଜି ଧାନ ଗଜା ହେଲାଣି। ଗଞ୍ଜାମ ଜିଲ୍ଲାରେ ମଧ ୨ ହଜାରରୁ ଅଧିକ ଚାଷୀଙ୍କ ଟୋକନ୍ ଲାପ୍ସ କରିଗଲାଣି। ଅନ୍ୟ ଜିଲ୍ଲାରେ ମଧ ଏମିତି ଅନେକ ଟୋକନ୍ ଲାପ୍ସ କରିବା ଦ୍ୱାରା ଚାଷୀ ହଇରାଣ ହେଉଥିବାର ଖବର ମିଳିଛି।

ରବି ଧାନ ସଂଗ୍ରହର ସମୟସୀମା ଜୁନ୍ ୩୦ ତାରିଖ। ଆଉ ମାତ୍ର ତିନି ଦିନ ବାକି। ବହୁ ଜିଲ୍ଲାରେ ଧାନ ଉଠାଯାଇ ନାହିଁ। ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ମଣ୍ଡିରେ ଟୋକନ୍ ସରିଯାଇଥିବାରୁ ତଳିଆ ଅଧିକାରୀମାନେ ଏକପ୍ରକାର ହାତ ଟେକି ସାରିଲେଣି। କିନ୍ତୁ ଏହାର ଠୋସ୍ ସମାଧାନ ପାଇଁ ଏ ଯାଏଁ ବିଭାଗ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉ ନାହିଁ।

ସପ୍ତାହକ ତଳେ ଯୋଗାଣ ବିଭାଗ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ଧାନ ସଂଗ୍ରହ ହୋଇଥିବା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ କହିଥିଲେ। କାଗଜପତ୍ରରେ ହିସାବ ଦିଆଗଲା ଯେ ୮୮% ଚାଷୀ ଧାନ ବିକି ସାରିଲେଣି ଓ ଚଳିତ ବିପଣନ ଋତୁରେ ୬ ଲକ୍ଷ ଟନ୍ ଅଧିକ ଧାନ ସଂଗ୍ରହ ହୋଇଛି। କିନ୍ତୁ କାଗଜପତ୍ରରେ ହିସାବ କଲା ବେଳେ ତୃଣମୂଳ ସ୍ତରରେ ଚାଷୀ କି ସମସ୍ୟା ଭୋଗୁଛି ଓ ତା' ଧାନ କିପରି ନଷ୍ଟ ହେବାରେ ଲାଗିଛି, ସେ ଦିଗ ପ୍ରତି ବିଭାଗ ଆଖି ବୁଜି ଦେଇଛି। ଧାନ ସଂଗ୍ରହ ହେଉଥିବା ଜିଲ୍ଲାଗୁଡ଼ିକରୁ ଅବ୍ୟବସ୍ଥାର ଅଭିଯୋଗ ଗଦା ହେଉଥିଲେ ବି ବିଭାଗ ପକ୍ଷରୁ ଚାଷୀଙ୍କୁ ସାନ୍ତ୍ୱନା ଦେଲା ପରି ଧାଡ଼ିଏ କୁହାଯିବାକୁ କେହି ଉଚିତ ମଣୁ ନାହାନ୍ତି। ଯେଉଁ ଚାଷୀଙ୍କ ଝାଳ ବୁହା ଧାନ ନଷ୍ଟ ହେଉଛି ତା'ର ମାନସିକ ଅବସ୍ଥା କିପରି ଥିବ, ତାହା ଲୋକସେବା ଭବନରେ ବସୁଥିବା ଅଧିକାରୀମାନେ ସମ୍ଭବତଃ ବୁଝିବାକୁ ଅକ୍ଷମ।

ପୂର୍ବରୁ ବିଭିନ୍ନ କାରଣ ପାଇଁ ବହୁ ଚାଷୀ ସେମାନଙ୍କ ବଳକା ଧାନକୁ ବିକ୍ରି କରିପାରି ନାହାନ୍ତି। ଯେମିତି ବରଗଡ଼ ଜିଲ୍ଲାରେ ରବି ଧାନର ବମ୍ପର ଉତ୍ପାଦନ ହୋଇଛି। କିନ୍ତୁ ଏକର ପିଛା ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ସେଥିରେ ବହୁ ଧାନ ବଳିପଡ଼ିଛି। ଏବେ ଟୋକନ୍ ଲାପ୍ସ ଯୋଗୁ ଚାଷୀ ପ୍ରଭାବିତ ହେବାକୁ ଯାଉଛି। ସରକାର ଚାଷକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହୁଥିଲା ବେଳେ ବିନା କାରଣରେ ଚାଷୀଙ୍କୁ ମାନସିକ ଦୁଃସ୍ଥିତି ଭିତରକୁ ଠେଲିଦେବା ଆଶ୍ଚର୍ଯ୍ୟଜନକ। ଦିନେ ଦୁଇ ଦିନ ଭିତରେ ଧାନ ଉଠାଇବା ନେଇ ସରକାର ଠୋସ୍ ନିଷ୍ପତ୍ତି ନ ନେଲେ ବହୁ ଜିଲ୍ଲାରେ ଚାଷୀଙ୍କ ଅସନ୍ତୋଷ ସୀମା ଲଂଘିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

# ଜୁଲାଇ ୧ ପର୍ଯ୍ୟନ୍ତ ବାପୁଜୀ ନଗର ଓ ୟୁନିଟ-୪ ଆମିଷ ମାର୍କେଟ ସିଲ୍



ଭୁବନେଶ୍ୱର,୨୭/୬ (ନି.ପ୍ର): କୋଭିଡ୍-୧୯ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୟୁନିଟ୍-୪ ଓ ବାପୁଜୀ ନଗରରେ ଥିବା ଆମିଷ ମାର୍କେଟର ସିଲ୍ ଅବଧିକୁ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ଶନିବାର ବିଏମସି ପକ୍ଷରୁ ବିଧିବଦ୍ଧ ନୋଟିସ୍ ଜାରି ହୋଇଛି। କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଏହି ବନ୍ଦ ନୋଟିସ୍ ଦିଆଯାଇଛି। କୋଭିଡ୍ ଗାଇଡଲାଇନକୁ ଉଲ୍ଲଂଘନ କରିବା ଅଭିଯୋଗରେ ଜୁନ୍ ୧୮ତାରିଖରେ ଏହି ଦୁଇ ଆମିଷ ମାର୍କେଟକୁ ଜୁନ୍ ୨୫ତାରିଖ ପର୍ଯ୍ୟନ୍ତ ସିଲ୍ କରାଯାଇଥିଲା । ତେବେ ପୁଣି ସଂକ୍ରମଣ ଆଶଙ୍କାରେ ଏହି ସିଲ୍ ଅବଧିକୁ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅବଶ୍ୟ ବାପୁଜୀ ନଗରରେ ଥିବା ମେଡିସିନ୍ ଦୋକାନ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ଦୋକାନଗୁଡ଼ିକ ଖୋଲା ରହୁଛି।

# ଟିପିଆର୍ ପୁଣି ୫ତଳକୁ ଖସିଲା : ଖୋର୍ଦ୍ଧା, କଟକ ସମେତ ୪ ଜିଲ୍ଲା ଏବେ ବି ରେଡ୍ ଜୋନ୍‌ରେ

ଭୁବନେଶ୍ୱର ,୨୭/୬ (ନି.ପ୍ର): ରବିବାର ରାଜ୍ୟରେ ୩୪୦୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଟୋଟାଲ ପଜିଟିଭିଟି ରେଟ୍ (ଟିପିଆର) ୫% ତଳକୁ ଖସିଛି। ଶନିବାର ୬୮୩୩୫ ଜଣଙ୍କର ଟେଷ୍ଟିଂ ହୋଇଥିବାବେଳେ ଏତିକି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ରାଜ୍ୟରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯ଲକ୍ଷ ୪୭୦ରେ ପହଞ୍ଚିଥିବା ବେଳେ ୩୨,୭୦୬ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ଆଜି ୩୯ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ କହିଛି। ରାଜ୍ୟରେ ଟିପିଆର୍ ୫%ରୁ କମ୍ ହୋଇଥିଲେ ହେଁ ଏବେ ବି ୪ଟି ଜିଲ୍ଲା ଖୋର୍ଦ୍ଧା, କଟକ, ନୟାଗଡ଼, ପୁରୀ ରେଡ୍ ଜୋନ୍‌ରେ ଅଛି। ଏହି ସବୁ ଜିଲ୍ଲାରେ ଟିପିଆର ୮ଉପରେ ରହିଛି। ସେହିପରି ୭ଟି ଜିଲ୍ଲା ଯଥା ମାଲକାନଗିରି, ଜଗତସିଂହପୁର, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ୟେଲୋ ଜୋନ୍‌ରେ ଅଛି। ଏହି ସବୁ ଜିଲ୍ଲାରେ ଟିପିଆର ୫ଉପରେ ଅଛି। କଟକରେ ୬୭୫୮ଜଣଙ୍କର ଟେଷ୍ଟିଂ ହୋଇଥିବା ବେଳେ ୫୫୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଠାରେ ଟିପିଆ ? ୮.୧୮% ରହିଛି। ଖୋର୍ଦ୍ଧାରେ ୪୯୨୫ଜଣଙ୍କର ଟେଷ୍ଟିଂ ହୋଇଥିବା ବେଳେ ୫୮୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଟିପିଆର୧୧.୮୨% ରହିଛି। ନୟାଗଡ଼ରେ ୧୫୨୫ଜଣଙ୍କର ଟେଷ୍ଟିଂ ହୋଇଥିବା ବେଳେ ୧୬୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଟିପିଆର୍ ୧୦.୪୯% ରହିଛି। ପୁରୀରେ ୨୩୯୫ଜଣଙ୍କର ଟେଷ୍ଟିଂ ହୋଇଥିବା ବେଳେ ୨୧୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଠାରେ ଟିପିଆର୍ ୮.୯୮% ରହିଛି। ଗତକାଲି ଅପେକ୍ଷା ଏଠାରେ ସଂକ୍ରମିତଙ୍କ ହାର କମିଛି।

# ପ୍ରାଚୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ଯିବ ଅଣସର ଭାର



ଭୁବନେଶ୍ୱର ,୨୭/୬ (ନି.ପ୍ର): ଠାକୁର ଜ୍ୱରରେ ପଡ଼ିଛନ୍ତି । ପ୍ରଭୁଙ୍କ ସୁସ୍ଥତା ଲାଗି ପବିତ୍ର ପ୍ରାଚୀକ୍ଷେତ୍ରରୁ ଯିବ ମହାପ୍ରଭୁ ଶ୍ରୀଗନ୍ନାଥଙ୍କ ପାଇଁ ଅଣସର ଫଳଭାର । ଜୁନ ୨୯ ତାରିଖ ମଙ୍ଗଳବାର ପଞ୍ଚମୀ ତିଥିରେ ଏହି ଅଣସର ଭାର ପଠାଯିବାର ସବୁ ବ୍ୟବସ୍ଥା କରାଯାଇଛି । ନିଆଳିର ଶ୍ରୀମାଧବାନନ୍ଦ ଜିଉ ପୀଠ ଓ କାକଟପୁର ବିଶ୍ୱାମିତ୍ର ମଠ ପକ୍ଷରୁ ଏହି ଭାର ପଠାଯାଉଛି । ସକାଳ ୮ଟା ସୁଦ୍ଧା ଶ୍ରୀମାଧବାନନ୍ଦ ଜିଉ ପୀଠରୁ ଫଳ ଭାର ଯାତ୍ରା ବାହାରି କାକଟପୁର ବିଶ୍ୱାମିତ୍ର ମଠ ପାଖରେ ପହଞ୍ଚିବ । ସେଠାରେ ମଧ ପୂର୍ବପ୍ରସ୍ତୁତି କ୍ରମେ ଭକ୍ତ ମାନେ ମଠରେ ଦେଇଥିବା ଫଳ ଭାର ନେଇ ଭାରଯାତ୍ରୀ ମାନେ କୋଣାର୍କ ବାଟ ଦେଇ ଯାତ୍ରା କରିବେ । ଦିନ ପ୍ରାୟ ୧୧ଟା ସୁଦ୍ଧା ସେମାନେ ସ୍ୱାମୀ ପ୍ରଜ୍ଞାନାନନ୍ଦଙ୍କ ବାଲିଘାଇ ଆଶ୍ରମରେ ସାମୟିକ ରହଣି ଓ ଜଳପାନ ପରେ ପୁରୀ ଅଭିମୁଖେ ଯାତ୍ରା କରିବେ । ଦିନ ପ୍ରାୟ ୧ଟା ସୁଦ୍ଧା ପୁରୀ ହାତୀ ଆଖଡା ମଠ ଠାରେ ଭାରଯାତ୍ରୀ ମାନେ ପହଞ୍ଚିଲେ , ସେଠାରୁ ନାମ ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବେ । ସେଠାରୁ ସେବକ ମାନଙ୍କ ସହାୟତାରେ ଏହି ଭାର ସାମଗ୍ରୀ ନୃସିଂହ ଚକଡ଼ାରେ ପହଞ୍ଚାଇ ଦିଆଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅଣସର ଭାର ସାମଗ୍ରୀ ମଧ୍ୟରେ ଅଛି – ପଣସ , ଆମ୍ବ , ସପୁରୀ , କଦଳୀ , ପିଜୁଳି , ଖଜୁରୀ , ତୁଳସୀ ଓ ବିଭିନ୍ନ ପ୍ରକାର ଫୁଲ । ଅନୁରୂପ ଭାବେ ନବମୀ ତିଥିରେ ଦେଉଳି ମଠରୁ ସୁସଜ୍ଜିତ ଶଗଡ଼ରେ ତୁଳସୀ ଓ ଫୁଲ ଭାର ଯିବାର କାର୍ଯ୍ୟକ୍ରମ ମଧ ରହିଛି । ସମସ୍ତ କୋଭିଡ ନିୟମ ମାନି ଖୁବ କମ ସଂଖ୍ୟାରେ ଭକ୍ତଙ୍କୁ ନେଇ ଏହି ଯାତ୍ରା ସମ୍ପନ୍ନ କରାଯିବ ବୋଲି ପ୍ରାଚୀ ସଂସ୍କୃତି ଗବେଷକ ତ୍ରିଲୋଚନ ମିଶ୍ର ଓ ଶ୍ରୀମାଧବାନନ୍ଦ ଜିଉ ମନ୍ଦିର ସେବକ ତ୍ରିଲୋଚନ ପୁଷ୍ପାଳକ ଜଣାଇଛନ୍ତି । ବହୁ ପୁରାକାଳରେ ପୁରୀର ଦଶାବତାର ମଠ ଜରିଆରେ ପ୍ରାଚୀ କୂଳର ବିଭିନ୍ନ ସାମଗ୍ରୀ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଠାଯାଉଥିଲା । ମାତ୍ର ପରେ ଏହି ପରମ୍ପରା ଅବଲୁପ୍ତ ହୋଇଯାଇଥିଲା । ତେବେ ୨୦୦୦ ମସିହାଠାରୁ ତ୍ରିଲୋଚନ ମିଶ୍ରଙ୍କ ଉଦ୍ୟମରେ ପ୍ରାଚୀକ୍ଷେତ୍ରରୁ ଅଣସର ଫଳଭାର ପଠାଯାଇ ଆସୁଥିବା ବେଳେ ଚଳିତବର୍ଷ ଏହି ଯାତ୍ରାରେ ଶ୍ରୀମାଧବାନନ୍ଦ ଜିଉ ପୀଠ ସାମିଲ ହୋଇଛି ।

## ହୃଦଘାତରେ ବେତଗଡିଆ ସରପଂଚଙ୍କ ପରଲୋକ



ବାଲିଆପାଳ,୨୮/୦୬ (ନି.ପ୍ର): ବାଲିଆପାଳ ବ୍ଲକ ବେତଗଡିଆ ପଂଚାୟତର ସରପଂଚ ପରମାନନ୍ଦ ବାଡି (ବାଦଲ ୫୮ ବର୍ଷ) ଆଜି ହୃଦଘାତରେ ପରଲୋକ ହୋଇଛି । ଶ୍ରୀ ବାଡି ରବିବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ବିଜେଡିର ଜଣେ ଆଗ ଧାଡିର କର୍ମୀ ଭାବେ ସେ ବେଶ ଲୋକପ୍ରିୟ ଥିଲେ । ଗତ ୨୦୧୭ ପଂଚାୟତ ନିର୍ବାଚନରେ ସେ ବେତଗଡିଆ ପଂଚାୟତର ସରପଂଚ ଭାବେ ନିର୍ବାଚିତ ହୋଇଥିଲେ । ମଧ୍ୟାହ୍ନ ୧ ଘଟିକା ସମୟରେ ତାଙ୍କର ମର ଶରୀର ଗ୍ରାମରେ ପହଁଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ବିଧାୟକ ନିତ୍ୟାନନ୍ଦ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ମୀନତି ଜେନା, ବିଜେଡି ନେତା ବେଣୁଧର ଜେନା, ବଳରାମ ସାହୁ, ଅଜୟ ପାତ୍ର, ସଞ୍ଜିବ ପାଢୀ, ଡଗରା ସରପଂଚଙ୍କ ପ୍ରତିନିଧି ସତ୍ୟାନନ୍ଦ ମହାନ୍ତି, ସମିତି ସଦସ୍ୟାଙ୍କ ପ୍ରତିନିଧି ନିତ୍ୟାନନ୍ଦ ଜେନା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଁଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

# ନବ ନିଯୁକ୍ତ ସଭାନେତ୍ରୀଙ୍କୁ ଶୁଭେଚ୍ଛା



ବାରିପଦା,୨୮/୦୬ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜୁଜନତା ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଗାମି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ବିଭିନ୍ନ ସଂଗଠନକୁ ସୁଦୃଢ କରିବା ପାଇଁ ସ୍ଥିରକରି ବିଜୁ ମହିଳା ଜନତା ଦଳକୁ ସଦ୍ୟ ପରିବର୍ଦ୍ଧିତ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲା-୧ରେ ଶ୍ରୀମତୀ ଦିପ୍ତିଲତା ମିଶ୍ରଙ୍କୁ ବିଜୁମହିଳା ଜନତା ଦଳର ସଭାପତି ଭାବେ ମନୋନିତ କରିଛନ୍ତି । ଶ୍ରୀମତୀ ମିଶ୍ର ଉଦଳା ମହାବିଦ୍ୟାଳୟରେ ୧୯୯୪ ମସିହାରେ ଡିଗ୍ରିସମାପ୍ତ କରିବା ପରେ ବିଭିନ୍ନ ସଂଗଠନ ସହିତ ଯୋଡିରହି ୨୦୦୯ରୁ ୨୦୧୪ ବାରିପଦା ପୌରପରିଷଦର ଉପ-ନଗରପାଳ ଭାବେ ସହରର ପରିଷ୍କାର ପରିଚ୍ଛନ୍ନତା ଏବଂ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣକାର୍ଯ୍ୟ ସୂଚାରୁରୂପେ ତୁଲାଇଥିଲେ । ଏଥିସହିତ ବିଭିନ୍ନ ମହିଳାସଂଗଠନ ଏସ.ଏଚ.ଜି. ଗ୍ରୁପ ସହିତ ଯୋଡିରହି ମହିଳା ଶସକ୍ତିକରଣ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଲୋକମାନଙ୍କ ନିକଟରେ ପହଞ୍ଚାଉଥିଲେ । ଶ୍ରୀମତୀ ମିଶ୍ରଙ୍କ ନିଯୁକ୍ତିରେ ମୟୂରଭଞ୍ଜ ଜିଲ୍ଲାରେ ବିଜୁଜନତା ଦଳର କର୍ମୀମାନଙ୍କ ମଧ୍ୟରେ ଆନନ୍ଦର ଲହରିଖେଳି ଯାଇଛି । ରାଜ ସ୍ୱମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମମାର୍ଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଧାୟକ ରାଜକିଶୋର ଦାସ, ବାସନ୍ତୀ ହେମ୍ବ୍ରମ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ବର୍ଷିଆନ ନେତା ବିରଭଦ୍ର ସିଂ, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, କୃଷି ଓ ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷମହାନ୍ତି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ.ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପ-ବାଚସ୍ପତିସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ଭାଦବ ହାଁସଦାଃ, ରାଜ୍ୟଖୋଦି ଓ ଗ୍ରାମ୍ୟ ଉଦ୍ୟଗ ବୋର୍ଡର ସଦସ୍ୟ ସରୋଜ କୁମାର ବୋଷ, ଯୁବସଭାପତି-ଅରୁଣବରାଡ, ଛାତ୍ରସଭାପତି ସୁନୀଲ ନାୟକ, ଜୋନାଲଛାତ୍ର ସଭାପତି-ଅବଦୁଲ ହବିବ୍, ଜିଲ୍ଲା ପରିଷଦ ସଭ୍ୟ-ସୁକୁମାରୀ ବାସ୍କେ, ବାରିପଦା ବ୍ଲକ ଅଧ୍ୟକ୍ଷ ପାର୍ବତୀ ହେମ୍ବ୍ରମ, ପୂର୍ବତନ ଉପ-ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜଶିବନାରାୟ ଣକିସ୍କୁ, ବବିତା ଦାସ, ପୂର୍ବତନ ଉପ-ନଗରପାଳ ଦୁର୍ଗାମଣୀ ଆଚାର୍ଯ୍ୟ, ଜିତେନ୍ଦ୍ରମହାନ୍ତି, ସୁବ୍ରମନ୍ୟୁମ ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାଏକ, ବରିଷ୍ଠ କାଉନସିଲର ସରୋଜ ମହାପାତ୍ର, ନିରୋଜସାହୁ, ପ୍ରଭାତମହାନ୍ତି, ଅନନ୍ତ ଦାସ, ବିଦ୍ୟୁତ୍‌ପ୍ରଭା ବେହେରା, ଦ୍ରୌପଦୀ ସାହୁ, ପ୍ରଭାତି ପୃଷ୍ଟି ପୁରୁଷୋତ୍ତମଘୋଷ, ପୁର୍ଣ୍ଣାନନ୍ଦ ପରିଡା, ଶୈଳେନ୍ଦ୍ର ପାତ୍ର, ଛତିଶମହାକୁଡ ପ୍ରମୁଖ ଶ୍ରୀମତୀ ମିଶ୍ରଙ୍କ ନିଯୁକ୍ତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ଶ୍ରୀମତୀ ମିଶ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## ଜିଲ୍ଲାରୁ ୧୬୩ ଆକ୍ରାନ୍ତ ଚିହ୍ନଟ, ଆଉ ୩ ମୃତ

ଭଦ୍ରକ,୨୮/୦୬ (ନି.ପ୍ର): ଆଜି ଆଉ ୧୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଉ ୩ଜଣ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇ ଯାଇଛି । ଯାହା ଫଳରେ ଜିଲ୍ଲାର କୋଭିଡ଼ ପରିସଂଖ୍ୟାନ ଏହି ଭଳି ହୋଇଛି । ମୋଟ ନମୁନା ପରୀକ୍ଷା ୪ ଲକ୍ଷ ୬୮ ହଜାର ୩୨୮, ମୋଟ ଆକ୍ରାନ୍ତ ଚିହ୍ନଟ ୨୨ ହଜାର ୨୫୫, ମୋଟ ସୁସ୍ଥ ହୋଇଛନ୍ତି ୨୦ ହଜାର ୫୩୪, ମୋଟ ମୃତ୍ୟୁବରଣ କରିଛନ୍ତି ୪୭ଜଣ ଏବଂ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୭୪ଜଣ । ଚିହ୍ନଟ ନୂତନ ଆକ୍ରାନ୍ତମାନେ ବାସୁଦେବପୁର ପୌରପାଳିକାର ୧୮ ନଂ ୱାର୍ଡରୁ ୨ଜଣ, ଭଦ୍ରକ ପୌରପାଳିକାର ଜଗନ୍ନାଥପୁର, ଅପର୍ତ୍ତି ବିନ୍ଧା, ପଠାଣସାହି, ଗରଦପୁର, ବରାଳପୋଖରୀ, ଚରମ୍ପା ଓ ବାଗୁରାଇ ଅଞ୍ଚଳରୁ ୧୫ଜଣ, ବନ୍ତ ବ୍ଲକର ଆଡିଆ, ମହାନ୍ତିପଡା, ରାମକୃଷ୍ଣପୁର ଗ୍ରାମରୁ ୭ଜଣ, ଚାନ୍ଦବାଲି ଏନ୍‌ଏସିର ୧ନଂ, ୬ ନଂ, ୭ ନଂ, ୧୫ନଂ ୱାର୍ଡରୁ ମୋଟ ୧୨ଜଣ, ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ, କଣ୍ଟି, ନାଆମି, ପିରିପୁର, ନିର୍ଗୁଣ୍ଡି, ରାହାଞ୍ଚ, ତେସିଙ୍ଗା, ଗ୍ରାମରୁ ୧୪ଜଣ, ଚାନ୍ଦବାଲି ବ୍ଲକର ଭାଯପଡା, ବିଜୟନଗର, ଚରଦିଆ, ଧାମରା, ଘଟପୁର, ଖଦାଳପୋଖରୀ, ମଉସୁଧା, ନଳଗୋହିରା, ନୂଆଗାଁ, ବାଘନଟା, ତେନ୍ତୁଲିଡିହି ଗ୍ରାମରୁ ୨୪ଜଣ, ତିହିଡ଼ି ବ୍ଲକର ବାରୋ, ବିଲଣା, ଜିତାନଗା, ନନ୍ଦପୁର, ନରେନ୍ଦ୍ରପୁର, ରାଜନଗର, ସୟା, ସିନ୍ଧୋଳ, ସାହାପୁର ଗ୍ରାମରୁ ୧୪ଜଣ, ଧାମନଗର ଏନ୍‌ଏସିରୁ ଜଣେ, ବାସୁଦେବପୁର ବ୍ଲକର ଆରୁହା, ବିଦେଇପୁର, ବ୍ରାହ୍ମଣୀଗାଁ ଗ୍ରମାରୁ ୪ଜଣ, ଭଦ୍ରକ ବ୍ଲକର ଆମ୍ବରୋଳି, ବାଣିତିଆ, ବେନ୍ତାଳ, ବିଷ୍ଣୁପୁରବିନ୍ଧା, ଚରମ୍ପା, ଆରଡିଛକ, ଲାଙ୍ଗୁଡି, କଲେଇ, କେଦାରପୁର, କୋଡବରୁଆଁ, କରେଇପୁର, ରାହାଞ୍ଚ, ରାନ୍ଦିଆ, ସାବରଙ୍ଗ, ସାହାଡା ଗ୍ରାମରୁ ୨୫ଜଣ, ଧାମନଗର ବ୍ଲକର ଦଳାଙ୍ଗ, ବାହାରବିଲ, ଦୋବଲ, ପଧାନୀ, ସୋହଡା ଗ୍ରାମରୁ ୩୦ଜଣ, ଅନ୍ୟ ଜିଲ୍ଲାରୁ ୬ଜଣ ଏବଂ ଭଦ୍ରକ ଜିଲ୍ଲାର ୯ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ, ୩୫୭ ବାହନ ଜବତ

ଭୁବନେଶ୍ୱର,୨୮/୦୬ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୩୫୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୫୧,୯୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେପି ରାଜ୍ୟ କାର୍ଯ୍ୟକାରିଣୀ....

ପାରିଲେନି । ଡାକ୍ତର ଅଭାବ, ଡାକ୍ତରଖାନା ଭିତିଭୂମିର ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ବୈଠକରେ କୋଭିଡ ମୃତ୍ୟର ତଥ୍ୟ ଲୁଚାଉଥିବାରୁ ମଧ୍ୟ ରାଜ୍ୟ ସରକାରଙ୍କୁ ନିନ୍ଦା କରା ଯାଇଛି । ଆବାସ ଯୋଜନାରେ ଦଳୀୟ ଭିତିରେ ଅଯୋଗ୍ୟଙ୍କୁ ତାଲିକାଭୁକ୍ତ କରି ଘର ଯୋଗାଇଦିଆଯାଇଛି । ବାତ୍ୟା ଓ ପ୍ରାକୃତିକ ଦୁର୍ବିପାକ ପ୍ରପିଡ଼ିତଙ୍କ ପାଇଁ ଆଠ ଲକ୍ଷରୁ ଅଧିକ ଆବାସ ଘର ଦେ ପ୍ରବାସୀ ଶ୍ରମିକଙ୍କୁ ବଡ଼ ସ୍ୱପ୍ନ ଦେଖାଗଲା । କିନ୍ତୁ ଦେଢ଼ ବର୍ଷ ହେଇଗଲା ଗୋଟିଏ ବି ଜାଗାରେ ଦକ୍ଷତା ମାପ ହେଲାନାହିଁ କିମ୍ବା ନିଯୁକ୍ତି ପାଇଁ ବ୍ୟବସ୍ଥା କରାଗଲା ନାହିଁ । ଚଂଚକତା କରି ବିଦ୍ୟୁତ ବ୍ୟବସ୍ଥା କୁ ବେସରକାରୀ ଅନୁଷ୍ଠାନକୁ ଟେକି ଦିଆଗଲା । ତେଣୁ କର୍ମଚାରୀ ଚାକିରୀ ହରେଇଲେ ଓ ବିଦ୍ୟୁତ ଦର ମଧ୍ୟ ବଢ଼ିଲା । ଏହି ଦୁର୍ନୀତିରେ ରାଜ୍ୟ ସରକାର ଭାଗିଦାର ଅଛନ୍ତି । ଚାଷୀ ମାନଙ୍କ ସମସ୍ୟା ସମାଧାନ ହେଉନି । ଏମଏସପି, ଟୋକନ, ମଣ୍ଡି ବ୍ୟବସ୍ଥା ସବୁ କିଛି ଚାଷୀ ବିରୋଧରେ ଯାଉଛି । ଏହି ପ୍ରସଙ୍ଗରେ ଆଗକୁ ବଡ ଧରଣର ଆନ୍ଦୋଳନ ପାଇଁ ବିଜେପି ଯୋଜନା କରୁଛି ବୋଲି ବୈଠକରେ କୁହା ଯାଇଛି । କେନ୍ଦ୍ର ସରକାର ରାଜ୍ୟକୁ ଯୋଗାଇଥିବା ସ୍ୱାସ୍ଥ୍ୟ ଭିତିଭୂମି, କୋଭିଡ ମୁକାବିଲା ପାଇଁ ସାଧନ, କେନ୍ଦ୍ରୀୟ ସଂସ୍ଥା କୋଭିଡ ମୁକାବିଲା ପାଇଁ ଯୋଗାଇଥିବା ସାହାଯ୍ୟ ଓ ସହଯୋଗ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଐତିହାସିକ ସହଯୋଗ ପାଇଁ ରାଜ୍ୟ କାର୍ଯ୍ୟକରିଣୀରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସରକାର ଓ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆ ଯାଇଛି ।

### ତେଲେଙ୍ଗାନା ସରକାରଙ୍କ....

ଚିହ୍ନଟ କରାଯିବ । ପ୍ରତି ପରିବାରର ଜଣେ ଲୋକକୁ ଚିହ୍ନଟ କରାଯାଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୦ ଲକ୍ଷ ଟଙ୍କା ଜମା କରାଯିବ । କହିରଖୁ କି ତେଲେଙ୍ଗାନା ସରକାରଙ୍କ 'ରାୟଥୁ ବନ୍ଧୁ' ଯୋଜନା ଭଳି ଏହି ଯୋଜନାରେ ବି ଚିହ୍ନଟ ହୋଇଥିବା ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ଟଙ୍କା ପଠାଯିବ । ରବିବାର ଦିନ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଏକ କାର୍ଯ୍ୟକ୍ରମରେ ଦଳିତ ଅଧିକାର ଉପରେ ଚର୍ଚ୍ଚା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ । ଦଳିତ ଲୋକମାନଙ୍କୁ ଆର୍ଥିକ ସ୍ତରରେ ମଜବୁତ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କଥା କୁହାଯାଇଛି । ଏନେଇ ରାଜ୍ୟ କ୍ଷମତାରେ ଥିବା ଚନ୍ଦ୍ରଶେଖର ରାଓଙ୍କ ପାର୍ଟି ଟିଆରଏସ୍ ଦାବି କରିଛି ଏହି ଯୋଜନା ମାଧ୍ୟମରେ ଦଳିତ ଲୋକମାନଙ୍କର ଆର୍ଥିକ ବିକାଶ ହୋଇପାରିବ ।

### ମାଟ୍ରିକ୍ ମାର୍କକୁ ନେଇ....

ଅଭିଭାବକମାନେ ପ୍ରତିବାଦ କରିଛନ୍ତି । ଅଧିକ ଅସନ୍ତୋଷ ଦେଖିବାକୁ ମିଳିଛି , ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ନିକଟରେ । କଟକ କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀ ମଧ୍ୟ ସ୍କୁଲ ସ୍ତରରେ ପ୍ରତିବାଦ କରିଛନ୍ତି । କେଉଁ କାରଣରୁ ମାର୍କ କମିଲା ସେ ନେଇ ସେମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି । ସମ୍ବଲପୁରରେ ମଧ୍ୟ ମାଟ୍ରିକ ମାର୍କକୁ ନେଇ ସ୍କୁଲ ପିଲାଙ୍କ ଭିତରେ ଅସନ୍ତୋଷ । ସମ୍ବଲପୁର ସିଦ୍ଧେଶ୍ୱରୀ ବେର୍ଣ୍ଣା ସରସ୍ୱତୀ ମନ୍ଦିରରେ ଧାରଣାରେ ବସିଛନ୍ତି ଅସନ୍ତୁଷ୍ଟ ଛାତ୍ରଛାତ୍ରୀ । ସେପଟେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବୋର୍ଡ ସଭାପତି । କହିଛନ୍ତି, ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇ ନାହିଁ । ଯେଉଁମାନେ ଅସନ୍ତୁଷ୍ଟ ଅଛନ୍ତି, ସେମାନେ ପୁଣି ଥରେ ପରୀକ୍ଷା ଦେଇପାରିବେ । କିନ୍ତୁ ପ୍ରଶ୍ନ ଉଠୁଛି, ସତରେ କଣ ଛାତ୍ରଛାତ୍ରୀମାନେ ପୁଣି ଥରେ ପରୀକ୍ଷା ଦେଇପାରିବେ ।

### କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ କରୋନା....

ଗାଇଡ, ଟ୍ରାଭେଲ, ଟୁରିଜିମ ଷ୍ଟେକ ହୋଲ୍ଡରମାନଙ୍କୁ ଆର୍ଥିକ ସହାୟତା କରାଯିବ । ସେମାନଙ୍କୁ ୧୦୦% ଗ୍ୟାରେଣ୍ଟ ଯୋଗାଇ ଦିଆଯିବ । ୧୦,୭୦୦ ପଞ୍ଜିକୃତ ଟୁରିଷ୍ଟ ଗାଇଡଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଋଣ ମିଳିବ । ବିଭିନ୍ନ କ୍ଷେତ୍ର ପାଇଁ ୬୦ ହଜାର କୋଟି ଟଙ୍କାର ଋଣ ବ୍ୟବସ୍ଥା କରିଛନ୍ତି । ଏହି ଅର୍ଥ ଉପରେ ବାର୍ଷିକ ୮.୨୫% ସୁଧ ଲାଗିବ । ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁଟ ଅଧୀନରେ ୨୫ ଲକ୍ଷ ଲୋକଙ୍କୁ ଋଣ ଦିଆଯିବ । ଛୋଟ ବ୍ୟବସାୟୀଙ୍କୁ ସର୍ବାଧିକ ୧.୨୫ ଲକ୍ଷ ଯାଏ ଋଣ ଦିଆଯିବ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାକୁ ବୃଦ୍ଧି କରାଯାଇଛି । ଏ ବାବଦରେ ୨,୨୭,୮୪୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହି ଯୋଜନରେ ମହାମାରୀ ଦ୍ୱାରା ପ୍ରଭାବିତ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି । ଜରୁରୀ କାଳୀନ ଋଣ ସୀମାକୁ ମଧ୍ୟ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଯୋଜନାରେ ୩ ଲକ୍ଷ ଯାଏ ଋଣ ଦିଆଯାଉଥିବାବେଳେ ଆଜି ଅର୍ଥମନ୍ତ୍ରୀ ଏହାକୁ ୪.୫ ଲକ୍ଷ ଯାଏ ବୃଦ୍ଧି କରିଛନ୍ତି । ଏହି ଯୋଜନା ଗତବର୍ଷ ଆତ୍ମନିର୍ଭର ଭାରତ ପାଇଁ ଘୋଷଣା ହୋଇଥିବା ପ୍ୟାକେଜର ଅଂଶ ବିଶେଷ । କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ଦେବାକୁ ଏହି ବ୍ୟବସ୍ଥା ହୋଇଥିଲା ।

### ପୁଣି ବିବାଦ ଘେରରେ....

ଲଦାଖ ନଥିଲା । ଏନେଇ ଅଭିଯୋଗ ହେବା ପରେ ପୁଣି ତାକୁ ଠିକ୍ କରିଥିଲା ଟ୍ୱିଟର । ସୂଚନାନୁସାରେ, ଭାରତ ସରକାର ଏହି ପ୍ରସଙ୍ଗକୁ ଗୁରୁତର ସହ ନେଇ ମାନଚିତ୍ରରେ କେବେ ପରିବର୍ତ୍ତନ କରାଯାଇଥିଲା ସେ ନେଇ ପଚରାଉଚରା କରୁଛନ୍ତି ? ଏହି ମାନଚିତ୍ରଟି କେବେ ୱେବସାଇଟରେ ରଖାଗଲା ଏବଂ ମାନଚିତ୍ରରେ ପରିବର୍ତ୍ତନ ପଛରେ ଉଦ୍ଦେଶ୍ୟ କ'ଣ ? ସେ ନେଇ ପଚରାଉଚୁରା କରାଯାଉଛି । ଏଥିପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି । କହିରଖୁ କି ପୂର୍ବ ସପ୍ତାହରେ କପିରାଇଟ ଆଇନ ଉଲଙ୍ଘନ କରିଥିବା ଅଭିଯୋଗରେ ସୂଚନା ଓ ପ୍ରଶାରଣ ମନ୍ତ୍ରୀ ରବି ଶଂକରଙ୍କ ଆକାଉଣ୍ଟକୁ ଟ୍ୱିଟର ୧ ଘଂଟା ପାଇଁ ବନ୍ଦ କରିଦେଇଥିଲା । ଏହାକୁ ନେଇ ରବିଶଂକର କ୍ଷୋଭ ପ୍ରକାଶ କରିଥିଲେ ।

### ଅତ୍ୟାଧୁନିକ ଦୂରଗାମୀ କ୍ଷେପଣାସ୍ତ୍ର....

ଟେଲିମେଟ୍ରି ଓ ରାଡ଼ାର ରଖାଯାଇଥିଲା । ଅଗ୍ନି ପ୍ରାଇମର ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏବଂ ଆଇଟିଆରର ପଦସ୍ଥ ଅଧିକାରୀ, କ୍ଷେପଣାସ୍ତ୍ର ବିଶେଷଜ୍ଞ, ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କ ମଧ୍ୟରେ ଖୁସୀର ଲହରି ଖେଳିଯାଇଛି ।

### ଜୁନ ମାସ ପାଇଁ ଅତିରିକ୍ତ ୬ ଲକ୍ଷ....

ଜୁନରେ ଓଡ଼ିଶା ୧୩ ଲକ୍ଷ ୭୮ ହଜାର ୩୧୦ ଡୋଜ୍ କୋଭିସିଲ୍ଡ ଟିକା ପାଇଥିବା ବେଳେ ଏହା ଜିଲ୍ଲାଗୁଡ଼ିକୁ ପଠାଇ ଦିଆଯାଇଛି । ମଙ୍ଗଳବାର କୋଭିସିଲ୍ଡ ଟିକା ସରୁଥିବାରୁ ଟିକାକରଣ ବାଧାପ୍ରାପ୍ତ ହେବ । ସେଥିପାଇଁ କେନ୍ଦ୍ର ଅତିରିକ୍ତ ୬ କୋଭିସିଲ୍ଡ ଟିକା ଜୁନ୍ ମାସରେ ଦେବାକୁ ସେ ଅନୁରଧ କରିଛନ୍ତି ।

### ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ....

ଏଥିପାଇଁ କାର୍ଯ୍ୟକର୍ତାମାନେ ଆଂଚଳିକ ସ୍ତରରେ ଲକ୍ଷାଧିକ ଲୋକଙ୍କୁ ଯୋଡ଼ି ଦଳୀୟ ସଂଗଠନକୁ ମଜବୁତ୍ କରିବାର ଆବଶ୍ୟକତା ରହିଛି । ଭାରତୀୟ ଜନତା ପାର୍ଟି ଦେଶରେ ସବୁଠୁ ପ୍ରଭାବଶାଳୀ ଜନଆନ୍ଦୋଳନର ରୂପ ନେଇସାରିଛି । ଓଡ଼ିଶାରେ ମଧ୍ୟ ବିଗତ ବର୍ଷ ଧରି ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ଅନୁମେୟ କଲେ ବିଜେପି ପ୍ରତି ଲୋକମାନଙ୍କ ବିଶ୍ୱାସ ବଢ଼ିଛି । ୨୦୧୪ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦଳର ଲୋକପ୍ରିୟତା ବଢ଼ିଛି । ଆଗକୁ ମଧ୍ୟ ଆମକୁ ସ୍ଥାନୀୟ ନିର୍ବାଚନ ଏବଂ ସଂଗଠନ ଉପରେ ଯୋରଦେବାକୁ ପଡ଼ିବ । ଆଜିର ବୈଠକରେ ପ୍ରସ୍ତୁତ ହୋଇଥିବା ଆଗାମୀ ଦିନର ରଣନୀତି ଦଳ ପାଇଁ ବେଂଚମାର୍କ ଏବଂ ନିର୍ଣ୍ଣାୟକ ହେବ । କାର୍ଯ୍ୟକର୍ତାମାନେ ସମସ୍ତେ ନିଜେ ନିଜେ ଆତ୍ମସମୀକ୍ଷା କରିବା ଦରକାର । କେବଳ କ୍ଷମତାର ଦାୟିତ୍ୱ ଏବଂ ପଦପଦବୀରେ ବସିବା ନୁହେଁ ବରଂ ବଡ ଲକ୍ଷ୍ୟ ନେଇ ସାଢେ ଚାରି କୋଟି ଓଡ଼ିଆଙ୍କ ଜୀବନରେ ମୂଳ ପରିବର୍ତନ ଆଣିବା ଆମର ଲକ୍ଷ୍ୟ ହେବା ଦରକାର । ଏଥିପାଇଁ ସମସ୍ତେ ଗୁଣ୍ଡୁଚି ମୂଷା ଭଳି ଧୂଳି ଝାଡ଼ିବା କାମରେ ଲାଗିବା ଦରାକାର । କେବଳ ବିଧାୟକ, ସାଂସଦ ହେବା ପାଇଁ ନୁହେଁ, ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ପୃଥିବୀର ଏକ ଆକର୍ଷଣୀୟ ଅଂଚଳ ଭାବେ ଗଢ଼ିତୋଳିବା ପାଇଁ ଆମର ଦାୟିତ୍ୱ ଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ସମ୍ବେଦନଶୀଳ ନେତୃତ୍ୱ କାରଣରୁ ଓଡ଼ିଶାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି ।

## ବିଦ୍ୟୁତ ସୁରକ୍ଷା ସପ୍ତାହରେ ବିଦ୍ୟୁତ କର୍ମଚାରୀ କଲେ ବୃକ୍ଷରୋପଣ



ବାରିପଦା,୨୮/୦୬ (ନି.ପ୍ର): ବିଦ୍ୟୁତ ସୁରକ୍ଷା ସପ୍ତାହ ଅବସର ରେ ଛାଂଚ ସେକସନରେ ଆଜି ବିଦ୍ୟୁତ କର୍ମଚାରୀ ମାନେ ବୃକ୍ଷରୋପଣ କରି ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ କରିଥିବାର ଜଣା ଯାଇଛି । ଛାଂଚ ସେକସନର କନିଷ୍ଠ ଯନ୍ତ୍ରୀ ସୁମନ୍ତ ସାହୁଙ୍କ ନେତୃତ୍ୱତରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଦ୍ୟୁତ ଉପଖଣ୍ଡ ଅଧିକାରୀ ରୁରାଲ ଶ୍ରୀ ସତ୍ୟବ୍ରତ ସେଠୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଟାଟା ପାୱାର ଦ୍ୱାରା ଜୁନ ୨୬ ରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ବିଦ୍ୟୁତ ସୁରକ୍ଷା ସପ୍ତାହରେ ଛାଂଚ ସେକସନର କର୍ମଚାରୀ ଚନ୍ଦନ ମହାନ୍ତି, ସୁଶାନ୍ତ ମହାନ୍ତ, ବିରଂଚି ପାତ୍ର, ଉତ୍ପଳ ଭଂଜବାବୁ, ଦେବାଶିଷ ବେହେରା, ଜୟନ୍ତ ମହାନ୍ତ, ରବିନ୍ଦ୍ର ମହାନ୍ତ ପ୍ରମୁଖ ବୃକ୍ଷରୋପଣ ପୂର୍ବକ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିଥିଲେ ।

## ଭୂମିହୀନଙ୍କୁ ପଟ୍ଟା ଲାଗି ଆର୍ ଆଇ ଅଫିସ୍ ଘେରିବ କଂଗ୍ରେସ

ଜଳେଶ୍ୱର ୨୮/୬ (ନିପ୍ର) : ଏବେବି ବହୁ ପରିବାରଙ୍କର ଘରଡିହ ପଟା ନ ଥିବାରୁ ସରକାରଙ୍କ ଆବାସ ଯୋଜନା ସାତ ସପନ ହୋଇଛି । ତେଣୁ ଭୂମୀ ହିନଙ୍କୁ ଘରଡିହ ପଟା ଓ ପକ୍କାଘର ଯୋଗାଇବା ଦାବିରେ କଂଗ୍ରେସ ଆର.ଆଇ ଅଫିସ୍ ଗୁଡିକୁ ଘେରିବ ବୋଲି ସୂଚନା ମିଳିଛି । କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଭୂମୀହିନଙ୍କୁ ପଟାଦେବାଲାଗି ବାରମ୍ବାର ଆନ୍ଦୋଳନ ହୋଇ ଆସୁଛି । ସୂଚନା ଅନୁଯାଇ ୧୨୧୦ ଭୂମୀ ହୀନ ଆବସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ବିବେଚିତ ହୋଇ ଗୃହ ଯୋଗାଇବା ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ହେମନ୍ତ ଗିରିଙ୍କ ସଭାପତିତ୍ୱରେ ଏହି ବୈଠକରେ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗ ଦେଇ ଭୂମୀହିନଙ୍କ ଲାଗି ଆନ୍ଦୋଳନକୁ ଶକ୍ତିଶାଳି କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ମୋତିଲାଲ ଦାସ ଅଧିକାରୀ, ପ୍ରକାଶ ଗୋସ୍ୱାମୀ, ଖୋକନ ମହାନ୍ତି, ରଂଜନା ପଟ୍ଟାୟତ, ଶ୍ରୀକାନ୍ତ ସିଂ, ସୁରେଶ ମହାନ୍ତ, ଦୀପକ ପାତ୍ର, ମିହିର ମହାନ୍ତି ପ୍ରମୁଖ ଆନ୍ଦୋଳନକୁ ଯୋରଦାର କରିବାକୁ ଆହ୍ୱାନ ଦେଇଥିଲେ ।

## କୁହ୍ଲାଚଡ ଗ୍ରାମର ଯୁବକମାନଙ୍କଦ୍ୱାରା ଗ୍ରାମ ସଫେଇ କାର୍ଯ୍ୟକ୍ରମ



ବାଲିଆପାଳ,୨୮/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ କୁହ୍ଲାଚଡଗ୍ରାମରେ ଆଜି ଗ୍ରାମର କିଛି ସ୍ୱେଚ୍ଛାସେବୀ ଯୁବକ ମାନଙ୍କ ଦ୍ୱାରା ଗ୍ରାମ ସଫେଇ କାର୍ଯ୍ୟକ୍ରମ ସାଙ୍ଗକୁ ବୃକ୍ଷରୋପଣ କରାଯାଇଛି । ବାତ୍ୟା ୟାସପରେ ଗ୍ରାମ ରାସ୍ତା ସମେତ ଗାଁ ଦାଣ୍ଡର ପରିବେଶ ଅତ୍ୟନ୍ତ ଶୋଚନୀୟ ହୋଇଯାଇଥିଲା । ଗ୍ରାମର ଗଣେଶ ଗିରି, ମନୋଜ ସାହୁ, ଗୌତମ ଗିରି, ରାଧାନାଥ ଜେନା, ପଙ୍କଜ କୁମାର ସାହୁ, ଶିବଶଙ୍କର ସାହୁ, ସଞ୍ଜୟ ଗିରି.ଚନ୍ଦନ ସାହୁ, ସୀତାନାଥ ଜେନା, ତାପସ ଜେନା, ଦେବେନ୍ଦ୍ର ଗିରି,ଜ୍ୟୋତିରଞ୍ଜନ ସାହୁ, ସରୋଜ ସେନାପତି,ରତନ ଗିରି ପ୍ରମୁଖ ଯୁବକ ମାନେ ଗାଁ ରାସ୍ତା ଘାଟ ସଫେଇ କରିବା ସହ ମାଟି ପକାଇ ଖାଲ । ଷ୍ଟାଗଗୁଡିକ ସମତୁଲ କରିଥିଲେ ।ପରେ ଏହି ଯୁବକ ମାନେ ରାସ୍ତା ପାଶ୍ୱରେ ବୃକ୍ଷରୋପଣ କରିଥିଲେ । ଆଗକୁ ବୃକ୍ଷରୋପଣ କାର୍ଯ୍ୟ ଜାରି ରହିବ ବୋଲି ଏହି ଯୁବକମାନେ କହିଛନ୍ତି । ଯୁବକ ମାନଙ୍କର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

## ଭୋଜି ଖାଇ ୩୦ ରୁ ଉର୍ଦ୍ଧ୍ୱ ଅସୁସ୍ଥ : ଗ୍ରାମରେ ପହଂଚିଲା ସ୍ୱାସ୍ଥ୍ୟ ଟିମ୍

ବାଲେଶ୍ୱର,୨୮/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ଗୋପୀମୋହନପୁର ଗ୍ରାମରେ ଭୋଜି ଖାଇ ୩୦ ରୁ ଉର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇପଡିଛନ୍ତି । ଭୋଜି ଖାଇବା ପରେ ସମସ୍ତେ ପ୍ରାୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଖବର ପାଇ ସ୍ୱାସ୍ଥ୍ୟ ଟିମ୍ ଗ୍ରାମରେ ପହଂଚି ସ୍ଥିତିର ଅନୁଧ୍ୟାନ କରିବା ସହ ଅସୁସ୍ଥ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି । ସ୍ଥିତି ନିୟନ୍ତ୍ରଣାଧିନ ଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

## ନୀଳଗିରି ଆଇ.ସି.ଡି.ଏସ.ରେ ଛତୁଆର ମହାଘୋଟାଲା



ନୀଳଗିରି,୨୮/୦୬ (ନି.ପ୍ର): ନୀଳଗିରି ଆଇ.ସି.ଡି.ଏସ. ପକ୍ଷରୁ ପ୍ରଦାନ କରାଯାଉଥିବା ଶିଶୁ, ପୃଷ୍ଟିହୀନ ଶିଶୁ, ଗର୍ଭବତୀ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଛତୁଆ ଓ ଲଡୁରେ ମହାଘୋଟାଲା ହୋଇଥିବା ବେଳେ ବିଭିନ୍ନ ଛତୁଆ ପ୍ୟାକେଟରେ ବାହାରେ ଅସଲି ଥିବା ବେଳେ ଭିତରେ ନକଲି ଥିବାର ଖୋଦ ସି.ଡି.ପି.ଓ. ସଂଯୁକ୍ତା ମହାରଣା ନିଜ ଆଖିରେ ଦେଖିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ନୀଳଗିରି ଏନ.ଏ.ସି. ସମେତ ନୀଳଗିରି ବ୍ଲକର ସିଆଡ଼ିମାଳ, ଜଡ଼ିଦା, ଜାମୁଡ଼ିହା ସମେତ ଔପଦା ବ୍ଲକର ୫ଟି ପଞ୍ଚାୟତକୁ ଶିଶୁ, ପୃଷ୍ଟିହୀନ ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଇଁ ଶକ୍ତିମିରା ସ୍ୱୟଂ ସହାୟକ ଗୋଷ୍ଠି ଆଜକୁ ଦଶବର୍ଷ ଧରି ଛତୁଆ ଯୋଗାଇ ଆସୁଥିବା ବେଳେ ବିଭିନ୍ନ ଛତୁଆ ପ୍ୟାକେଟରେ ପ୍ରକୃତ ଓଜନ ଠାରୁ ବହୁ କମ୍ ଥିବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଠାରେ ମୌଖିକ ଅଭିଯୋଗ ଆସିଲା ପରେ କେନ୍ଦ୍ରମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଘଟଣାକୁ ଗୁରୁତ୍ୱ ଦେଇ ସୋମବାର ଦିନ ନୀଳଗିରି ସି.ଡି.ପି.ଓ. ସଂଯୁକ୍ତା ମହାରଣାଙ୍କୁ ଧରି ଜାଉଁରି ଅଙ୍ଗନୱାଡ଼ି କେନ୍ଦ୍ର କୁ ଯାଇ ଦିଆଯାଇଥିବା ବିଭିନ୍ନ ଛତୁଆ ପ୍ୟାକେଟ କୁ ଓଜନ କଲାପରେ ପ୍ୟାକେଟ ରେ ପ୍ରିଣ୍ଟ ଥିବା ୪କି.ଗ୍ରା. ୪୦୦ଗ୍ରାମ ପରିବର୍ତ୍ତେ ୩କି.ଗ୍ରା.୮୦୦ଗ୍ରାମ ରହିଥିଲା । ୬ ମାସ ରୁ ୩ବର୍ଷ ପୁଷ୍ଟିହୀନ ଶିଶୁମାନଙ୍କ ନିମନ୍ତେ ୨କି.ଗ୍ରା.୨୦୦ଗ୍ରାମ ଛତୁଆ ଦେବାର ନିୟମ ଥିବା ବେଳେ ପ୍ୟାକେଟରେ ୧କି.ଗ୍ରା. ୮୦୦ଗ୍ରାମ ରହିଥିଲା ।ସେହିପରି ଲଡୁ ୫୫୦ଗ୍ରାମ ଦେବାର ନିୟମ ଥିବା ବେଳେ ଓଜନ କଲାପରେ ୩୦୦ ଗ୍ରାମ ଥିଲା । ସମସ୍ତ ଛତୁଆକୁ ବିଭିନ୍ନ କଣ୍ଟାରେ ଓଜନ କଲାପରେ ବି ପ୍ୟାକେଟରେ ପ୍ରିଣ୍ଟ ଥିବା ଓଜନ ଠାରୁ ବହୁ କମ୍ ରହିଥିବା ସି.ଡି.ପି.ଓ. ଜାଣିବାକୁ ପାଇଥିଲେ । ଛୁଆ ଓ ଗର୍ଭବତୀ ମହିଳାଙ୍କ ଛତୁଆକୁ କିପରି ଭାବେ ଦୁର୍ନିତୀ କରାଯାଉଅଛି ବୋଲି ଚନ୍ଦ୍ରବିନ୍ଦୁ ଦାସ କ୍ଷୋଭ ପ୍ରକାଶ କରିବା ସହ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ କରିଛନ୍ତି । ସୂଚନାଥାଉକି ସମସ୍ତ ପ୍ୟାକେଟରେ ଉପଯୁକ୍ତ ପରିମାଣ ଓଜନର ପ୍ରିଣ୍ଟ ରହିଥିବା ବେଳେ ଭିତରେ କିନ୍ତୁ ସଠିକ୍ ଓଜନର ଛତୁଆ ରହି ନ ଥିବା ବେଳେ କେଉଁ ପ୍ୟାକେଟରେ ୭୦୦ ଗ୍ରାମ କମ୍ ତ କେଉଁ ପ୍ୟାକେଟରେ ୨୫୦ଗ୍ରାମ ସୁଜି କମ୍ ରହିଛି । ସେହିପରି ଲଡୁ୫୫୦ ଗ୍ରାମ ବଦଳରେ ୩୦୦ ଗ୍ରାମ ରହିଥିବା ଜଣାପଡ଼ିଛି । ମୋଟାମୋଟି ଭାବେ ସମସ୍ତ ପ୍ୟାକେଟରେ ବାହାରେ ଓଜନ ମାପ ଅସଲି ଲେଖାଯାଇଥିବା ବେଳେ ଭିତରେ ଓଜନ ନକଲି ବୋଲି ଜଣାପଡ଼ିଛି । ଏ ନେଇ ଶକ୍ତିମିରା ସ୍ୱୟଂ ସହାୟିକା ଗୋଷ୍ଠୀର ପରିଚାଳିକାଙ୍କୁ ପଚାରିବାରୁ ଆମ୍ଭର ଓଜନ କଣ୍ଟାଟି ଭୁଲ ଥାଇ ପାରେ, ସେଥିପାଇଁ ସମସ୍ତ ପ୍ୟାକେଟର ଓଜନ କମ ଆସୁଛି । ପ୍ରଦାନ କରାଯାଇଥିବା ସମସ୍ତ ପ୍ୟାକେଟକୁ ବଦଳାଇ ସଠିକ୍ ଓଜନର ଛତୁଆ ଦିଆଯିବ ବୋଲି ସୂଚନା ଦେଇଛନ୍ତି ।

## ଗଣତନ୍ତ୍ର ଓ କୃଷି ବଂଚାଅ ଦାବିରେ ବାମପନ୍ଥୀ ଓ କୃଷକ ସଂଘର୍ଷ ସମିତିର ପ୍ରତିବାଦ ବିକ୍ଷୋଭ

ଜଳେଶ୍ୱର,୨୮/୦୬ (ନି.ପ୍ର): ଖାଇବା ତେଲ ଓ ପେଟ୍ରୋଲ ଜାତୀୟ ତୈଳଦର ବୃଦ୍ଧି ପ୍ରତିବାଦରେ ଆଜି ବାମପନ୍ଥି ଦଳ ଓ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା । ବଡାବଜାର ପୋଲଠାରେ ବିକ୍ଷୋଭ, ସମାବେଶରେ ୧୯୭୫ ମସିହାର ଭଳି ଏବେ କେନ୍ଦ୍ର ସରକାର ଏକ ଅଘୋଷିତ ଜରୁରୀ ପରିସ୍ଥିତି ଜାରି କରିଛନ୍ତି ବୋଲି ବାମପନ୍ଥି ନେତାମାନେ କହିଥିଲେ । ମୋଦି ସରକାରଙ୍କ ଅଗଣତାନ୍ତ୍ରିକ ଓ ଜନବିରୋଧି ନିତୀ ବିରୋଧରେ ପ୍ରତିବାଦ କରୁଥିବା ବ୍ୟକ୍ତିଙ୍କୁ ଦେଶଦ୍ରୋହୀ କୁହାଯାଉଛି । କରୋନା ମହାମାରୀ ବେଳେ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇଥିବା ବେଳେ ପେଟ୍ରୋଲିୟମ ତୈଳର ଦରବୃଦ୍ଧି ବେଳେ ଟିକସ ବୃଦ୍ଧି କରିବା, ଜିଏସ୍‌ଟି ପ୍ରତ୍ୟାହାର କରିବା, ତେଲ ଡାଲି, ଔଷଧ ଭଳି ୩୪ଟି ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ଅତ୍ୟାବଶ୍ୟକ ଦ୍ରବ୍ୟ ତାଲିକାରେ ସାମିଲ କରିବା, ଆୟ କର ଦେଉନଥିବା ପରିବାରକୁ ମୁଣ୍ଡପିଛା ୧୦ କି.ଗ୍ରା ଚାଉଳ କିମ୍ବା ଗହମ, ତେଲ, ଡାଲି ଇତ୍ୟାଦି ୧୩ଟି ଅତ୍ୟାବଶ୍ୟକର ଜିନିଷର ରେସନ୍ କିଟ୍ ଦେବା, କଳା କୃଷି ଆଇନ୍‌କୁ ବାତିଲ କରିବା ଇତ୍ୟାଦି ଦାବିରେ ୮ଟି ବାମପନ୍ଥି ଦଳ ଗତ ୧୬ ତାରିଖରୁ ଜୁନ ୩ ଯାଏ ପ୍ରତିବାଦ ବିକ୍ଷୋଭ କରୁଥିବା ପରିପ୍ରେକ୍ଷୀରେ ଆଜି ଜଳେଶ୍ୱର ଠାରେ ଏହି ବିକ୍ଷୋଭ ପାଳିତ ହୋଇଛି । ରାଜ୍ୟ, କେନ୍ଦ୍ର ବିରୋଧରେ ସିପିଆଇଏମ୍ ଓ ସଂଘର୍ଷ ସମିତିର ନେତୃବ୍ୟନ୍ଦ ବକ୍ତବ୍ୟ ରଖିଥିଲେ । ଏଥିରେ ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ପଲଟୁ ଦାସ, ଜୀବନ ପରିଡା, ରବିନ୍ଦ୍ର ବାରିକ, ରତନ ଦାସ, ଗଣେଶ ଭୂୟାଁ, ସେକ୍ ଅବଦୁଲ ଦାଦ୍ଦିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

### ଉପରମୁହାଁ ବାଲେଶ୍ୱରର କରୋନା ସଂକ୍ରମଣ
## ଦିନକରେ ୩୯୭ ସଂକ୍ରମିତ ଚିହ୍ନଟ

ବାଲେଶ୍ୱର,୨୮/୦୬ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ଜିଲାରେ କରୋନା ସଂକ୍ରମଣ ହାର ଅପେକ୍ଷାକୃତ ହ୍ରାସ ପାଇଥିବା ବେଳେ ବାଲେଶ୍ୱରରେ ଉପରମୁହାଁ ଧରିଛି । ଗତ ସପ୍ତାହେ ଧରି ଜିଲାର ଦୈନିକ ସଂକ୍ରମଣ ୨ଶହରୁ ୨୫୦ ମଧ୍ୟରେ ଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୯୭କୁ ବୃଦ୍ଧି ପାଇବା ଉଦବେଗର ବିଷୟ ହୋଇଛି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ମୋତିଗଞ୍ଜରୁ ୫ଜଣ, ସଞ୍ଜୟ ହାଇଟ୍‌ସରୁ ୩ଜଣ, ଭାସ୍କରଗଞ୍ଜରୁ ୨ଜଣ, ବାରବାଟିରୁ ୨ଜଣଙ୍କ ସମେତ ଏଡିଏମ ଛକ, ଅଙ୍ଗାରଗଡିଆ, ଆଜିମାବାଦ, ବଟେଶ୍ୱର, ଗୋପାଳଗାଁ, ଆଇଟିଆଇ ଛକ, ମାକଲପୁର, ମଲିକାଶପୁର, ଶୋଭାରାମପୁର, ସୁନହଟ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି । ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୩୪ଜଣ, ବାଲିଆପାଳ ବ୍ଲକରୁ ୪ଜଣ, ବସ୍ତା ବ୍ଲକରୁ ୧୦ଜଣ, ଜଳେଶ୍ୱର ବ୍ଲକରୁ ୪୨ଜଣ, ଖଇରା ବ୍ଲକରୁ ୪୮ଜଣ, ନୀଳଗିର ବ୍ଲକରୁ ୧୧ଜଣ, ଔପଦା ବ୍ଲକରୁ ୮ଜଣ, ରେମୁଣା ବ୍ଲକରୁ ୯୭ଜଣ, ସଦର ବ୍ଲକରୁ ୬୦ଜଣ ଓ ସୋର ବ୍ଲକରୁ ୫୮ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୨,୯୧୭ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୧୯ଜଣ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ମୋଟ ୩୦,୧୯୨ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଏବେ ସକ୍ରିୟ ଥିବା ୨,୫୯୧ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨,୪୯୨ଜଣ ଗୃହ ସଙ୍ଗରୋଧରେ ଏବଂ ୯୯ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ୫୩ବର୍ଷର ଜଣେ ପୁରୁଷ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୨୯ରେ ପହଂଚିଥିବା ସରକାରଙ୍କ ୱେବସାଇଟରେ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଜିଲ୍ଲାରେ ସାମୁହିକ ଟିକାକରଣ ବେଶ ତ୍ୱରାନ୍ୱିତ ହୋଇଥିବା ଦେଖିବାକୁ ମିଳିଛି । ସୋମବାର ଦିନ ଜିଲାର ବିଭିନ୍ନ ଅଂଚଳରେ ୬୨୫୯ଜଣଙ୍କୁ ଟିକା ପ୍ରଦାନ କରାଯାଇଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲ୍ଲାର ମୋଟ ୬,୩୧,୩୨୫ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୦୬,୪୧୮ଜଣ ପ୍ରଥମ ଡୋଜ ଓ ୧,୨୪,୯୦୭ଜଣ ଦ୍ୱିତୀୟ ଡୋଜ ଟିକା ନେଇ ସାରିଥିବା ଜଣାପଡିଛି । ତେବେ ଏଥିରେ ୬୦ବର୍ଷରୁ ଉର୍ଦ୍ଧ୍ୱ ୨,୭୧,୬୮୭ଜଣ, ୪୫ରୁ ୬୦ବର୍ଷ ମଧ୍ୟରେ ୨,୬୧,୨୦୩ଜଣ ଓ ୧୮ରୁ ୪୪ବର୍ଷ ମଧ୍ୟରେ ୯୮,୩୪୫ଜଣ ଟିକା ନେଇଥିବା ସୂଚନା ମିଳିଛି ।

### ହୁଗୁଳା ପଡିଛି ରାଜ୍ୟ ସୀମାନ୍ତ ବେରିକେଟ୍ .............
## ୩ୟ ଲହରକୁ ନେଇ ଚିନ୍ତିତ ଜଳେଶ୍ୱରବାସୀ

ଜଳେଶ୍ୱର ୨୮/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ମଧ୍ୟ ଦେଇ ଯାଇଥିବା ୬୦ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ପ୍ରବାସୀଙ୍କ ଆବାଧ ପ୍ରବେଶକୁ ରୋକିବାଲାଗି ବେରିକେଟ କରାଯାଇ ଯାଞ୍ଚ କରାଯାଇ ଆସୁଛି । ରାଜ୍ୟରେ କରୋନାର୨ୟ ଲହରରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଘଟିବାରୁ ସେଠାରେ ସ୍ୱତନ୍ତ୍ର ପୁଲିସ୍ ବ୍ୟବସ୍ଥା କରାଯିବା ସହିତ ଉପାନ୍ତ ପର୍ଶ୍ଚିମବଂଗକୁ ଲାଗି ରହିଥିବା କେତେକ ମୁଖ୍ୟ ରାସ୍ତା ଓ ଗଳା ରାସ୍ତାକୁ ସୀଲ କରାଯାଇଥିଲା । ଏବେ ରାଜ୍ୟରେ ବାଲେଶ୍ୱର ଜିଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଉଦ୍‌ବେଗ ଜନକ ରହିଥିବା ବେଳେ ଉପାନ୍ତରେ ବେରିକେଟ ହୋଇଥିବା ସମସ୍ତ ରାସ୍ତା ଏବେ ମୁକୁଳ ପଡିଛି । ଏପରିକି ୬୦ନଂ ଜାତୀୟ ରାଜପଥରେ ହେଉଥିବା ଯାଞ୍ଚ ମଧ୍ୟ ହୁଗୁଳା ହୋଇଛି । ଯାହାଫଳରେ ପର୍ଶ୍ଚିମବଂଗର ବହୁ କରୋନା ଆକ୍ରାନ୍ତ ରାଜ୍ୟମଧ୍ୟକୁ ପ୍ରବେଶ କରିବାରେ ସକ୍ଷମ ହେଉଛନ୍ତି । ଦୁଇ ରାଜ୍ୟର ଉପାନ୍ତ ଗ୍ରାମମାନଙ୍କରେ ହେଉଥିବା ସାପ୍ତାହିକ ହାଟ ଓ ବିବାହ ଭୋଜିକୁ ହଜାର ହଜାର ଲୋକେ ଯିବା ଆସିବା କରିବା ସହିତ ସାମାଜିକ ଦୂରତାକୁ ଫୁ କରୁଛନ୍ତି । ଜଗନ୍ନାଥ ସଡକ ହାଟପଦା ନିକଟ, ୬୦ନଂ ଜାତୀୟ ରାଜପଥ ଟୋଲ ପ୍ଲାଜା ନିକଟ ସ୍ଲିପିଂ ରୋଡ, ଆମ୍ବଲିଅଠା-ସୋଲପଟା ଓ ସୁଗୋ-ମାଟିପୁରା ରାସ୍ତାରେ ପୁଲିସ୍ ପ୍ରହର ନ ଥିବାରୁ ଦୁର୍ବୃର୍ତ୍ତମାନେ ବେରିକେଟ୍‌କୁ କାଟି/ଭାଂଗି ଯାନବାହନ ସହିତ ଅବାଧ ଚଳ ପ୍ରଚଳ ହେଉଥିବାରୁ ଜଳେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ବଢି ଚାଲିଛି । ରାଜ୍ୟକୁ କରୋନର ୩ୟ ଲହର ହେଉ କିମ୍ବା ଡେଲ୍ଟା ପ୍ଲସ୍ ଚିନ୍ତା ବଢାଇଥିବା ବେଳେ ଉପାନ୍ତ ଜଳେଶ୍ୱର କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁଲିସ୍ କେବଳ ଫାଇନ୍ କାଟି ନିଜର କର୍ତ୍ତବ୍ୟ ସାରୁଥିବା ବେଳେ ଅମାନିଆଙ୍କୁ ସାବାଡ ଲାଗି ଲାଠି ନ ଧରିଲେ ଅବସ୍ଥା ଅସମ୍ଭାଳ ହେବ ବୋଲି ବହୁ ବୁଦ୍ଧିଜିବି ଚିନ୍ତାପ୍ରକଟ କରିଛନ୍ତି ।

## ଫଟୋସପ୍‌ରେ ଏଡ଼ିଟ କରି ଝିଅର ଫଟୋକୁ କଦର୍ଯ୍ୟ କରି ପୁଅ ଥାନାରେ ଅଟକ

ନୀଳଗିରି,୨୮/୦୬ (ନି.ପ୍ର): ନୀଳଗିରି କଲେଜର +୨, ୨ୟ ବର୍ଷର ଜନୈକ ଛାତ୍ର ଜୈନିକା ଝିଅ ର ମୁହଁକୁ ନେଇ ଫଟୋସପରେ କଦର୍ଯ୍ୟ କରି ଫଟୋ ନିଜର ସାଂଗମାନଙ୍କୁ ସେୟାର କରିବା ଘଟଣାରେ ନୀଳଗିରି ପୋଲିସ ଯୁବକକୁ ଥାନାରେ ଅଟକ ରଖିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଜଳେଶ୍ୱର ଗାନ୍ଧୀ ଛକର ଭେଲରା ମଠ ଅଞ୍ଚଳର ଜନୈକ ଯୁବକ ନୀଳଗିରି ଅଞ୍ଚଳର ଜନୈକ ଯୁବତୀ ସହିତ ମେସେଞ୍ଜର ସଂପର୍କ ଗଢ଼ି ଉଠିଥିବା ବେଳେ ଶେଷରେ ଝିଅର ଫଟୋକୁ କଦର୍ଯ୍ୟ କରି ସାଂଗସାଥୀମାନଙ୍କୁ ସେୟାର କରିବା ଘଟଣାରେ ଝିଅର ମାଆ ନୀଳଗିରି ଥାନାରେ କହିଲା ପରେ ପୋଲିସ ଯୁବକକୁ ଧରି ଆଣି ଥାନାରେ ଅଟକ ରଖିଛି । ତେବେ ଯୁବକ ଜଣକ ନୀଳଗିରିସ୍ଥିତ ସାଇ ଗଣେଶ ଟ୍ୟୁଟୋରିଆଲ ରେ କୋଚିଂ ନେଉଥିବା ଜଣାପଡ଼ିଛି । ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୬,୧୪୮ ନୂଆ ମାମଲା

ନୂଆଦିଲ୍ଲୀ,୨୮/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୬,୧୪୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୯୭୯ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୦୨,୭୯,୩୩୧ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୭୨,୯୯୪ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩,୯୬,୭୩୦ଜଣ ମୃତ୍ୟୁ ବରଣ କରିଛନ୍ତି ।

## ସୁବାସିନୀ ଜେନାଙ୍କୁ ବାଲିଆପାଳ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଶୁଭେଚ୍ଛା



ବାଲିଆପାଳ,୨୮/୦୬ (ନି.ପ୍ର): ରାଜ୍ୟ ବିଜୁ ମହିଳା ଜନତା ଦଳରେ ନୂଆ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି । ବିଜୁ ମହିଳା ଜନତା ଦଳର ସଭାପତି ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଙ୍କ ପ୍ରସ୍ତାବ କ୍ରମେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବିଭିନ୍ନ ପଦରେ କିଛି ଟାଣୁଆ ନେତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ବାଲେଶ୍ୱରର ବରିଷ୍ଠ ନେତ୍ରୀ ତଥା ସମାଜସେବୀ ଶ୍ରୀମତୀ ସୁବାସିନୀ ଜେନା ଙ୍କୁ ଦାୟିତ୍ୱ ମିଳିଛି । ଏହି ଘୋଷଣା କରାଯିବା ପରେ ବାଲେଶ୍ୱର ଦଳୀୟ ନେତୃବୃନ୍ଦ,ଦଳୀୟ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଦଳର ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବିଜୁ କୃଷକ ଜନତା ଦଳର ଜିଲ୍ଲା ସଭାପତି ଅଜୟ କୁମାର ସାମଲ, ଯୁବନେତା ହାଡିବନ୍ଧୁ ରାଉତ, ବାଲିଆପାଳ ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ପୂର୍ବତନ ସରପଞ୍ଚ ଅମରେଶ ମିଶ୍ର,ସରୋଜ କୁମାର ଦାସ, ଗୋପନାରାୟଣ ଜେନା ପ୍ରମୁଖ ବହୁ ନେତୃତ୍ୱ ମଣ୍ଡଳୀ ଭେଟି ଶ୍ରୀମତୀ ଜେନାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

### ପ୍ରକାଶିତ ମେଟ୍ରିକ ଫଳକୁ ନେଇ ଅସନ୍ତୋଷ ——
## ପୁନଃ ମୂଲ୍ୟାଙ୍କନ ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦାବି



ବାଲେଶ୍ୱର,୨୮/୦୬ (ନି.ପ୍ର): ବିନା ପରୀକ୍ଷାରେ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଫଳରେ ତ୍ରୁଟି ଥିବା ଦର୍ଶାଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ତେବେ ପରିଷଦର ଏହି ଫଳକୁ ନେଇ ସରକାରୀ ବିଦ୍ୟାଳୟ ପକ୍ଷରୁ କୌଣସି ଅଭିଯୋଗ ଦେଖାଯାଉ ନଥିବା ବେଳେ ବେସରକାରୀ ତଥା ଘରୋଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶ୍ରେଣୀ ପରୀକ୍ଷା ମାର୍କର ଉଚିତ ମୂଲ୍ୟାଙ୍କନ କରାଯାଇ ନଥିବା ଆରୋପ ଉଠିଛି । ଏହି କ୍ରମରେ ବାଲେଶ୍ୱରର ବେଶ କିଛି ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ସୋମବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିଥିଲେ । ସେହିପରି ଅନ୍ୟ କେତେକ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ରୁଷ୍ଟ ହୋଇ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଫଳାଫଳ ପ୍ରକାଶ ବିରୋଧରେ ବିକ୍ଷୋଦ୍ଗାର କରିଛନ୍ତି । ବିଶେଷ କରି ବାଲେଶ୍ୱର ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକରେ ଏହିଭଳି ସ୍ଥିତି ପରିଲକ୍ଷିତ ହୋଇଛି । ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶ ଅନୁସାରେ ମାଟ୍ରିକ ପରୀକ୍ଷା ବାତିଲ ହେବା ପରେ ପ୍ରତ୍ୟେକ ସ୍କୁଲର ଛାତ୍ରଛାତ୍ରୀଙ୍କ ନବମ ଶ୍ରେଣୀର ଦୁଇଗୋଟି ପରୀକ୍ଷାର ୪୦ ପ୍ରତିଶତ ଓ ଦଶମର ୩ଗୋଟି ଶ୍ରେଣୀ ପରୀକ୍ଷାରୁ ୬୦ ପ୍ରତିଶତ ମାର୍କକୁ ଭିତ୍ତି କରି ଫଳ ପ୍ରକାଶ କରାଯିବା କଥା । ମାତ୍ର ବାସ୍ତବ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଦୁଇଗୋଟି ଶ୍ରେଣୀ ପରୀକ୍ଷାରେ ରଖିଥିବା ନମ୍ବରକୁ ଗୁରୁତ୍ୱ ଦିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି । ନିୟମ ଅନୁସାରେ ପ୍ରତ୍ୟେକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦୁଇଗୋଟି ଶ୍ରେଣୀର ମାର୍କ ଟେବୁଲେସନ ସିଟ ଜିଲା ଶିକ୍ଷା ବିଭାଗ ଦ୍ୱାରା ସ୍ଥିରୀକୃତ ମେଣ୍ଟର ସ୍କୁଲରେ ଜମା କରାଯାଇଥିଲା । ସବୁଠାରୁ ବଡ଼କଥା ହେଲା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ମେଣ୍ଟର ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ମାର୍କକୁ ବୋର୍ଡ଼ ୱେବସାଇଟରେ ଅପଲୋଡ଼ କରିଥିଲେ । ମାତ୍ର ବୋର୍ଡ଼ ଦ୍ୱାରା ପ୍ରକାଶିତ ଫଳରେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କର ଯଥେଷ୍ଟ କମ ମାର୍କ ରହିଥିବା ଆରୋପ ଉଠିଛି । ପ୍ରକାଶ ପାଇଥିବା ଫଳ ସମ୍ପୂର୍ଣ୍ଣ ତ୍ରୁଟିଯୁକ୍ତ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି । ପ୍ରତିବର୍ଷ ରାଜ୍ୟବ୍ୟାପୀ ଆଶାନୁରୂପକ କୃତିତ୍ୱ ଦେଖାଇ ଆସିଥିବା ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନ୍ୟାୟର ଶିକାର ହୋଇଥିବା ସେମାନେ କହିଛନ୍ତି ।

## ସି.ପି.ଆଇ.ଏମ. ର ନୀଳଗିରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ନୀଳଗିରି,୨୮/୦୬ (ନି.ପ୍ର): ବିଶ୍ୱ ମହାମାରୀ କରୋନା ଯୋଗୁଁ ଦେଶ ତଥା ରାଜ୍ୟରେ ବହୁଲୋକଙ୍କର ଜୀବନ ଯାଉଥିବା ବେଳେ ରାଜ୍ୟ ସରକାର ଲକଡାଉନ, ସଟଡାଉନ କରିବା ଯୋଗୁଁ ନିମ୍ନ ମଧବିତ, ଗରିବ ଖଟିଖିଆ ଏବଂ ଶ୍ରମିକ ଶ୍ରେଣୀର ଲୋକ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି । ଦେଶ ତଥା ରାଜ୍ୟରେ ଅହେତୁକ ଦରଦାମ ବୃଦ୍ଧି ପାଇଛି । ତେଣୁ ଏଭଳି ଦୁର୍ଦ୍ଦିନ ସମୟରେ ଏ ସମସ୍ତ ବର୍ଗର ଜନସାଧାରଣମାନଙ୍କର ଜୀବନ ରକ୍ଷା କରିବା ପାଇଁ ନୀଳଗିରି ସି.ପି.ଆଇ.ଏମ. ଆଞ୍ଚଳିକ କମିଟି ତରଫରୁ ଏକ ବିକ୍ଷୋଭ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଥିଲା । ବିକ୍ଷୋଭ ମାଧମରେ ଜନସାଧାରଣଙ୍କୁ ବିନା ପଞ୍ଜିକରଣରେ ଟୀକା ପ୍ରଦାନ ସହିତ ଗରିବ ଜନସାଧାରଣଙ୍କୁ ମାସିକ ୧୦କି.ଗ୍ରା ରେସନ ସାମଗ୍ରୀ, ପ୍ରତି ଗରିବ ଶ୍ରେଣୀର ଲୋକଙ୍କୁ ମାସିକ ୭୫୦୦ ଟଙ୍କା ପ୍ରଦାନ କରିବା ସହିତ ଡିଜେଲ, ପେଟ୍ରୋଲ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ନିୟନ୍ତ୍ରଣ କରିବାକୁ ସ୍ଲୋଗାନ ମାନ ଦେଇଥିଲେ । ଏହି ବିକ୍ଷୋଭରେ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ନିର୍ମଳା ନାୟକ, ଜିଲ୍ଲା ସଂପାଦକ ଶିଶିର ଭୋଇ, ଜିଲ୍ଲା ସଂପଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ଜ୍ୟୋର୍ତିମୟ ରାଉତ, ଯୋଗାନନ୍ଦ ଦାସ, ସୁଶାନ୍ତ ଜେନା, ମୃତ୍ୟୁଂଜୟ ରାଉତ, ପରମାନନ୍ଦ ବେହେରା, ସୁରେନ୍ଦ୍ର ବେହେରା, କୃତିବାସ ମଲିକ, ବିଜୟ ମୁଖୀ, ଅଜିତ ବେହେରା, ସର୍ବେଶ୍ୱର ବେହେରା ପ୍ରମୁଖ ସାମିଲ ଥିଲେ ।

## ଶେଷ ହେଲା ୨୧ଟି ନାଟଗୋଡ଼ର ରାହୁ ରୂପ ଖୋଦେଇ

ପୁରୀ,୨୮/୦୬ (ନି.ପ୍ର): କରୋନା କଟକଣା ମଧ୍ୟରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ କାରିଗର ସେବକମାନେ ଲାଗି ପଡ଼ିଛନ୍ତି । ଆଜି ମହାରଣା ସେବକମାନେ ତିନିରଥର କଳସରେ ସିଲଭର ପାତ ଫିଟିଙ୍ଗ କରିଛନ୍ତି । କଳସ ରଥରେ ଫିଟିଙ୍ଗ ପୂର୍ବରୁ ଚିତ୍ରକର ସେବକମାନେ ୩୨ ଟି ଲେଖାଏଁ ପଦ୍ମ ପାଖୁଡ଼ା ଚିତ୍ର ଅଙ୍କନ କରିବେ । ଏଥିସହ ତିନିରଥର ୨୪ଟି ନାଟଗୋଡ଼ ମଧ୍ୟରୁ ୨୧ଟିରେ ରାହୁ ରୂପ ଖୋଦେଇ ଶେଷ ହୋଇଛି । ଚିତ୍ରକର ସେବକମାନେ ତିନି ରଥର କୋଣଗୁଜ,ପଚ୍ଚାଗୁଜ ଓ ନାଟଗୋଡ଼ରେ ପ୍ରାଇମର ଦେବା ପରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି । ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଳସ କଣ୍ଟା , ଶୂଆ କଣ୍ଟା ଓ ଦୁଆରବେଢା ପାଇଁ କଣ୍ଟା ନିର୍ମାଣ କରୁଛନ୍ତି ।

### ରେଳ ମାଲଗୋଦାମ ଶ୍ରମିକଙ୍କ ସାମାଜିକ ସୁରକ୍ଷା ପ୍ରସଙ୍ଗ
## କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ମାଲଗୋଦାମ ଶ୍ରମିକ ସଂଘର ସ୍ୱାଗତ

ବାଲେଶ୍ୱର,୨୮।୬(): ରେଲୱେ ମାଲ ପରିବହନରେ ନିୟୋଜିତ ଦେଶର ସାତ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ସମାଜିକ ସୁରକ୍ଷା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛି ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ସଂଘ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ଆତିଥ୍ୟ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଦକ୍ଷିଣ-ପୂର୍ବ ଜୋନ କ୍ଷେତ୍ରୀୟ କର୍ମକର୍ତ୍ତା ମନମୋହନ ସେଠୀ, ରାଜ୍ୟ ସଂଗଠକ ନବଜୀବନ ଭୋଇ, ବରିଷ୍ଠ ସଦସ୍ୟ ସୁକାନ୍ତ ଖଟୁଆ ଓ ବିଶ୍ୱଭୂଷଣ ଦାସ ପ୍ରମୁଖ ଯୋଗଦେଇ ମାଲଗୋଦାମ ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାରଙ୍କ ନୂତନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସଂସଦରେ ପାରିତ ନୂତନ ଶ୍ରମ ଆଇନ ବଳରେ ମାଲଗୋଦାମ ଶ୍ରମିକମାନଙ୍କ ସମାଜିକ ସୁରକ୍ଷା ପାଇଁ ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ସଂଘର ଦୀର୍ଘ ଦିନର ଦାବି ପୁରଣ ହେବାକୁ ଯାଉଛି ବୋଲି ସଂଘର କ୍ଷେତ୍ରୀୟ ସଂଗଠକ ଶ୍ରୀ ସେଠୀ କହିଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରାଳୟ, ରେଳ ମନ୍ତ୍ରାଳୟ ଓ ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ସଂଘ ମଧ୍ୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକର ନିଷ୍ପତ୍ତି ଅନୁଯାୟୀ ଜୁଲାଇ ୧୦ ତାରିଖରୁ ଦିଲୀରେ ଓ ୧୫ ତାରିଖରୁ କୋଲକତାରେ ମାଲଗୋଦାମ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଲାଗୁ ହେବାକୁ ଯାଉଥିବା ସେ ସୂଚନା ଦେଇଛନ୍ତି । ଏହି ଯୋଜନାରେ ଶ୍ରମିକମାନେ ବାର୍ଷିକ ଏକ ଲକ୍ଷ ୨୦ହଜାର ଟଙ୍କାର ନିଶ୍ଚିତ ବେତନ, ୬୦ବର୍ଷ ପରେ ପେନସନ, କାର୍ଯ୍ୟରତ ବେଳେ ମୃତ୍ୟୁ ପାଇଁ ୧୦ଲକ୍ଷ ଓ ଦୁର୍ଘଟଣା କ୍ଷେତ୍ରରେ ଅଢେଇ ଲକ୍ଷ ଟଙ୍କା କ୍ଷତିପୂରଣ, ୫ଲକ୍ଷ ଟଙ୍କାର ଗୃହ ନିର୍ମାଣ ଅନୁଦାନ, ରେଳ ହସପିଟାଲରେ ଚିକିତ୍ସା ସୁବିଧା, ପିଲାଙ୍କ ପାଠପଢା, ୭ଶହ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ରେଳ ପାସ ପ୍ରଭୃତି ପାଇବେ ବୋଲି ଶ୍ରୀ ସେଠୀ କହିଥିଲେ । ଦିଲୀ ଓ କୋଲକାତାର ପରେ ଆଗାମୀ ଦିନରେ ଏହି ଯୋଜନା ସମଗ୍ର ଦେଶରେ କାର୍ଯ୍ୟକାରୀ ହେବ ବୋଲି ସେ ସୂଚନା ଦେଇଛନ୍ତି । ଏଥିପାଇଁ ମାଲଗୋଦାମ ଶ୍ରମିକମାନେ ପଞ୍ଜୀକରଣ କରାଇ ଏହି ଯୋଜନାରେ ସାମିଲ ହେବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ତେବେ କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ କେନ୍ଦ୍ର ସରକାରଙ୍କ ଏହି ଯୋଜନା ବିରୋଧରେ ଶ୍ରମିକମାନଙ୍କୁ ବିଭ୍ରାନ୍ତ କରାଉଥିବା ସେ କହିଥିଲେ ।

## ମିଥ୍ୟା ପ୍ରଲୋଭନ ଦେଖାଇ ଟଙ୍କା ଠକି ନେଲେ ମହିଳା
### ରାତାରାତି ପରିବାର ବର୍ଗ ସହିତ ଅସବାବପତ୍ର ନେଇ ଫେରାର



ବାରିପଦା,୨୮/୦୬ (ନି.ପ୍ର): ଦିନକୁ ଦିନ ଚୋରି, ଡକାୟତି, ସାଇବର ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଥିବା ବେଳେ ଜଣେ ଭଦ୍ର ମହିଳା ନୂତନ ଉପାୟରେ ବହୁ ପରିମାଣର ଟଙ୍କା ଦିନ ଦ୍ୱିପହରରେ କିଛି ମହିଳାଙ୍କୁ ମିଛ ପ୍ରଲୋଭନ ଦେଖାଇ ଠକିନେଇ ରାତାରାତି ଫେରାର ହୋଇଯାଇଥିବାର ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ ବାରିପଦା ଟାଉନ ଅନ୍ତର୍ଗତ ନମ୍ବର ୧୫ ନମ୍ବର ଓ ୧୯ ନମ୍ବର ୱାର୍ଡର ୯୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଠାରୁ ବିଭିନ୍ନ ପ୍ରଲଭନ ଦେଖାଇ ବିଭିନ୍ନ ବ୍ୟାଙ୍କରୁ ଲୋନ କରାଇ ଲୋନ ପରିଷଧ କରାଇବା ପ୍ରତିଶୃତି ଦେଇ ବିଶ୍ୱାସଘାତକତା କରି ରାତାରାତି ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇ ଅଭିଯୁକ୍ତ ମହିଳା ଜଣକ ପରିବାର ବର୍ଗଙ୍କ ସହିତ ଆସବାପତ୍ର ଧରି ବାରିପଦାରୁ ଫେରାର ହୋଇଯାଇ ଥିବାର ଅଭିଯୋଗ କରିଛନ୍ତି ଠକାମୀର ଶୀକାର ହୋଇଥିବା ମହିଳା ମାନେ । ଅଭିଯୁକ୍ତ ମହିଳା ଜଣକ ସ୍ଥାନୀୟ ରଘୁନାଥପୁର ଅଞ୍ଚଳରେ ଅସ୍ଥାୟୀ ଭାବେ ନିଜ ଭିଣୋଇ ଘରେ ଦଶ ବର୍ଷ ଧରି ରହି ଆସୁଥିବା ନବକିଶୋର ବେହେରାଙ୍କ ପତ୍ନୀ ଅଷ୍ଟମୀ ବେହେରା ୩୧ବର୍ଷ ବୋଲି ଜଣା ଯାଇଛି । ତେବେ ଅଷ୍ଟମୀଙ୍କ ପ୍ରକୃତ ପୈତୃକ ଘର ବଡ଼ସାହି ଥାନା ଅନ୍ତର୍ଗତ ଛେଳିଆ ଗ୍ରାମରେ ବୋଲି ଜଣା ଯାଇଛି । ଠକାମୀର ଶୀକାର ହୋଇଥିବା ଘଟଣା ସମ୍ପର୍କରେ ଜାଣି ବହୁ ମହିଳା ବାରିପଦା ଟାଉନ ଥାନାରେ ଶନିବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି । ଗରିବ ଆଦିବାସୀ ମହିଳାଙ୍କ ପେଟରେ ଗୋଇଠା ମାରି ଫେରାର ମହିଳା ଅଷ୍ଟମୀ ଓ ଫେରାର ହେବାରେ ସହଯୋଗ କରିଥିବା ଅଭିଯୁକ୍ତର ସ୍ୱାମୀ ନବକିଶୋର ବେହେରା, ଭଉଣୀ ରତ୍ନ ମଙ୍ଗରାଜ, ଭିଣୋଇ ଭଗବାନ ବେହେରା ଓ ମା ଭୁଟି ବେହେରାଙ୍କ ନାମରେ ଅଭିଯୋଗ କରିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପଙ୍କଜିନି ବେହେରା, ବନ୍ଦନା ମଙ୍ଗରାଜ, ମିତା ରାଣୀ ବେହେରା, ବିନା ବେହେରା, ପଙ୍କଜିନି ମହାରଣା, ବିନୁ ବେହେରା ଓ ରାନୁ ବେହେରା ପରି ବହୁ ମହିଳା । ଘଟଣାରେ ସଂପୃକ୍ତ ଥିବା ସମସ୍ତଙ୍କୁ ଗିରଫ କରିବାକୁ ଦାବୀ କରିବା ସହିତ ଆଇନ ଅନୁଯାୟୀ ନ୍ୟାୟ ଭିକ୍ଷା କରିଛନ୍ତି ଅଭିଯୋଗକାରୀ ମହିଳା ମାନେ । କରୋନା ମହାମାରୀ ସମୟରେ ଗୋଟେପଟେ ବ୍ୟାଙ୍କ ମଧକୁ ଲୋକମାନଙ୍କର ପ୍ରବେଶକୁ ସୀମିତ କରାଯାଇଥିବା ବେଳେ ଅନ୍ୟପଟେ ଜଣେ ମହିଳାଙ୍କୁ ଏକାଧିକ ମହିଳାଙ୍କ ନାମରେ କୋଟି କୋଟି ଟଙ୍କାର ଲୋନ କରାଇ ଦେବାକୁ କିଭଳି ବ୍ୟାଙ୍କ କର୍ତ୍ତୃପକ୍ଷ ରାଜି ହୋଇଥିଲେ ତାହା ମଧ ତଦନ୍ତର ପରିସର ଭୁକ୍ତ ହେବା ଆବଶ୍ୟକ ବୋଲି ଅଭିଯୋଗକାରୀ ମତ ରଖିଛନ୍ତି । ତେବେ ବାରିପଦା ଟାଉନ ଥାନା ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣା ଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo